ବର୍ଷ-୨୬, ସଂଖ୍ୟା-୧୨୫
ଭୁବନେଶ୍ୱର
୦୯, ମଇ, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 125
Bhubaneswar
09 May, 2026 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ପ୍ରେମରେ ପଡ଼ିଛନ୍ତି ତାରା ସୁତାରିଆ



# ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

### ଅଗ୍ନିମିତ୍ରା ପଲ୍ ଓ ନିଶିଥ ପ୍ରମାଣିକଙ୍କୁ ଉପ-ମୁଖ୍ୟମନ୍ତ୍ରୀ

କୋଲକାତା,୮।୫(ମହାଭାରତ.): ଯାହା ଆଶା କରାଯାଉଥିଲା ସେଇଆ ହେଲା। ପଶ୍ଚିମବଙ୍ଗରେ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି ଶୁଭେନ୍ଦୁ ଅଧିକାରୀ। ଆଜି ବିଜେପି ବିଧାୟକ ଦଳ ବୈଠକରେ ସେ ନେତା ନିର୍ବାଚିତ ହୋଇଛନ୍ତି। ଅର୍ଥାତ ସେ ବିଜେପି ବିଧାୟକ ଦଳ ନେତା ବନିଛନ୍ତି।ସେ ବିଧାୟକ ଦଳ ନେତା ହୋଇଥିବାରୁ ଆସନ୍ତାକାଲି ଦିନ ୧୧ଟାରେ ବେଙ୍ଗଲର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ବିଧାୟକ ଦଳ ନେତା ଭାବେ ଶୁଭେନ୍ଦୁ ନିର୍ବାଚିତ ହୋଇଥିବା ବିଜେପିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଅମିତ ଶାହ ଓ ସହ ପର୍ଯ୍ୟବେକ୍ଷ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘୋଷଣା କରିଛନ୍ତି। ଅଗ୍ନିମିତ୍ରା ପଲ୍ ଓ ନିଶିଥ ପ୍ରମାଣିକଙ୍କୁ ଉପ-ମୁଖ୍ୟମନ୍ତ୍ରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ବଙ୍ଗଳାରେ ଏହା ପ୍ରଥମ ଅବସର ଯେଉଁଠାରେ ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇଜଣ ଉପ-ମୁଖ୍ୟମନ୍ତ୍ରୀ ରହିବେ।ବିଧାୟକ ଦଳ ବୈଠକରେ ବେଙ୍ଗଲ ବିଜେପିର ବରିଷ୍ଠ ନେତା ଦିଲୀପ ଘୋଷ ହିଁ ଶୁଭେନ୍ଦୁଙ୍କ ନାଁ ପ୍ରସ୍ତାବ ଦେଇଥିଲେ। ଏହାପରେ ସର୍ବସମ୍ମତିକ୍ରମେ ସେ ବିଧାୟକ ଦଳ ନେତା ହୋଇଛନ୍ତି। ଆସନ୍ତାକାଲି ହେବାକୁ ଥିବା ଶୁଭେନ୍ଦୁଙ୍କ ଶପଥ ପାଠ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ପ୍ରମୁଖ ସାମିଲ ହେବେ। କୋଲାକାତାର ପ୍ରସିଦ୍ଧ ବ୍ରିଗେଡ ପ୍ୟାରେଡ ଗ୍ରାଉଣ୍ଡରେ ଶପଥ ସମାରୋହ ଅନୁଷ୍ଠିତ ହେବ। ବେଙ୍ଗଲ ବିଧାନସଭା ନିର୍ବାଚନରେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଶୁଭେନ୍ଦୁ ଅଧିକାରୀଙ୍କୁ ହରାଇଥିଲେ। ଏବେ ସେ ତାଙ୍କ ଉତ୍ତରାଧିକାରୀ ହେବାକୁ ଯାଉଛନ୍ତି। ୨୦୨୦ ଯାଏ ଶୁଭେନ୍ଦୁ ଟିଏମସିରେ ରହିଥିଲେ। ମମତାଙ୍କ ଘନିଷ୍ଠ ସହଯୋଗୀ ଭାବେ କାମ କରୁଥିଲେ। କିନ୍ତୁ ୨୦୨୧ ବେଙ୍ଗଲ ବିଧାନସଭା ନିର୍ବାଚନ ପୂର୍ବରୁ ସେ ଟିଏମସି ଛାଡି ବିଜେପିରେ ମିଶିଥିଲେ।



## ରଥଯାତ୍ରା ପ୍ରସ୍ତୁତି ବୈଠକରେ ହୋହଲ୍ଲା

ପୁରୀ,୮।୫(ମହାଭାରତ.): ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ନେଇ ପ୍ରଥମ ସମନ୍ୱୟ କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରାର ସୁଚାରୁ ପରିଚାଳନା, ଜନଗହଳି ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ହୋଇଥିବା ଏହି ବୈଠକ ଶେଷରେ ହୋହଲ୍ଲା, ଯୁକ୍ତିତର୍କ ଓ ପାଟିତୁଣ୍ଡ ଦେଖିବାକୁ ମିଳିଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଅନେକ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ବିଶେଷକରି ସ୍ୱାସ୍ଥ୍ୟ ସେବା, ଔଷଧ ଯୋଗାଣ ଓ ଡାକ୍ତର ଅଭାବ ପ୍ରସଙ୍ଗରେ ବୈଠକ ସରଗରମ ହୋଇଯାଇଥିଲା। ବହୁ ସଦସ୍ୟ ସ୍ୱାସ୍ଥ୍ୟ ବିଭାଗର ଅପର୍ଯ୍ୟାପ୍ତ ପ୍ରସ୍ତୁତିକୁ ନେଇ ଉଦବେଗ ପ୍ରକାଶ କରିଥିଲେ।

ଏହାସହ ବିଦ୍ୟୁତ ସମସ୍ୟାକୁ ନେଇ ମଧ ତୀବ୍ର କ୍ଷୋଭ ଦେଖାଯାଇଥିଲା। ସହରରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ନେଇ ଟାଟା ପାୱାର ଅଧିକାରୀଙ୍କୁ ସଭ୍ୟମାନେ ଘେରିଥିବା ବେଳେ ସେମାନଙ୍କୁ ମତ ରଖିବାକୁ ସୁଯୋଗ ମଧ ଦିଆଯାଇନଥିଲା।ଏହି ବର୍ଷ ରଥଯାତ୍ରା ପାଇଁ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସହରରେ ବ୍ୟାପକ ସିସିଟିଭି ଲଗାଯିବା ସହ ୨୨୦ ପ୍ଲାଟୁନ ପୋଲିସ ଫୋର୍ସ ଓ ସ୍ୱତନ୍ତ୍ର ସୁରକ୍ଷା ବଳ ନିୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା ଓ ଶାନ୍ତିଶୃଙ୍ଖଳା ରକ୍ଷାକୁ ନେଇ ମଧ ପୋଲିସ ପକ୍ଷରୁ ବିଶେଷ ଯୋଜନା ତିଆରି ହେଉଛି। ଭକ୍ତମାନଙ୍କ ସୁବିଧା ପାଇଁ ଏଥର ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଯିବ। ପୂର୍ବତଟ ରେଳବାଇ ପକ୍ଷରୁ ୬ଟି ଡିସ୍ପ୍ଲେ ବୋର୍ଡ, ଟିକେଟ କାଉଣ୍ଟର ଓ ଅଟୋମେଟିକ୍ ଟିକେଟ ଭେଣ୍ଡିଂ ମେସିନ୍ ସ୍ଥାପନ କରାଯିବାକୁ ଯୋଜନା ହୋଇଛି। ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ପାଇଁ ମଧ ସ୍ୱତନ୍ତ୍ର ବ୍ୟବସ୍ଥା ହେବ।

## ସିଟି ଗ୍ୟାସ ବିତରଣ ନୀତି ବିଜ୍ଞପ୍ତି ଜାରି

ଭୁବନେଶ୍ୱର,୮।୫(ମହାଭାରତ.): ପାଇପ ଯୋଗେ ରନ୍ଧନ ଗ୍ୟାସ ପହଞ୍ଚିବ ଘରେ । ରାଜ୍ୟର ବିଭିନ୍ନ ସହରରେ ସ୍ଥାପନ ସିଏନଜି ଷ୍ଟେସନ । ଏ ଦିଗରେ ପ୍ରକ୍ରିୟା ଆଗେଇଛନ୍ତି ରାଜ୍ୟ ସରକାର । କ୍ୟାବିନେଟ ଅନୁମୋଦନ ପରେ ରାଜ୍ୟ ନଗର ଉନ୍ନୟନ ବିଭାଗ ଆଣିଛି ସିଟି ଗ୍ୟାସ ବିତରଣ ନୀତି ବିଜ୍ଞପ୍ତି। ଏହି ପ୍ରକଳ୍ପରେ ପ୍ରାୟ ୫୧୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ୯ ଲକ୍ଷ ୯ ହଜାର ୬୮୨ଟି ପରିବାରକୁ ପାଇପ ଯୋଗେ ଘରୋଇ ରନ୍ଧନ ଗ୍ୟାସ (ପିଏନଜି) ସଂଯୋଗ ହେବ । ଏହାସହିତ ୨୭୧ଟି ସିଏନଜି ଷ୍ଟେସନ ସ୍ଥାପନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ନଗର ଉନ୍ନୟନ ବିଭାଗକୁ ନୋଡାଲ୍ ଏଜେନ୍ସି ନିଯୁକ୍ତ କରାଯାଇଛି । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଶୀର୍ଷ କମିଟି ଓ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅନୁଧ୍ୟାନ କମିଟି ଗଠନ ହୋଇଛି । ଜିଲ୍ଲାସ୍ତର କମିଟିଗୁଡ଼ିକୁ ସିଙ୍ଗଲ୍ ୱିଣ୍ଡୋ ଅନୁମୋଦନ ବ୍ୟବସ୍ଥା ଭାବେ କାର୍ଯ୍ୟ କରିବାର ଅଧିକାର ଦିଆଯାଇଛି । ଫଳରେ ଗ୍ୟାସ୍ ପାଇପଲାଇନ୍ ବିଛାଇବା ଏବଂ ଭିତ୍ତିଭୂମି ଛିଡା କରିବା ସମ୍ପର୍କିତ ଅନୁମତି ପ୍ରକ୍ରିୟାକୁ ଅଧିକ ସରଳ ତ୍ୱରିତ ହେବ । ସିଟି ଗ୍ୟାସ ବିତରଣ କ୍ଷେତ୍ରର ଦ୍ରୁତ ସମ୍ପ୍ରସାରଣକୁ ପ୍ରୋତ୍ସାହନ ଦେବାକୁ ସମସ୍ତ ଅନୁମତି ଏବଂ ତଦାରଖ ଶୁଳ୍କ ୨୦୧୭ ମସିହା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଛାଡ କରାଯାଇଛି । ନୀତିର ବ୍ୟବସ୍ଥା ଅନୁସାରେ ପ୍ରକଳ୍ପ ପାଇଁ ଆବେଦନ ମିଳିବାର ୭ଟି କାର୍ଯ୍ୟଦିବସ ମଧ୍ୟରେ ଅନୁମତି ଦିଆଯିବ । ୩୦ ଦିନ ମଧ୍ୟରେ କୌଣସି ନିଷ୍ପତ୍ତି ନ ହେଲେ ଏହାକୁ ସ୍ୱତଃ ଅନୁମୋଦିତ ଭାବେ ଗ୍ରହଣ କରାଯିବ ।ରାଜ୍ୟରେ ସିଟି ଗ୍ୟାସ ବିତରଣ ଭିତ୍ତିଭୂମି ବିକାଶ ପାଇଁ ଗେଲ୍, ଗେଲ୍ ଗ୍ୟାସ, ବିପିସିଏଲ୍, ଆଦାନୀ ଟୋଟାଲ୍, ମେଘା ଗ୍ୟାସ ଭଳି ୫ଟି ପ୍ରମୁଖ ସଂସ୍ଥା ଦ୍ୱାରା ପ୍ରାୟ ୫୧୦୦ କୋଟି ଟଙ୍କାର ନିବେଶ ସମ୍ଭାବନା ରହିଛି । ଏହା ମାଧ୍ୟମରେ ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସହରୀ ଭିତ୍ତିଭୂମି ବିକାଶକୁ ନୂଆ ଗତି ମିଳିବ । ସିଟି ଗେଟ୍ ଷ୍ଟେସନ୍ ଏବଂ ସିଏନଜି ଷ୍ଟେସନ୍ ସ୍ଥାପନ ପାଇଁ ସରକାରୀ ଜମିକୁ ୩୦ ବର୍ଷ ପାଇଁ ଦୀର୍ଘମିଆଦୀ ଲିଜ୍ ଭିତ୍ତିରେ ଅଗ୍ରାଧିକାର ଦେବାର ବ୍ୟବସ୍ଥା ରହିଛି । ୫ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରରେ ଶିକ୍ଷାନୁଷ୍ଠାନ ଓ ବେସରକାରୀ ବସ୍‌ଗୁଡିକୁ ଆଗାମୀ ଦୁଇ ବର୍ଷ ମଧ୍ୟରେ ସିଏନଜି ବ୍ୟବହାର କରିବାକୁ ପଡିବ । ଫଳରେ ସହରରେ ପ୍ରଦୂଷଣ ହ୍ରାସ ସହ ପରିବେଶ ସୁରକ୍ଷିତ ହେବ ।

## ସୁଦୃଢ଼ ହେବ ଓଡ଼ିଶା ଓ ବଙ୍ଗ ସମ୍ପର୍କ: ମୁଖ୍ୟମନ୍ତ୍ରୀ

କୋଲକାତା୮।୫(ମହାଭାରତ.): ପଶ୍ଚିମବଙ୍ଗରେ ବିଜେପି ସରକାର ଗଢ଼ିବା ଏକ ଅବିସ୍ମରଣୀୟ ଦିନ । ଏହା ପରେ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ସମ୍ପର୍କ ଆହୁରି ସୁଦୃଢ଼ ହେବ । ଆଜି ପଶ୍ଚିମବଙ୍ଗରେ ବିଜେପି ବିଧାୟକ ଦଳ ନେତା ଘୋଷଣାରେ ସମୟରେ ନିଯୁକ୍ତ ସହ-ପର୍ଯ୍ୟବେକ୍ଷକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଆଶାବ୍ୟକ୍ତ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମାଝୀ ନବ ନର୍ବାଚିତ ବିଧାୟକ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ସହିତ ନବ ନିର୍ବାଚିତ ବିଧାୟକମାନଙ୍କୁ ମଧ ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ୨୦୧୧ ପରେ ବିଜେପି ପ୍ରଥମ ଥର ପାଇଁ ନିର୍ବାଚନରେ ୨୦୦ ଆସନ ପାର୍ କରିଛି । ଏକ ଅବିସ୍ମରଣୀୟ ଦିନ ହୋଇ ରହିବ । ଏଥିପାଇଁ ମୁଖ୍ୟମନ୍ତ୍ରୀ ବଙ୍ଗର ସମସ୍ତ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମହାପ୍ରଭୁ ଜଗନ୍ନାଥ ଏବଂ ମାଆ କାଳୀଙ୍କ ଆର୍ଶୀବାଦରୁ ଏହା କେବଳ ଅସମ୍ଭବ ସମ୍ଭବ ହୋଇପାରିଛି ।



ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡ଼ିଶାର ଲୋକେ କୋଲକାତାକୁ ଦ୍ୱିତୀୟ ଘର ମାନନ୍ତି । ଏହି ଦୁଇ ରାଜ୍ୟର ଲୋକେ ମହାପ୍ରଭୁଙ୍କୁ ହୃଦୟରୁ ଭଲ ପାଆନ୍ତି । ଏହା ଦ୍ୱାରା ପଶ୍ଚିମବଙ୍ଗ ଏବଂ ଓଡ଼ିଶା ମଧ୍ୟରେ ସମ୍ପର୍କ ସୁଦୃଢ଼ ହେବ । କେତେ ଦଶନ୍ଧି ପରେ ପଶ୍ଚିମବଙ୍ଗରେ ନୂଆ ସକାଳ ଆସିଛି । ନୂଆ ଇତିହାସ ସୃଷ୍ଟି ହୋଇଛି । ବଙ୍ଗର ନୂତନ ଅଧ୍ୟାୟ ଲେଖାଯିବ । ଏଥିରେ କେନ୍ଦ୍ର ମନ୍ତ୍ରୀ ଅମିତ ଶାହ ସହିତ ଦାୟିତ୍ୱ ଦିଆଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ନୀତୀନ ନବୀନ ଏବଂ ଅମିତ ଶାହ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି । ପଶ୍ଚିମବଙ୍ଗର ଜନତା ସମସ୍ତ ଭୟକୁ ପଛରେ ପକାଇ ବିକାଶର ରାସ୍ତାକୁ ବାଛିଛନ୍ତି । ଶାହଙ୍କ ଦୃଢ଼ ରଣନୈତିକ କୌଶଳ ସାମ୍ନାରେ ବିରୋଧୀଙ୍କ କୌଣସି ଯୋଜନା କାମ କରିପାରିଲା ନାହିଁ । ଏହା ସମ୍ଭବ ହୋଇପାରିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ବିକଶିତ ଭାରତ'ର ପରିକଳ୍ପନାରେ ପୂର୍ବ ଭାରତର ବିକାଶ ମହତ୍ୱପୂର୍ଣ୍ଣ । ତେଣୁ ପଶ୍ଚିମବଙ୍ଗର ବିଜୟ ସହିତ ଏହି ମିଶନ ସାକାର ହେବ । ବିଜୟ ସହିତ ଅଙ୍ଗ-ବଙ୍ଗ-କଳିଙ୍ଗ ସ୍ୱପ୍ନ ପୂରଣ ହୋଇଛି ।

## ବିଜୟଙ୍କୁ ଭିସିକେ ଓ ବାମଦଳର ସମର୍ଥନ

ଚେନ୍ନାଇ୮।୫(ମହାଭାରତ.): ସୋମବାର ଠାରୁ ତାମିଲନାଡୁରେ ଲାଗି ରହିଥିବା ରାଜନୀତିକ ଛକାପଞ୍ଝାରେ ପଡିଛି ପୂର୍ଣ୍ଣଚ୍ଛେଦ। ଶେଷରେ ରାଜ୍ୟରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ୧୧୮ ହାସଲ କରି ନେଇଛନ୍ତି ଅଭିନେତାରୁ ନେତା ବନିଥିବା ବିଜୟ।

କଂଗ୍ରେସ ପରେ ଆଜି ବିଜୟଙ୍କୁ ସମର୍ଥନ ଘୋଷଣା କରିଛନ୍ତି ଭିସିକେ ଓ ବାମଦଳ। ସେମାନଙ୍କ ସମର୍ଥନ ପରେ ମୁଖ୍ୟମନ୍ତ୍ରୀ ହେବାକୁ ବିଜୟ ଦେଖିଥିବା ସ୍ୱପ୍ନ ଏକ ପ୍ରକାରର ସାକାର ହେବାକୁ ଯାଉଛି। ଭିସିକେ, ସିପିଏମ ଓ ସିପିଆଇର ୬ ଜଣ ବିଧାୟକ ବିଜୟଙ୍କୁ ସମର୍ଥନ ଘୋଷଣା କରିଥିବାରୁ ସେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ଭେଟିବାକୁ ସମୟ ମାଗିଛନ୍ତି। ପ୍ରାୟ ୪.୩୦ରେ ସେ ରାଜ୍ୟପାଳଙ୍କୁ ଭେଟି ପୁଣିଥରେ ସରକାର ଗଠନ ପାଇଁ ଦାବି କରିବେ।



ତାମିଲନାଡୁ ବିଧାନସଭାରେ ଡେବ୍ୟୁ କରିଥିବା ବିଜୟଙ୍କ ଟିଭିକେ ଏକାକୀ ୧୦୮ ଆସନ(ବିଜୟଙ୍କ ଦୁଇଟି ଯାକ ସିଟ୍‌କୁ ମିଶାଇ) ଜିତିଥିଲା। ହେଲେ ଏହା ମ୍ୟାଜିକ ନମ୍ବର ୧୧୮ ଠାରୁ ୧୦ କମ ରହିଥିଲା। ସେହିପରି ବିଜୟ ଦୁଇଟି ଆସନ ଜିତିଥିବାରୁ ଟିଭିକେ ପାଖରେ ୧୦୭ ବିଧାୟକ ରହିଥିଲେ। ଅର୍ଥାତ ବିଜୟଙ୍କୁ ଆଉ ୧୧ ବିଧାୟକଙ୍କ ଆବଶ୍ୟକ ରହିଥିଲା।ଏପରି ସ୍ଥିତିରେ କଂଗ୍ରେସର ୫ ବିଧାୟକ ବିଜୟଙ୍କୁ ସମର୍ଥନ ଘୋଷଣା କରିଥିଲେ। ବିଜୟ ମଧ ରାଜ୍ୟପାଳଙ୍କ ପାଖରେ ପହଞ୍ଚି ସରକାର ଗଠନ ପାଇଁ ଦାବି ଜଣାଇଥିଲେ। କିନ୍ତୁ ରାଜ୍ୟପାଳ ତାଙ୍କୁ ୧୧୮ ବିଧାୟକଙ୍କ ଦସ୍ତଖତ ଧରି ଆସିବାକୁ କହିଥିଲେ।

ଏହାକୁ ନେଇ ଛକାପଞ୍ଝା ଆରମ୍ଭ ହୋଇ ଯାଇଥିଲା। ଦୁଇ ଟୀର ପ୍ରତିଦ୍ୱନ୍ଦ୍ୱୀ ଡିଏମକେ ଓ ଏଆଇଏଡିଏମକେ କ୍ଷମତା ପାଇଁ ମେଣ୍ଟ କରିବାକୁ ବିଚାର କରୁଥିବା ମଧ ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଅପରାହ୍ନ ପ୍ରାୟ ୩ଟା ବେଳେ ପୂରା ରାଜନୀତିକ ସମୀକରଣ ବଦଳି ଯାଇଛି। ଭିସିକେ ଓ ବାମଦଳ ସରକାର ଗଠନ କରିବାରେ ବିଜୟଙ୍କୁ ସମର୍ଥନ କରିବେ ବୋଲି କହିଛନ୍ତି। ଭିସିକେ ସମର୍ଥନ ଘୋଷଣା କରିବା ପୂର୍ବରୁ ଡିଏମକେ ସହ ଆଲୋଚନା କରିଥିଲା। ସେହିପରି ଭିସିକେ ମୁଖ୍ୟଙ୍କୁ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ମଧ ଫୋନ କରି ବିଜୟଙ୍କୁ ସମର୍ଥନ କରିବାକୁ କହିଥିଲେ। ଏହାପରେ ଡିଏମକେର ସହଯୋଗୀ ଭିସିକେ, ସିପିଆଇ, ସିପିଏମ ମିଳିତ ଭାବେ ଟିଭିକେକୁ ସମର୍ଥନ କରିଛନ୍ତି।

## ପୁଣି ଦୁର୍ଘଟଣା ଘଟାଇଲା ଆମ ବସ୍

ସମ୍ବଲପୁର,୮।୫(ମହାଭାରତ): ପୁଣି ଆମ ବସ୍ ର ଦୁର୍ଘଟଣା। ଆଜି ଦିନ ଓଡ଼ିଶାର ସମ୍ବଲପୁର ଜିଲ୍ଲାର ବୁର୍ଲାର ପିସି ବ୍ରିଜ୍ ଉପରେ ଏକ ଆମ ବସ୍ ଦୁର୍ଘଟଣା ଘଟାଇଛି। ପଛରୁ ସ୍କୁଟିକୁ ଧକ୍କା ଦେବା ଏବଂ କିଛି ଫୁଟ ପର୍ଯ୍ୟନ୍ତ ଟାଣି ନେବା ପରେ ଜଣେ ସ୍କୁଟର ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ଆରୋହୀଙ୍କୁ ତୁରନ୍ତ ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ୍ ରିସର୍ଚ୍ଚରେ ଭର୍ତି କରାଯାଇଛି, ଯେଉଁଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଜଣେ ପୁରୁଷ ଏବଂ ଜଣେ ମହିଳା ସ୍କୁଟିରେ ଯାଉଥିବା ବେଳେ, ବସ୍ ଟି ଦ୍ରୁତ ଗତିରେ ପୋଲ ପାର ହେବା ସମୟରେ ଦୁଇ ଚକିଆ ଯାନ ସହିତ ଧକ୍କା ହୋଇଥିଲା। ଧକ୍କାର ପ୍ରଭାବ ଏତେ ଜୋରରେ ରହିଥିଲା ଯେ ବସ୍ ଅଟକିବା ପୂର୍ବରୁ ସ୍କୁଟିକୁ ପ୍ରାୟ ୩୦ ରୁ ୪୦ ଫୁଟ ପର୍ଯ୍ୟନ୍ତ ଟାଣି ନେଇଯାଇଥିଲା ।ବସ୍ ର ସାମ୍ନା ଟାୟାର ତଳେ ଫସିଗଲା ସ୍କୁଟି। ପ୍ରତ୍ୟକ୍ଷଦର୍ଶୀମାନେ ଦୃଶ୍ୟଟିକୁ ବର୍ଣ୍ଣନା କରି କହିଛନ୍ତି ଯେ, ସ୍କୁଟି ବସ୍‌ର ଆଗ ଚକ ତଳେ ଫସି ଯାଇଥିଲା। ଧକ୍କାର ଜୋର ଯୋଗୁଁ ମହିଳା ରାସ୍ତା ଉପରେ ପଡ଼ି ଯାଇଥିଲେ, ପୁରୁଷ ଆରୋହୀ କ୍ଷତିଗ୍ରସ୍ତ ସ୍କୁଟି ସହିତ ବସ୍ ତଳେ ଫସି ଯାଇଥିଲେ। ତାଙ୍କ ଗୋଟିଏ ଗୋଡ଼ ସ୍କୁଟର ଏବଂ ବସ୍ ମଧ୍ୟରେ ଫସି ଯାଇଥିଲା, ଯାହା ଫଳରେ ଦୁର୍ଘଟଣାସ୍ଥଳରେ ଜମା ହୋଇଥିବା

## ସ୍ୱଦେଶୀ ଗ୍ଲାଇଡେଡ୍ ଅସ୍ତ୍ର 'ତାରା'ର ସଫଳ ପରୀକ୍ଷଣ

ଭୁବନେଶ୍ୱର,୮।୫(ମହାଭାରତ): : ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଆଉ ଏକ ସୁବର୍ଣ୍ଣ ଅଧ୍ୟାୟ ଯୋଡ଼ି ହୋଇଛି। ଗୁରୁବାର ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ 'ଡିଆରଡିଓ' ଓ ଭାରତୀୟ ବାୟୁସେନା ଓଡ଼ିଶା ଉପକୂଳରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ



ଅତ୍ୟାଧୁନିକ ଗ୍ଲାଇଡେଡ୍ ଅସ୍ତ୍ର ପ୍ରଣାଳୀ 'ତାରା'ର ସଫଳ ପରୀକ୍ଷଣ କରିଛନ୍ତି, ଯାହା ଭାରତର ସାମରିକ ଶକ୍ତିକୁ ନୂଆ ଉଚ୍ଚତାକୁ ନେଇଯାଇଛି। 'ତାରା' ହେଉଛି ଏକ ମଡ୍ୟୁଲାର୍ ରେଞ୍ଜ ଏକ୍ସଟେନସନ୍ କିଟ୍, ଯାହା ଯେକୌଣସି ପାରମ୍ପରିକ ଅସ୍ତ୍ରକୁ ଏକ ଘାତକ ଓ ସଠିକ୍ ଆକ୍ରମଣକାରୀ ଅସ୍ତ୍ରରେ ପରିଣତ କରିବାରେ ସକ୍ଷମ। ଏହି ପ୍ରଯୁକ୍ତିବିଦ୍ୟା ଦ୍ୱାରା ବାୟୁସେନାର ଶକ୍ତି ବୃଦ୍ଧି ପାଇବା ସହ ଶତ୍ରୁପକ୍ଷର ଲକ୍ଷ୍ୟଭେଦ କରିବା ଅଧିକ ସହଜ ହୋଇପାରିବ।

ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ ଓ ଭାରତୀୟ ବାୟୁସେନାର ବୈଜ୍ଞାନିକ ତଥା ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହାକୁ ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତା କ୍ଷେତ୍ରରେ ଏକ ବଡ଼ ସଫଳତା ବୋଲି ସେ କହିଛନ୍ତି । ଡିଆରଡିଓ ଅଧ୍ୟକ୍ଷ ଡକ୍ଟର ସମୀର ଭି. କାମତ ମଧ ଏହି ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଦଳକୁ ପ୍ରଶଂସା କରିଛନ୍ତି । ସମ୍ପୂର୍ଣ୍ଣ ଭାବେ ଭାରତରେ ବିକଶିତ ହୋଇଥିବା ଏହି ପ୍ରଣାଳୀ ''ଆତ୍ମନିର୍ଭର ଭାରତ'' ଅଭିଯାନକୁ ଆହୁରି ସୁଦୃଢ଼ କରିବା ସହ ବିଶ୍ୱ ପ୍ରତିରକ୍ଷା ବଜାରରେ ଭାରତର ସ୍ଥିତିକୁ ମଜଭୁତ କରିବ ବୋଲି ଆଶା କରାଯାଉଛି ।

# ବାଲିଅନ୍ତା ହତ୍ୟା ଘଟଣାରେ ଚାପରେ ସରକାର

### ଘଟଣାସ୍ଥଳକୁ ଗଲେ ଡିଜିପି

### ମୁହଁ ଖୋଲିଲେ ପୀଡ଼ିତା ଓ ମୃତକଙ୍କ ବନ୍ଧୁ

### ତଦନ୍ତ ଅରମ୍ଭ କଲେ ମହିଳା କମିଶନର

ଭୁବନେଶ୍ୱର,୮।୫(ମହାଭାରତ): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାର ରାମଚନ୍ଦ୍ରପୁର ବ୍ରିଜ୍ ନିକଟରେ ଘଟିଥିବା ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟାକାଣ୍ଡ ଚର୍ଚ୍ଚାର ବିଷୟ ହୋଇପଡ଼ିଛି। ଏହି ଘଟଣାକୁ ନେଇ ଏବେ ଆଇନଶୃଙ୍ଖଳା ଉପରେ ଉଠିଛି ବଡ଼ ପ୍ରଶ୍ନ। ତେବେ ଆଜି ପୋଲିସ ଡିଜି ୱାଇ ବି ଖୁରାନିଆ ଏବଂ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଘଟଣା ସ୍ଥଳକୁ ଯାଇ ସ୍ଥିତି ପରଖିଛନ୍ତି । କେଉଁ ପରିସ୍ଥିତିରେ ଏତେବଡ଼ ଅଘଟଣ ଘଟିଲା ସେ ନେଇ ତର୍ଜମା କରୁଛନ୍ତି । ସେପଟେ ମହିଳା କମିଶନ ଅଧ୍ୟକ୍ଷାଙ୍କ ନେତୃତ୍ୱରେ ଏକ ଟିମ୍ ଗାଁରେ ପହଁଚିଛନ୍ତି । ଏହି ହତ୍ୟାକାଣ୍ଡ ମାମଲାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି । ଏଥିରେ ଗିରଫଦାରୀ ସଂଖ୍ୟା ଆଗକୁ ଆହୁରି ବଢ଼ିପାରେ ବୋଲି ଚର୍ଚ୍ଚା ହେଉଛି ।

ରାଜ୍ୟ ମହିଳା କମିସନ ଘଟଣାକୁ ଗୁରୁତ୍ୱ ସହ ନେଇଛନ୍ତି। ଶୁକ୍ରବାର ମହିଳା କମିସନ ଅଧ୍ୟକ୍ଷା ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ ।ସ୍ଥାନୀୟ ଲୋକଙ୍କ ମାଡ଼ରେ ଗୁରୁତର ହୋଇଥିବା ସୌମ୍ୟରଞ୍ଜନଙ୍କୁ ପୁଲିସ ଉଦ୍ଧାର କରି ମେଡିକାଲ ନେଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ଆକ୍ରୋଶ ସୃଷ୍ଟି ହୋଇଥିବାବେଳେ ମହିଳା କମିସନ ଅଧ୍ୟକ୍ଷା କହିଛନ୍ତି, "ସାକ୍ଷ୍ୟ, ପ୍ରମାଣ ଓ ବୟାନ ଆଧାରରେ ପୁଙ୍ଖାନୁପୁଙ୍ଖ ତଦନ୍ତ ହେବ। ଯିଏ ଦୋଷୀ, ସେ ଯେତେ ପ୍ରଭାବଶାଳୀ ହେଉନାହିଁ, କାହାକୁ ମଧ ଛଡ଼ାଯିବ ନାହିଁ।" କମିସନ ଟିମ୍ ପ୍ରଥମେ ଅଭିଯୋଗକାରୀ ଯୁବତୀଙ୍କ ଘରକୁ ଯାଇ ତାଙ୍କର ବୟାନ ରେକର୍ଡ କରିଥିଲେ। ପରେ ମୃତ ସୌମ୍ୟରଞ୍ଜନଙ୍କ ପରିବାର ସହ ମଧ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିବାକୁ ଯାଇଥିଲେ। ଘଟଣା ଦିନ କ'ଣ ଘଟିଥିଲା, ସେନେଇ ଯୁବତୀ ମଧ ମୁହଁ ଖୋଲିଥିବା ଜଣାପଡ଼ିଛି।



ଘଟଣା ପରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ଅଭିଯୋଗକାରୀ ଯୁବତୀ। ସେ କହିଛନ୍ତି, "ମୁଁ ଓ ମୋ ସାଙ୍ଗ ସ୍କୁଟିରେ ମାଉସୀ ଘରକୁ ଯାଉଥିଲୁ। ପଛରୁ ଦୁଇ ଯୁବକ ଆସି ଆମ ଗାଡ଼ିକୁ ଧକ୍କା ଦେଇଥିଲେ। ପରେ ଅସଦାଚରଣ କରିବା ସହ ମୋ ଡ୍ରେସ୍ ଚିରି ଦେଇଥିଲେ। ମୋ ସହ ଥିବା ସାଙ୍ଗକୁ ନିଶାସକ୍ତ ଯୁବକ ନିର୍ଘୁମ ପିଟିଥିଲା। ଆମେ ସେମାନଙ୍କୁ ଆଗରୁ କେବେ ଦେଖିନଥିଲୁ।"

ଯୁବତୀଙ୍କ କହିବା ଅନୁଯାୟୀ, ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିବା ପରେ ସେ ବଞ୍ଚିଯାଇଥିଲେ। କିନ୍ତୁ ପରିସ୍ଥିତି ଏତେ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା ଯେ, ଲୋକେ ସୌମ୍ୟରଞ୍ଜନଙ୍କୁ ଧରି ନିର୍ମମ ଭାବେ ପିଟିଥିଲେ। ଅଭିଯୋଗ ଅନୁସାରେ, ପୋଲିସ୍ ଉପସ୍ଥିତିରେ ମଧ ତାଙ୍କ ହାତଗୋଡ଼ ବାନ୍ଧି ବାଉଁଶରେ ଝୁଲାଇ ମାଡ଼ ମାରାଯାଇଥିଲା। ପରେ ଗାଡ଼ିରେ ଲଦି ଗାଁ ଭିତରକୁ ନେଇଯାଇଥିଲା।

ଭୁବନେଶ୍ୱର ବାଲିଅନ୍ତା ଭିଡ଼ ହିଂସାକୁ ନେଇ ରାଜ୍ୟ ରାଜନୀତି ଉଠୁଛି ପଡୁଛି । ଲୋକେ କିଛି ବୁଝିବା ଆଗରୁ ସବୁ ମାନସିକତା ଭୁଲି ମାରିଥିଲେ ନିଘୁଞ୍ଚ ମାଡ଼ । ଯଦ୍ଦ୍ୱାରା ଚାହୁଁ ଚାହୁଁ ଜଣକ ପ୍ରାଣ ଚାଲିଯାଇଥିଲା । କିନ୍ତୁ ଏହି ଭିଡ଼ ହିଂସାରୁ ବର୍ତ୍ତିଯାଇଥିବା ସୌମ୍ୟରଞ୍ଜନ ସାଙ୍ଗ ଓମ ପ୍ରକାଶ। ବର୍ତ୍ତମାନ ବାଲିଅନ୍ତା ପୋଲିସ ଘଟଣାର ପ୍ରତ୍ୟକ୍ଷଦର୍ଶୀ ତଥା ସୌମ୍ୟଙ୍କ ସାଙ୍ଗକୁ ଓମ୍ ପ୍ରକାଶକୁ ନେଇ ପଚରାଉଚରା କରୁଛି । ତେବେ ସୌମ୍ୟଙ୍କ ଦୁର୍ଘଟଣାର କାରଣ ବାତ ଥିଲା ବୋଲି ଓମ୍ ପ୍ରକାଶ କହିଛନ୍ତି । ସେ କହିଛନ୍ତି ଯେ ଦୁହେଁ ସକାଳ ସାଢେ ୧୦ଟା ସମୟରେ ମେଡିସନ୍ କିଣିକି ଫେରୁଥିଲେ । ସୌମ୍ୟଙ୍କୁ ତୁରନ୍ତ ଏକ ଇଞ୍ଜେକ୍ସନ ନେବାକୁ ଥିଲା । ସେଥିପାଇଁ ସେ ତରବର ହୋଇ ସ୍ପିଡ୍‌ରେ ବାଇକ ନେଇ ଯାଉଥିଲେ । ଦୁର୍ଘଟଣାର ସ୍ଥଳରୁ କିଛି ମିଟର ଦୂରରୁ ସୌମ୍ୟରଞ୍ଜନଙ୍କୁ ବାତ ମାରିଥିଲା। ସେ ଗୋଟିଏ ହାତରେ ପଛରେ ବସିଥିବା ଓମଙ୍କ ବେକକୁ ଧରି ପକାଇଥିଲେ । ଓମ୍ ଭାରସାମ୍ୟ ହରାଇବାରୁ ସେମାନେ ଏକ ସ୍କୁଟିକୁ ଧକ୍କା ଦେଇଥିଲେ । ଫଳରେ ସ୍କୁଟିରେ ଥିବା ଦୁଇ ଜଣ ଯୁବତୀ ପଡ଼ିଯାଇଥିଲେ । ଦୁଇ ଜଣ ଯୁବତୀଙ୍କ ମଧ୍ୟରୁ ଜଣେ ଗୁରୁତର ଥିବାବେଳେ ଜଣେ ଆହତ ହୋଇଥିଲେ । ଏହା ପରେ ସୌମ୍ୟଙ୍କର ଦୁଇ ଜଣ ଯୁବତୀଙ୍କ ସହିତ ଯୁକ୍ତିତର୍କ ହୋଇଥିଲା । ଏହି ସମୟରେ ପୁଣି ଥରେ ସୌମ୍ୟଙ୍କୁ ବାତ ମାରିବାରୁ ସେ ଯୁବତୀଙ୍କ ହାତକୁ ଜୋରରେ ଧରି ପକାଇଥିଲେ । ଯେଉଁଥିପାଇଁ ଗ୍ରାମବାସୀ ଘେରି ସୌମ୍ୟଙ୍କୁ ନିର୍ଘାତ ମାଡ଼ ମାରିଥିଲେ । ତେବେ ଓମ୍ ପ୍ରକାଶଙ୍କ କଥାରେ କେତେ ସତ୍ୟାସତ୍ୟ ରହିଛି, ଏହା ଆଗକୁ ତଦନ୍ତ ଆଗେଇଲେ ସ୍ପଷ୍ଟ ହେବ । ସେପଟେ ମୃତ ସୌମ୍ୟଙ୍କୁ ନେଇ ଆଉ ଏକ ବଡ଼ ଖୁଲାସା ହୋଇଛି । ସୌମ୍ୟ ବର୍ଷକ ତଳେ ଧୋକା ଏବଂ ଠକେଇ ଅଭିଯୋଗରେ ଜେଲ୍ ଯାଇଥିଲେ । ମହିଳା ଥାନାରେ ମାମଲା ରୁଜୁ ହୋଇଥିଲା । ଯେଉଁଥିପାଇଁ ସେ ଜେଲ୍ ଯାଇଥିଲେ । ଆଉ ଏଥିରେ ସୌମ୍ୟଙ୍କ ପରିବାର ଲୋକେ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ଏବଂ ପୋଲିସକୁ ତଦନ୍ତରେ ବାଧା ଦେଇଥିଲେ ।

ସୌମ୍ୟଙ୍କ ହତ୍ୟାକୁ ପ୍ରତିବାଦ କରି ପରିବାର ଲୋକେ ଓ ସମ୍ପର୍କୀୟମାନେ ୬୦ ନମ୍ବର ରାଜ୍ୟ ରାଜପଥରେ ମୃତଦେହ ରଖି ଏହି ରାସ୍ତାରୋକ କରିଛନ୍ତି । ଫଳରେଫୁଲନଖରା-ନିଆଳି ମୁଖ୍ୟ ରାସ୍ତାରେ ଘଣ୍ଟାଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଅଞ୍ଚଳରେ ଉତ୍ତ ?ଜନା ଦେଖିବାକୁ ମିଳିଛି ।

# ସମସ୍ତ ବେବନ୍ଦୋବସ୍ତ ଜମିର ସେଟେଲମେଂଟ୍ ଶୀଘ୍ର ସମାଧାନ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୦୮।୫(ମହାଭାରତ):: ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମସ୍ତ ବେବନ୍ଦୋବସ୍ତ ଜମିର ସମାଧାନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ସହ ସମସ୍ତ ଜମିପଟ୍ଟାର ୨ ଖାନା ବା କଲମ୍ ୨ ସଂଶୋଧନ ତ୍ୱରାନ୍ୱିତ କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଗତବର୍ଷ ବକେୟା ଥିବା ପ୍ରାୟ ୩୮ ହଜାର ଏକର ବେବନ୍ଦୋବସ୍ତ ଜମିରୁ ପ୍ରାୟ ୭ ହଜାର ଏକର ଜମିର ବନ୍ଦୋବସ୍ତ ମାମଲା ଫଇସଲା କରାଯାଇ ରୟତି ସତ୍ୱରେ ରେକର୍ଡ଼ଭୁକ୍ତ କରାଯାଇଛି । ଏହି ପରିପ୍ରେକ୍ଷୀରେ କଟକ, ପୁରୀ, ଭଦ୍ରକ, ବଲାଙ୍ଗୀର ଏବଂ ଜଗତସିଂହପୁର ଆଦି ଜିଲ୍ଲାମାନଙ୍କରେ ଅଧିକ ବକେୟା ଥିବା ମାମଲାଗୁଡ଼ିକର ବନ୍ଦୋବସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ଯୋଗ୍ୟ ବ୍ୟକ୍ତିମାନଙ୍କ ସପକ୍ଷରେ ଜମିପଟ୍ଟା ଜାରି କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି, ଯେଉଁଠି ସମ୍ପୃକ୍ତ ବ୍ୟକ୍ତିବିଶେଷ ବେବନ୍ଦୋବସ୍ତ ଜମି ନିମନ୍ତେ ସଲାମି ଦେଉ ନାହାଁନ୍ତି ; ସେ କ୍ଷେତ୍ରରେ କାରଣ ଦର୍ଶାଅ ନୋଟିସ୍ ଦେଇ ଏକ ମାସ ମଧ୍ୟରେ ଶୀଘ୍ର ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ, ଯେଉଁ ଜମିମାନଙ୍କର କୌଣସି ବନ୍ଦୋବସ୍ତ ନିର୍ଦ୍ଧାରିତ ହୋଇ ନାହିଁ ତଥା ଖତିଆନରେ କୌଣସି ସ୍ଥିରୀକୃତ ଖଜଣା କିମ୍ବା ସ୍ୱୀକୃତ ମାଲିକାନା ଦର୍ଶାଯାଇନାହିଁ, ସେହି ସବୁ ଜମି ବେବନ୍ଦୋବସ୍ତ ଜମି ଅଧୀନରେ ଆସୁଥିବା ବେଳେ ଯେଉଁ ପର୍ଯ୍ୟନ୍ତ ସମୁଚିତ ପ୍ରକ୍ରିୟାରେ ସଠିକ୍ ମାଲିକାନା ନିର୍ଦ୍ଧାରିତ ନ ହୋଇ ପାରିଛି, ସେପର୍ଯ୍ୟନ୍ତ ତାହା ସରକାରୀ ଜମି ଭାବରେ ପରିଗଣିତ ହୋଇଥାଏ । ପ୍ରଶାସନିକ ଦୃଷ୍ଟିକୋଣରୁ ଉକ୍ତ ଜମିର ବନ୍ଦୋବସ୍ତ ତହସିଲଦାରଙ୍କ ଦ୍ୱାରା ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ କରାଯାଇଥାଏ । ଜମି ରେକର୍ଡ୍ ସଠିକ୍ ରଖିବା, ଅନଧିକୃତ ଦଖଲ ରୋକିବା ଏବଂ ରାଜସ୍ୱ ବୃଦ୍ଧି କରିବା ପରିପ୍ରେକ୍ଷୀରେ ବେବନ୍ଦୋବସ୍ତ ଜମିର ସେଟେଲମେଂଟ୍ ନିମନ୍ତେ ବିଭିନ୍ନ ସମୟରେ ରାଜ୍ୟସରକାରଙ୍କ ପକ୍ଷରୁ ସର୍କୁଲାର୍ ଜାରି ହୋଇଥିବା ବେଳେ ଖୁବ୍ ଶୀଘ୍ର ଏ ସମ୍ପର୍କିତ ସମସ୍ତ ସର୍କୁଲାର, ନିର୍ଦ୍ଦେଶାବଳୀ ଆଦିକୁ ସଂକଳିତ କରି ଏକ ସ୍ୱତନ୍ତ୍ର ଏସଓପି ପୁସ୍ତିକା ଜାରି କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି ।

ସେହିପରି ଜମିପଟ୍ଟାର ୨ ଖାନା ବା କଲମ୍ ୨ ସଂଶୋଧନକୁ ଗୁରୁତ୍ୱ ଦେଇ ଏପର୍ଯ୍ୟନ୍ତ ବିଶେଷ କାର୍ଯ୍ୟକ୍ରମ ଅଧୀନରେ ୬୨.୬୮ ଲକ୍ଷ ଖାତାର ସର୍ଭେ ହୋଇଥିବା ବେଳେ ତନ୍ମଧ୍ୟରୁ ପ୍ରାୟ ୫୮.୮୦ ଲକ୍ଷ ରେକର୍ଡ୍ ସଂଶୋଧିତ ହେବା ସହ ସଠିକ୍ ମାଲିକାନା ସପକ୍ଷରେ ପଟ୍ଟା ଜାରି କରାଯାଇଛି କ୍ଷ ଏହି ପରିପ୍ରେକ୍ଷୀରେ ରାଜସ୍ୱ ନିରୀକ୍ଷକ (ଆର୍ ଆଇ)ମାନଙ୍କୁ ପ୍ରତ୍ୟେକ ମାସରେ ୨୫୦ ରୁ ୩୦୦ ଖାତାର ସର୍ଭେ କରିବା ନିମନ୍ତେ ଲକ୍ଷ୍ୟ ନିର୍ଦ୍ଧାରିତ କରି ତଦନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି କୃଷକ ପଞ୍ଜିକରଣ (ଫାର୍ମର୍ ରେଜିଷ୍ଟ୍ରି) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ସଂଶୋଧିତ ଖାତା ଗୁଡ଼ିକରେ କୃଷକ ମାନଙ୍କୁ ସଠିକ୍ ଭାବେ ପଞ୍ଜୀକୃତ କରିବା ସହ ଆଧାର ଲିଙ୍କ୍ ସଂଯୋଗୀକରଣକୁ ସଫଳତା ସହ ସମାପନ କରିବାକୁ କୃଷି ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା କୃଷକମାନଙ୍କ ପାଇଁ ବିଭିନ୍ନ ସରକାରୀ ସୁବିଧାସୁଯୋଗ ଉପଲବ୍ଧ ହେବା ଅଧିକ ସହଜ ଏବଂ ସମ୍ଭବ ହେବ ।

ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ନିମନ୍ତେ ଗୁରୁତ୍ୱାରୋପ କରି ଆଗାମୀ ଦିନରେ ପ୍ରତ୍ୟେକ ମାସରେ ନିର୍ଦ୍ଦିଷ୍ଟ ମାପକ (ପାରାମିଟର) ଆଧାରରେ ଜିଲ୍ଲାମାନଙ୍କର ରାଙ୍କିଙ୍ଗ୍ କରାଯିବ ବୋଲି କହିଛନ୍ତି । ରାଙ୍କିଙ୍ଗ୍ ଆଧାରରେ ଭଲ ପ୍ରଦର୍ଶନ କରିନଥିବା ଜିଲ୍ଲାମାନଙ୍କର ସମୀକ୍ଷା କରାଯିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଶାସନିକ କାର୍ଯ୍ୟ ସମ୍ପନ୍ନ ନ କଲେ ଅଥବା କାର୍ଯ୍ୟାଦେଶ ଅବମାନନା କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏଥିସହିତ ସମଗ୍ର ରାଜ୍ୟରେ ସ୍ୱଚ୍ଛ ତଥା ଦୁର୍ନୀତିମୁକ୍ତ ରାଜସ୍ୱ ପ୍ରଶାସନକୁ ସୁନିଶ୍ଚିତ କରିବା ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀ ଦୃଢ଼ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ବେବନ୍ଦୋବସ୍ତ ଥିବା ସରକାରୀ ଜମିକୁ ଜବରଦଖଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜସ୍ୱ ସଚିବ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି କାଳବୈଶାଖୀ ଅଥବା କୌଣସି ବି ବିପର୍ଯ୍ୟୟ ଘଟିଲେ ତୁରନ୍ତ ତାହାର କ୍ଷୟକ୍ଷତି ଆକଳନ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଅବଗତ କରାଇବା ସହ ସମସ୍ତ ସହାୟତା ଅଗ୍ରାଧିକାର ଭିତିରେ ଯୋଗାଇ ଦେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ରାଜସ୍ୱ ବିଭାଗ ଅଧୀନରେ ଥିବା ସମସ୍ତ ଓଏଏସ୍ ଏବଂ ଓଆରଏସ୍ ଅଧିକାରୀଙ୍କୁ ବଦଳି ନିର୍ଦ୍ଦେଶ ଆସିବାର ସାତ ଦିନ ମଧ୍ୟରେ ନୂତନ ନିଯୁକ୍ତି ସ୍ଥାନରେ ଯୋଗ ଦେବାକୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି । ବଦଳି କାର୍ଯ୍ୟାଦେଶ ଅବମାନନା କରିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି ।

ଏଥିସହିତ ସମସ୍ତ ଆରଡିସିଙ୍କୁ ସେମାନଙ୍କସ୍ତରରେ ନିୟମିତ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେବା ସହ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ଜିଲ୍ଲାମାନଙ୍କର ସମୟକ୍ରମେ ସମୀକ୍ଷା କରାଯିବ ବୋଲି ସୂଚନା ଦିଆଯାଇଛି । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ,ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ଅମୀୟ କୁମାର ସାହୁ, ଯୁଗ୍ମ ଶାସନ ସଚିବପ୍ରଦୀପ କୁମାର ସାହୁ, ଓଏସଡି ରଶ୍ମି ରଞ୍ଜନ ରାଉତ ଏବଂ ଅନ୍ୟାନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ସମସ୍ତ ଡିଭିଜନର ଆରଡିସି, ସମସ୍ତ ଜିଲ୍ଲାର ଏଡିଏମ୍ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ନୂତନ ରେଲୱେ ଡିଭିଜନ ପାଇଁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୮।୫(ମହାଭାରତ):: ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଉନ୍ନତି ଓ ଆକାଂକ୍ଷାକୁ ଆଗେଇ ନେବାରେ ନିରନ୍ତର ସହଯୋଗ, ଉଦାର ସମର୍ଥନ ଏବଂ ଦୂରଦର୍ଶୀ ନେତୃତ୍ୱ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି।



ମୁଖ୍ୟମନ୍ତ୍ରୀ ରାୟଗଡାକୁ ନୂତନ ରେଲୱେ ଡିଭିଜନ ଭାବେ ଘୋଷଣା କରାଯାଇଥିବା ପାଇଁ କେନ୍ଦ୍ରୀୟ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି। ସେ ଏହି ନିଷ୍ପତିକୁ ଐତିହାସିକ ବୋଲି କହିଥିବା ସହ ଏହା ଦକ୍ଷିଣ ଓଡିଶାର ଲୋକମାନଙ୍କର ଦୀର୍ଘଦିନର ଦାବି ପୂରଣ କରିଛି ବୋଲି ଉଲ୍ଲେଖ କରିଛନ୍ତି।ଔପଚାରିକ ସୂଚନା ଅନୁସାରେ, ରାୟଗଡା ରେଲୱେ ଡିଭିଜନ ୧ ଜୁନରୁ କାର୍ଯ୍ୟରତ ହେବ, ଯାହା ଏହି ଅଞ୍ଚଳ ପାଇଁ ଏକ ପରିବର୍ତ୍ତନଶୀଳ ଯୁଗର ଆରମ୍ଭ କରିବ। ଏହି ପଦକ୍ଷେପ ଫଳରେ ଅଞ୍ଚଳୀୟ ସଂଯୋଗରେ ଉଲ୍ଲେଖନୀୟ ସୁଧାର ହେବ, ପର୍ଯ୍ୟଟନର ଅପାର ସମ୍ଭାବନା ଖୋଲିବ, ରାଜସ୍ୱ ବୃଦ୍ଧି ପାଇବ ଏବଂ ସମାବେଶୀ ଓ ସସ୍ଥାୟୀ ଉନ୍ନତିକୁ ଗତି ମିଳିବ ।ମୁଖ୍ୟମନ୍ତ୍ରୀ ମାଝୀ ଏହି ନିଷ୍ପତିକୁ "ଡବଲ ଇଞ୍ଜିନ ସରକାର"ର ଏକ ଶକ୍ତିଶାଳୀ ଉଦାହରଣ ବୋଲି କହିଛନ୍ତି ଏବଂ ଏହାକୁ ଓଡିଶାର ଉନ୍ନତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ ବୋଲି ବର୍ଣ୍ଣନା କରିଛନ୍ତି।

# ଅପରେସନ ସିନ୍ଦୂର ଭାରତର ଶକ୍ତିର ସଶକ୍ତ ପ୍ରତୀକ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୮।୫(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନ ଅପରେସନ ସିନ୍ଦୂରକୁ "ନୂତନ ଭାରତର ସଙ୍କଳ୍ପ, ସଠିକତା ଓ ଶକ୍ତିର ସଶକ୍ତ ପ୍ରତୀକ" ବୋଲି ବର୍ଣ୍ଣନା କରି କହିଛନ୍ତି ଯେ, ଏହି ଅଭିଯାନ ଭାରତର ସାର୍ବଭୌମତ୍ୱ ଓ ସୁରକ୍ଷା ବିରୋଧୀ କୌଣସି ବିପଦ ପ୍ରତି କଡ଼ା ବାର୍ତ୍ତା ଦେଇଛି। ଏହି ଐତିହାସିକ ଅଭିଯାନର ଏକ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଭାରତୀୟ ସଶସ୍ତ୍ର ବାହିନୀର ବୀର ଯବାନମାନଙ୍କ ପ୍ରତି ଗଭୀର ସମ୍ମାନ ଓ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ, ଯବାନମାନଙ୍କର ସାହସ, ପରାକ୍ରମ ଓ ଦେଶ ପ୍ରତି ଅତୁଟ ସମର୍ପଣ ଦେଶର ସାର୍ବଭୌମତ୍ୱ, ସୁରକ୍ଷା ଓ ଜାତୀୟ ଗୌରବକୁ ନିରନ୍ତର ସୁରକ୍ଷା କରୁଛି। ସୋସିଆଲ ମିଡିଆରେ ଜାରି ହୋଇଥିବା ନିଜ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅପରେସନ ସିନ୍ଦୂର ଏହା ସ୍ପଷ୍ଟ କରିଦେଇଛି ଯେ, ଭାରତର ସାର୍ବଭୌମତ୍ୱ ଓ ସୁରକ୍ଷାକୁ ଚ୍ୟାଲେଞ୍ଜ କରୁଥିବା କୌଣସି ଶକ୍ତିକୁ ନିଷ୍ପତ୍ତିମୂଳକ ଉତ୍ତର ଦିଆଯିବ। ସେ ରାଷ୍ଟ୍ର ସୁରକ୍ଷା ପ୍ରତି ସଶସ୍ତ୍ର ବାହିନୀର ନିରନ୍ତର ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି।

# ଆଇନଶୃଙ୍ଖଳା ସୁନିଶ୍ଚିତ କରନ୍ତୁ ସରକାର : ନବୀନ

ଭୁବନେଶ୍ୱର, ୦୮।୫(ମହାଭାରତ): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଜଣେ ଯୁବକକୁ ପିଟିପିଟି ହତ୍ୟା କରାଯିବା ଘଟଣାରେ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ।ବଡ଼ ବଡ଼ ଭାଷଣରେ ସରକାର ଚାଲେନି, ମିଛ ବାହାସ୍ଫୋଟରେ ସରକାର ଚାଲେନି। ସରକାର ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲୋକଙ୍କ ସୁରକ୍ଷା ତଥା ଓଡ଼ିଶାରେ ଆଇନଶୃଙ୍ଖଳା ସୁନିଶ୍ଚିତ କରନ୍ତୁ ବୋଲି ଦାବି କରିଛନ୍ତି ନବୀନ।



ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ନବୀନ ଲେଖିଛନ୍ତି ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଜଣେ ଯୁବକକୁ ପିଟିପିଟି ସର୍ବସମ୍ମୁଖରେ ହତ୍ୟା କରାଯିବା ପରି ଘଟଣା ଅତ୍ୟନ୍ତ ବର୍ବର। ରାଜ୍ୟ ରାଜଧାନୀ ନିକଟରେ ଏପରି ଜଘନ୍ୟ ଘଟଣା ଘଟୁଥିଲେ ବି ସରକାରଙ୍କ ଅସମ୍ଭବ ନୀରବତା ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କରିଦେଉଛି।

ପୋଲିସ ଉପସ୍ଥିତିରେ ଯଦି ଏପରି ଘଟଣା ଘଟୁଛି, ତେବେ ଲୋକେ କାହାକୁ ସୁରକ୍ଷା ମାଗିବେ ? ଅପରାଧୀଙ୍କ ଆଗରେ ପୋଲିସ ପ୍ରଶାସନ, ସରକାର ଏତେ ଅସହାୟ କାହିଁକି ?

ଭୁବନେଶ୍ୱର ଉପକଣ୍ଠରେ ଯଦି ସରକାର ଏପରି ଘଟଣାକୁ ରୋକିବାରେ ଅସମର୍ଥ, ତେବେ ସାରା ରାଜ୍ୟର ଅବସ୍ଥା କ'ଣ ତାହା ସ୍ପଷ୍ଟ ଅନୁମେୟ। ନିକଟରେ ହିଞ୍ଜିଳି, କଣାସ ଓ ଢେଙ୍କାନାଳରେ ଘଟିଥିବା ବର୍ବର କାଣ୍ଡରେ ସରକାର କ'ଣ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ? ସାଧାରଣ ଜନତାଙ୍କ ସୁରକ୍ଷା ସରକାର କାହିଁକି ବିପନ୍ନ କରୁଛନ୍ତି ? ବଡ଼ ବଡ଼ ଭାଷଣରେ ସରକାର ଚାଲେନି, ମିଛ ବାହାସ୍ଫୋଟରେ ସରକାର ଚାଲେନି। ସରକାର ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲୋକଙ୍କ ସୁରକ୍ଷା ତଥା ଓଡ଼ିଶାରେ ଆଇନଶୃଙ୍ଖଳା ସୁନିଶ୍ଚିତ କରନ୍ତୁ।

# ୩୦ହଜାର ଟଙ୍କା ଲାଂଚ ନେବାବେଳେ ଧରାପଡିଲେ ବରଗଡର ଡିଆରପି

ଭୁବନେଶ୍ୱର, ୦୮।୫(ମହାଭାରତ): ଓଡ଼ିଶା ଭିଜିଲାନ୍ସ ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନରେ ବରଗଡ଼ ଜିଲ୍ଲାର ଜିଲ୍ଲା ସମ୍ପଦ ବ୍ୟକ୍ତି (ଡିଆରପି) ରାକ୍ଷୀ ମେହେରଙ୍କୁ ୩୦,୦୦୦ ଟଙ୍କା ଲାଂଚ ନେବା ଅଭିଯୋଗରେ ଗିରଫ କରିଛି। ସେ ପ୍ରଧାନମନ୍ତ୍ରୀ ମାଇକ୍ରୋ ଖାଦ୍ୟ ପ୍ରସ୍ତୁତି ଉଦ୍ୟମ ଔପଚାରିକକରଣ (ପିଏମଏଫପିଏମ) ଯୋଜନା ଅଧୀନରେ ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି), ବରଗଡ଼ର ମହାପ୍ରବନ୍ଧକଙ୍କ ଅଧୀନରେ କାମ କରୁଥିଲେ ।ଭିଜିଲାନ୍ସ ଅନୁସାରେ, ଅଭିଯୁକ୍ତ ଜଣେ ଲାଭାର୍ଥୀଙ୍କୁ ସବସିଡି ରାଶି ଜାରି କରିବା ।ଇଁ ଲାଂଚ ଦାବି କରିଥିଲେ। ସମ୍ପୃକ୍ତ ଲାଭାର୍ଥୀ ୧୫ ମାର୍ଚ୍ଚ ୨୦୨୬ରେ ଏହି ଯୋଜନା ଅଧୀନରେ ବେକାରୀ ୟୁନିଟ୍ ସ୍ଥାନ ପାଇଁ ୮.୬୪ ଲକ୍ଷ ଟଙ୍କା ଋଣ ନେଇଥିଲେ। ନିୟମ ଅନୁଯାୟୀ ସେ ୩୫ ପ୍ରତିଶତ ସବସିଡି, ଅର୍ଥାତ ୩,୦୨,୪୦୦ ଟଙ୍କା ପାଇବାର ଥିଲେ ।ଅଭିଯୋଗ ଅନୁଯାୟୀ, ରାକ୍ଷୀ ମେହେର ସବସିଡି ଜାରି କରିବା ପ୍ରକ୍ରିୟା ଆଗକୁ ବଢ଼ାଇବା ପରିବର୍ତ୍ତେ ୩୦,୦୦୦ ଟଙ୍କା ଲାଂଚ ଦାବି କରିଥିଲେ। ସେ ଲାଭାର୍ଥୀଙ୍କୁ ନିଜ ମୋବାଇଲ୍ ଫୋନ୍ ମାଧ୍ୟମରେ ବ୍ୟାଙ୍କ ଖାତାର ବିବରଣୀ ପଠାଇ ଟଙ୍କା ସିଧାସଳଖ ଖାତାରେ ଜମା କରିବାକୁ କହିଥିଲେ। ଲାଂଚ ଦେବାରେ ଅସମର୍ଥ ହେବାରୁ ଲାଭାର୍ଥୀ ଓଡ଼ିଶା ଭିଜିଲାନ୍ସ ସହ ସମ୍ପର୍କ କରି ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଟିମ୍ ଜାଲ ବିଛାଇ ଅଭିଯୁକ୍ତଙ୍କୁ ସେହି ସମୟରେ ଗିରଫ କରିଥିଲା, ଯେତେବେଳେ ଲାଭାର୍ଥୀ ତାଙ୍କ ନିର୍ଦ୍ଦେଶାନୁସାରେ ୩୦,୦୦୦ ଟଙ୍କା ତାଙ୍କ ବ୍ୟାଙ୍କ ଖାତାରେ ଜମା କରୁଥିଲେ ।କାର୍ଯ୍ୟାନୁଷ୍ଠାନ ସମୟରେ ଭିଜିଲାନ୍ସ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଜବତ କରିଛି, ଯେଉଁଥିରେ ବ୍ୟାଙ୍କ ଟ୍ରାଞ୍ଜାକସନ ସମ୍ପର୍କିତ ତଥ୍ୟ ମିଳିଛି।

# ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ



ଭୁବନେଶ୍ୱର,୦୮।୫(ମହାଭାରତ):: ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ, ରାୟଗଡା ଜିଲ୍ଲା ଓ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିର୍ବାଚନମଣ୍ଡଳୀର ବହୁ ସରପଂଚ, ନାଏବ ସରପଂଚ, ପଂଚାୟତ ସମିତି ସଭ୍ୟ, ୱାର୍ଡସଭ୍ୟ, ବରିଷ୍ଠ ଓ ଯୁବନେତା ବିଜେଡି ଓ କଂଗ୍ରେସ ଛାଡି ଆନୁଷ୍ଠାନିକଭାବେ ବିଜେପିରେ ସାମିଲ ହୋଇଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଛନ୍ତି ଯେ, ଦେଶର ୨୨ ରାଜ୍ୟରେ ବିଜେପି ଏବଂ ଏନ୍‌ଡିଏ ସରକାର ଅଛି। ସାଂସଦ, ବିଧାୟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରତିନିଧି ପର୍ଯ୍ୟନ୍ତ ସବୁଠି ବିଜେପି ଏକ ତରଫା ଭାବେ ଭାରତବର୍ଷରେ ଆଦୃତ ହୋଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତରେ ବିଜେପି ବିଶ୍ୱର ସବୁଠାରୁ ବଡ ରାଜନୈତିକ ଦଳ ହୋଇପାରିଛି। ସଂକଳ୍ପରୁ ସିଦ୍ଧି କାରଣରୁ ସମସ୍ତେ ଆଜି ବିଜେପିରେ ଯୋଗ ଦେଉଛନ୍ତି। ଓଡ଼ିଶାରେ ଅନେକ ସମ୍ଭାବନା ରହିଛି, ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାକୁ ୧ ନମ୍ବର ରାଜ୍ୟ କରିବା ପାଇଁ ସ୍ୱପ୍ନ ଦେଖିଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସେ ଯେଉଁ ପ୍ରୟାସ ଜାରି ରଖିଛନ୍ତି, ସେଥିରେ ଓଡ଼ିଶାର ସର୍ବାଧିକ ଭାଗିଦାରୀ ରହିବ। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଢ଼ିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏଥିରେ ଆମ ସମସ୍ତଙ୍କୁ ସହଯୋଗ କରିବାକୁ ପଡ଼ିବ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମକୁ ସଂକଳ୍ପ ନେବାକୁ ହେବ ବୋଲି ଶ୍ରୀ ସାମଲ କହିଛନ୍ତି।

# ଗ୍ୟାସ୍ ସିଲିଣ୍ଡରର ଅଭାବ ନେଇ ଆନ୍ଦୋଳନକୁ ଓହ୍ଲାଇବ ଉପଭୋକ୍ତା ମହାସଂଘ

ଭୁବନେଶ୍ୱର,୦୮।୫(ମହାଭାରତ): ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ରାଜ୍ୟରେ ଏଲ୍.ପି.ଜି. ଗ୍ୟାସ୍ ସଙ୍କଟ ସୃଷ୍ଟି ହୋଇଛି । ଗ୍ୟାସ ବ୍ୟବହାର ଯୋଗାଣ ପାଇଁ କଡ଼ା ନିୟମ ଥିବାବେଳେ ଗ୍ୟାସଗୁଡ଼ିକୁ କର୍ମକର୍ତାମାନେ ନିଜ କାମରେ ଲଗାଇ ରୋଷେୟାମାନଙ୍କୁ କାଠ କୋଇଲାରେ ବ୍ୟବସ୍ଥା କରିଛନ୍ତି। ସବୁଠାରୁ ବଡ଼ ଦୟନୀୟ ଭାବେ ଛାତ୍ରଛାତ୍ରୀମାନେ ୫ କେ.ଜି. ଗ୍ୟାସ୍ ଚୁଲା ବ୍ୟବହାର କରୁଥିବା ବେଳେ ଘୋର ସଙ୍କଟରେ ପଡ଼ି ଓଳିଏ ଖାଇ ଓଳିଏ ଉପାସ ମଧ ରହି ହଜାର ହଜାର ଛାତ୍ରଛାତ୍ରୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଗତ ମାସରେ ସରକାର ପେଟ୍ରୋଲ ଟାଙ୍କିରେ ୫ କେ.ଜି ସିଲିଣ୍ଡର ଟାଙ୍କି ମିଳିବ ବୋଲି ଘୋଷଣା କରିଥିଲେ ମଧ ଏପର୍ଯ୍ୟନ୍ତ ପେଟ୍ରୋଲ୍ ଟାଙ୍କିରେ ଗ୍ୟାସ୍ ମିଳୁନାହିଁ । ଗ୍ୟାସ ଦର ମଧ ବୃଦ୍ଧି କରିଛନ୍ତି। ଯୋଗାଣ ବିଭାଗ ନିଜର ବାହାଦୂରୀ ପାଇଁ କେତେକ ଖୁଚୁରା ବ୍ୟବସାୟୀଙ୍କର ଖାଲିଥିବା ସିଲିଣ୍ଡର ଗୁଡ଼ିକୁ ଫଟୋ ଉଠାଉଛନ୍ତି । ପରିସ୍ଥିତି ସୁଧୁରି ନପାରି କଳା ବଜାରୀମାନଙ୍କୁ ପ୍ରୋତ୍ସାହିତ କରାଯାଇ ଉପଭୋକ୍ତାମାନଙ୍କୁ ଶୋଷଣ କରାଯାଉଛି। ଆଉ ଏଣିକି ବରଦାସ୍ତ କରାଯିବ ନାହିଁ । ଉପଭୋକ୍ତାମାନେ ରାଜରାସ୍ତାକୁ ଓହ୍ଲାଇ ଭୟଙ୍କର ଭାବେ ଆନ୍ଦୋଳନ କରିବେ ବୋଲି ରାଜ୍ୟ ଓଡ଼ିଶା ରନ୍ଧନ ଗ୍ୟାସ ଉପଭୋକ୍ତା ମହାସଂଘର ସଭାପତି ଦିଗମ୍ବର ଜେନା ସରକାରଙ୍କ ନିକଟରେ ଦାବି କରିଛନ୍ତି ।

# ଦୀଘା ଜଗନ୍ନାଥ ମନ୍ଦିରରୁ ଧାମ ଶବ୍ଦ ହଟାଇବାକୁ ହେବ ଉଦ୍ୟମ

ଭୁବନେଶ୍ୱର,୦୮।୫(ମହାଭାରତ): ପଶ୍ଚିମବଙ୍ଗର ଦୀଘା ଠାରେ ଥିବା ଜଗନ୍ନାଥ ମନ୍ଦିରରୁ ଧାମ ଶବ୍ଦ ହଟାଇବାକୁ ଉଦ୍ୟମ କରାଯିବ । ବଙ୍ଗରେ ବିଜେପି ସରକାର ଗଠନ ପରେ ଓଡ଼ିଶା ସରକାର ଏଥିପାଇଁ ଉଦ୍ୟମ ଆରମ୍ଭ କରିବେ। ହଜାର ହଜାର ଜଗନ୍ନାଥ ମନ୍ଦିର ଅଛି, କିନ୍ତୁ ସବୁ ଧାମ ନୁହେଁ। ନୂଆ ଜଗନ୍ନାଥ ମନ୍ଦିର ଗଢି ଏହାକୁ ଜଗନ୍ନାଥ ଧାମ ବୋଲି ନାମ ଦେଇ ମମତା ଜଗନ୍ନାଥ ପ୍ରେମୀଙ୍କ ମନରେ ଆଘାତ ଦେଇଥିଲେ। ବଙ୍ଗାଳୀ ଭକ୍ତଙ୍କୁ ପୁରୀ ଆସିବାକୁ ମମତା ସରକାର ମନା କରିଥିଲା। ଏହାର ଫଳ ମମତା ଭୋଗିଛନ୍ତି। ଧାମ ଶବ୍ଦ ହଟିବା ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖି ଏହା କହିଛନ୍ତି।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କଲେ ଆଇଏଏସ ପ୍ରଶିକ୍ଷାର୍ଥୀ

ଭୁବନେଶ୍ୱର, ୦୮।୫(ମହାଭାରତ):: ୨୦୨୫ ବ୍ୟାଚ୍ ଓଡ଼ିଶା କ୍ୟାଡରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ )ପ୍ରଶିକ୍ଷାର୍ଥୀମାନେ ବୁଧବାର ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ (ସିଇଓ) କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର. ଏସ. ଗୋପାଳନ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ କରିବା ସହ ନିର୍ବାଚନ ପରିଚାଳନା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସେ ନିର୍ବାଚନ ପାଇଁ କରାଯାଉଥିବା ରଣନୀତି, ଭୋଟର ତାଲିକା ପଞ୍ଜିକରଣ ପ୍ରକ୍ରିୟା, ଇଭିଏମ୍ ଓ ଭିଭିପାଟ୍ ପରିଚାଳନା ଏବଂ କିଭଳି ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରାଯାଏ, ସେ ବିଷୟରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ।

'ଏକ ସୁସ୍ଥ ଗଣତନ୍ତ୍ର ଗଠନରେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂତନ ଅଧିକାରୀମାନେ ଏହି କ୍ଷେତ୍ରରେ ଦକ୍ଷତା ହାସଲ କରିବା ଜରୁରୀ,' ବୋଲି ଶ୍ରୀ ଗୋପାଳନ ପ୍ରକାଶ କରିଛନ୍ତି ।ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପଲନ ଙ୍କ ସମେତ ଅତିରିକ୍ତ ସିଇଓ ଶ୍ରୀ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଶ୍ରୀ ଗୋପୀନାଥ କୁଅଁର, ବିତ ପରାମର୍ଶଦାତା ଶ୍ରୀ ସଞ୍ଜୟ କୁମାର ଲୁଗୁନ,ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ,ଡ଼େପୁଟି ସିଇଓ ଶ୍ରୀମତୀ ଅନାମିକା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ୧୧ରେ ସିଇଓଙ୍କ ସହିତ ବିଜେଡିର ବୈଠକ

ଭୁବନେଶ୍ୱର , ୦୮।୫(ମହାଭାରତ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିଦ୍ରେଦଶରେ, ଡ଼ ସସ୍ମିତ ପାତ୍ର ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ ୨୮ ଏପ୍ରିଲରେ ହୋଇଥିବା ରାଜ୍ୟସଭା ନିର୍ବାଚନ ସମୟରେ ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଅବୈଧ ଭାବେ ଦ୍ୱିତୀୟ ବାଲାଟ ପେପର ଦିଆଯିବାକୁ ନେଇ ଅଭିଯୋଗ ପତ୍ର ଦାଖଲ କରିଥିଲେ । ଏହାପରେ ଭାରତ ନିର୍ବାଚନ ଆୟୋଗର ଅଣ୍ଡର ସେକ୍ରେଟାରୀ ଶ୍ରୀ ରାଜେନ୍ଦ୍ର କୁମାର ସିଂହ ୨୯ ଏପ୍ରିଲରେ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ପତ୍ର ଲେଖି, ବିଜେଡି ପ୍ରତିନିଧି ଦଳ ସହିତ ଏହି ବିଷୟରେ ତ୍ୱରିତ ଆଲୋଚନା ପାଇଁ ନିଦ୍ରେଦଶ ଦେଇଥିଲେ । ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ୧୧ ମଇ ତାରିଖ ସକାଳ ୧୧ଟାରେ ବିଜେଡି ପ୍ରତିନିଧି ଦଳ ସହିତ ବୈଠକ ପାଇଁ ସମୟ ନିର୍ଦ୍ଧାରଣ କରିଛନ୍ତି ।ବିଜେଡି ତରଫରୁ ବିରୋଧୀ ଦଳ ଉପନେତା ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ: ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଏବଂ ରାଜ୍ୟସଭା ନିର୍ବାଚନ ପୋଲିଂ ଏଜେଂଟ ଶ୍ରୀ ପ୍ରତାପ ଦେବ: ବିରୋଧୀ ଦଳ ଉପମୁଖ୍ୟ ସଚେତକ ଏବଂ ଦଳର ଅଧିକୃତ ଏଜେଂଟ ଡ଼ ଅରୁଣ କୁମାର ସାହୁ: ବିଧାୟକ ଏବଂ କାଉଂଟିଂ ଏଜେଂଟ ଡ଼ ସସ୍ମିତ ପାତ୍ର: ସାଂସଦ ଏବଂ କାଉଂଟିଂ ଏଜେଂଟ (ମାମଲାର ଆବେଦକ) ବିଜୁଜନତା ଦଳର ପକ୍ଷ ଉପସ୍ଥାପନ କରିବେ।

## ଉପମୁଖ୍ୟମନ୍ତ୍ରୀଙ୍କ ସହ ଜାତିସଂଘର ଆବାସିକ ସମନ୍ୱୟକାରୀଙ୍କ ସୌଜନ୍ୟମୂଳକ ସାକ୍ଷାତ

# କୃଷି, ପର୍ଯ୍ୟଟନ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା

ଭୁବନେଶ୍ୱର, ୦୮।୫(ମହାଭାରତ):: ଭାରତରେ ଜାତିସଂଘର ଆବାସିକ ସମନ୍ୱୟକାରୀ (ୟୁଏନ୍ ରେସିଡେଂଟ କୋଅର୍ଡିନେଟର) ମିଷ୍ଟର ଷ୍ଟିଫାନ ପ୍ରିସନର୍ ମଙ୍ଗଳବାର ଲୋକସେବା ଭବନଠାରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।



ଓଡ଼ିଶା ସରକାର ଏବଂ ଜାତିସଂଘ ମଧ୍ୟରେ ପ୍ରମୁଖ ବିକାଶମୂଳକ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ ଏହି ଆଲୋଚନା ହୋଇଥିଲା। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ 'ଆତ୍ମନିର୍ଭର ଭାରତ' ସଂକଳ୍ପକୁ ସାକାର କରିବା ପଥରେ ଭାରତ ଦୃଢ଼ ପଦକ୍ଷେପ ନେଉଛି ଏବଂ ଓଡ଼ିଶା କୃଷି, ଶିଳ୍ପ ତଥା ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରି ଏଥିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ରାଜ୍ୟ ସରକାର କୃଷିକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ବୋଲି ଉଲ୍ଲେଖ କରି ଶ୍ରୀ ସିଂହଦେଓ କହିଥିଲେ ଯେ, ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ଜଳବାୟୁ ଅନୁକୂଳ ଚାଷ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା ଏବଂ କୃଷି ମୂଲ୍ୟ ଶୃଙ୍ଖଳାକୁ ମଜବୁତ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି ।ଏହି ଆଲୋଚନାରେ ପର୍ଯ୍ୟଟନ ଓ ଐତିହ୍ୟ ପ୍ରସଙ୍ଗ ମଧ୍ୟ ପ୍ରାଧାନ୍ୟ ପାଇଥିଲା। ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ଏବଂ ରଣିପୁର-ଝରିଆଲ ଓ ହରିଶଙ୍କର ଭଳି ସମ୍ଭାବ୍ୟ ପର୍ଯ୍ୟଟନ ସ୍ଥଳଗୁଡ଼ିକର ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି । ଓଡ଼ିଶାର ଅନନ୍ୟ ଆଦିବାସୀ ଓ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖି ଏହାକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ।ଓଡ଼ିଶାକୁ ଅକ୍ଷୟ ଶକ୍ତିର ଏକ କେନ୍ଦ୍ର ଭାବେ ଗଢ଼ିତୋଳିବା, ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ କରିବା ଦିଗରେ ଜାତିସଂଘର ସହଯୋଗ ନେଇ ଉଭୟ ପକ୍ଷ ଆଲୋଚନା କରିଥିଲେ। ମିଷ୍ଟର ଷ୍ଟିଫାନ ପ୍ରିସନର୍ ଓଡ଼ିଶାର କୃଷି ଏବଂ ଶକ୍ତି ପରିବର୍ତନ କ୍ଷେତ୍ରରେ ହୋଇଥିବା ପ୍ରଗତିର ପ୍ରଶଂସା କରିଥିଲେ। ଏଥିସହ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର, ଦକ୍ଷତା ବୃଦ୍ଧି ଏବଂ ସମାବେଶୀ ବିକାଶ କ୍ଷେତ୍ରରେ ଜାତିସଂଘ ସହଭାଗୀ ହେବାକୁ ପ୍ରସ୍ତୁତ ବୋଲି ସେ ପ୍ରକାଶ କରିଥିଲେ। ଓଡ଼ିଶାର ବିକାଶ ଯାତ୍ରାକୁ ସ୍ଥାୟୀ ଏବଂ ଆତ୍ମନିର୍ଭରଶୀଳତାର ଏକ ମଡେଲ ଭାବେ ଗଢ଼ିତୋଳିବା ପାଇଁ ସହଯୋଗ ବୃଦ୍ଧି କରିବାକୁ ଉଭୟ ପକ୍ଷ ସଂକଳ୍ପବଦ୍ଧ ହୋଇଥିଲେ ।ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ।

# ଚାପଗ୍ରସ୍ତ ଯୋଗାଣ

ଆମେରିକା - ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଥମିବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ ଓ ଇସଲାମାବାଦରେ ପାକିସ୍ତାନ ମଧ୍ୟସ୍ଥତାରେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ବିରତି କଥାବାର୍ତ୍ତା ସମ୍ପୂର୍ଣ୍ଣ ବିଫଳ ହେବା ପରେ ପୁଣି ଥରେ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ମୁନିର ଇରାନ ଗସ୍ତ କରି ଦ୍ୱିତୀୟ ଥର ପାଇଁ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ ଓ କିନ୍ତୁ ଏଥିରୁ ମଧ୍ୟ କୌଣସି ନିର୍ଯ୍ୟାସ ବାହାରି ପାରିଲାନି ଓ ମୋଟାମୋଟି ଭାବରେ ଦେଖିବାକୁ ଗଲେ, ଇରାନ ମଧ୍ୟ - ପ୍ରାଚ୍ୟରେ ଆମେରିକାର ପୂର୍ବ ଭଳି ବରଦାସ୍ତ କରିବା ସପକ୍ଷରେ ନାହିଁ ଓ ଅଶୋଧିତ ତୈଳ ଓ ଇନ୍ଧନ ଗ୍ୟାସ ଉପରେ ଆଧିପତ୍ୟ ଜାହିର କରି ପେଟ୍ରୋ - ଡଲାର ରାଜନୀତିକୁ ଆହୁରି ମଜବୁତ କରିବା ପାଇଁ ଆମେରିକା ଯେପରି ବିନା କୌଣସି କାରଣରେ ଇରାନ ଉପରେ ପ୍ରଥମେ ଆକ୍ରମଣ କଲା, ତାହା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ଏକ ଐତିହାସିକ ଭୁଲ ନିଷ୍ପତ୍ତି କୁହାଯାଇପାରେ ଓ ଆମେରିକାର ଅସ୍ତ୍ରଶସ୍ତ୍ରରେ ଶକ୍ତିଶାଳୀ,ଯୁଦ୍ଧଖୋର ପ୍ରବୃତ୍ତି ରଖୁଥିବା ଇସ୍ରାଏଲ ପ୍ରରୋଚନାରେ ଆମେରିକା ଇରାନ ଉପରେ ଯେପରି ଅମାନୁଷିକ ଆକ୍ରମଣ କଲା ତାହା ଏକ ଅତୀବ ନିନ୍ଦନୀୟ ଘଟଣା ଓ ଆମେରିକା ଆକ୍ରମଣରେ ଇରାନର ସର୍ବୋଚ୍ଚ ଧର୍ମଗୁରୁ ଓ ନେତା, ୮୫ ବର୍ଷ ବୟସ୍କ ଆୟୋତୁଲ୍ଲା ଖୋମିନେଇ ନିହତ ହେବା ଏକ ଦୁର୍ଭାଗ୍ୟଜନକ ଅଘଟଣ ଥିଲା ଯାହାକି ଇରାନ ଜନତାଙ୍କୁ କ୍ଷୁବ୍ଧ କରିଥିଲା ଓ ପରେ ପରେ ଇରାନର ଏକ ପ୍ରାଥମିକ ସ୍କୁଲ ଉପରେ ବୋମାମାଡ଼ କରି ପ୍ରାୟ ୧୬୦ ଜଣ ଶିଶୁ କନ୍ୟାଙ୍କୁ ହତ୍ୟା କରିବା ଥିଲା ଆମେରିକା ସୈନ୍ୟବାହିନୀର ଏକ ଅତ୍ୟନ୍ତ ଜଘନ୍ୟ ଓ ନାରକୀୟ କାରନାମା ଓ ଏହି ଦୁଇଟି ଘଟଣା ପରେ ଇରାନ ଉଭୟ ଇସ୍ରାଏଲ ଓ ଆମେରିକା ଉପରେ ଯେପରି ଭୟଙ୍କର ଆକ୍ରମଣ କଲା ତାହା ଯୁଦ୍ଧଖୋର ଇସ୍ରାଏଲ ଓ ଆମେରିକା ପାଇଁ ଅପ୍ରତ୍ୟାଶିତ ଥିଲା ଓ ଇରାନର ଘନଘନ ଆକ୍ରମଣରେ ଥରହର ହେଲା ଉଭୟ ଦେଶ ଓ ପ୍ରବଳ ଜନବିରୋଧର ସମ୍ମୁଖୀନ ହେଉଛନ୍ତି ଉଭୟ ଆକ୍ରମଣକାରୀ ଦେଶର ରାଷ୍ଟ୍ରମୁଖ୍ୟ ଓ ସେନାବାହିନୀରେ ମଧ୍ୟ ଖେଳିଗଲାଣି ଅସନ୍ତୋଷ ଓ ନୈରାଶ୍ୟ ଓ ଏପଟେ ମଧ୍ୟ - ପ୍ରାଚ୍ୟ ଦେଶ କୁଏତ, ସାଉଦି ଆରବ, ଓମାନ, ଆବୁଧାବି, ଦୁବାଇ, ଲେବନାନ ଆଦିରେ ସାମରିକ ଘାଟି ପ୍ରତିଷ୍ଠା କରି ନିଜର ସୈନ୍ୟବାହିନୀ ମୁତୟନ ରଖିଥିବା ଆମେରିକାକୁ ଇରାନ ଉଚିତ ଶିକ୍ଷା ଦେଲା ଓ ଏହି ସବୁ ଆମେରିକା ସୈନ୍ୟଘାଟି ଉପରେ ବାରମ୍ବାର ମିସାଇଲ ଓ ଡ୍ରୋନ ଆକ୍ରମଣ କରି ଛିନଭିନ କରିଦେଲା ଇରାନ ଓ ଫଳରେ ମଧ୍ୟ -ପ୍ରାଚ୍ୟ ଉପରେ ଆମେରିକାର ରହିଆସିଥିବା କୂଟନୈତିକ ଓ ସାମରିକ ପ୍ରଭାବ ଉପରେ ଇରାନର ପ୍ରଚଣ୍ଡ ପ୍ରହାର ବିଶ୍ୱ ରାଜନୀତିକୁ ଏକ ନୂଆ ଦିଶା ପ୍ରଦାନ କରିଛି ଓ ଆମେରିକାକୁ ବିଶ୍ୱ ସମୁଦାୟ ସମର୍ଥନ କରିବା ପରିବର୍ତ୍ତ ? ବିରୋଧ କରୁଛି ଓ ବ୍ରିଟେନ, ଫ୍ରାନ୍ସ, କାନାଡ଼ା, ଇଟାଲୀ, ଉତ୍ତର ଓ ଦକ୍ଷିଣ କୋରିଆ ଆମେରିକାକୁ ବିରୋଧ କରୁଥିବା ବେଳେ ରୁଷିଆ ଓ ଚୀନ ପରୋକ୍ଷରେ ଇରାନକୁ କୂଟନୈତିକ,ସାମରିକ ଓ ସାଇବର ସହାୟତା ପ୍ରଦାନ କରି ଆମେରିକାକୁ ଉଚିତ ଶିକ୍ଷା ଦେବାର ପ୍ରୟାସ ଜାରି ରଖିଛନ୍ତି ଓ ଏବେ ଇରାନର ଆୟତ୍ତରେ ରହିଥିବା ଷ୍ଟ୍ରେଟ ଅଫ ହୋର୍ମୁଜ଼ ଜଳପଥରେ ନାକାବନ୍ଦୀ କରି ଆମେରିକା ବିଶ୍ୱ ସମୁଦାୟ ପାଇଁ ତୈଳ ଓ ଇନ୍ଧନ ଗ୍ୟାସ ସଙ୍କଟ ସୃଷ୍ଟି କରୁଛି ଓ ଇରାନର ଏହି ଜଳପଥ ଦେଇ ସାରା ବିଶ୍ୱକୁ ତୈଳ ଓ ଗ୍ୟାସ ଯୋଗାଣ ହେଉଥିବା ବେଳେ ଆମେରିକା ଘେରାବନ୍ଦୀ ଫଳରେ ଯୋଗାଣ ଚାପଗ୍ରସ୍ତ ହୋଇଛି ଓ ଆମେରିକା ହୋର୍ମୁଜ ଉପରେ ଇରାନର ନିୟନ୍ତ୍ରଣକୁ ବିରୋଧ କରୁଥିବା ବେଳେ ଇରାନ ଏହାର ଆଧିପତ୍ୟ ଜାହିର ରଖିବ ବୋଲି ସ୍ପଷ୍ଟ କରିଦେଇଛି ଓ ଆମେରିକା ଓ ଇସ୍ରାଏଲ ଆନ୍ତର୍ଜାତିକ ଯୁଦ୍ଧ ଆଇନର ବାରମ୍ବାର ଉଲ୍ଲଙ୍ଘନ କରୁଛନ୍ତି ବୋଲି ଜାତିସଂଘରେ ଦୃଢ ଦାବି ଉପସ୍ଥାପିତ କରିଛି ଇରାନ ଓ ଅନ୍ୟପକ୍ଷରେ ପେଟ୍ରୋଲ, ଡିଜେଲ ଓ ଇନ୍ଧନ ଗ୍ୟାସ ପାଇଁ ଭାରତ ସମେତ ସାରା ବିଶ୍ୱରେ ଯେଉଁ ସଙ୍କଟ ସୃଷ୍ଟି ସହିତ ଯୋଗାଣ, ଆମଦାନୀ,ରପ୍ତାନୀ ଯେପରି ବାଧାପ୍ରାପ୍ତ ହେଉଛି ସେଥିପାଇଁ କେବଳ ଆମେରିକା ଓ ଇସ୍ରାଏଲର ଖାମଖିଆଲ ଯୁଦ୍ଧନୀତି ଏବଂ ମାନବାଧିକାର ହନନ ରଣନୀତି ଦାୟୀ ଯାହାକି ବିଶ୍ୱର ଅଧିକାଂଶ ରାଷ୍ଟ୍ରର ଅର୍ଥନୀତି,ବାଣିଜ୍ୟ ଓ ଯୋଗାଣ ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଉଛି ।

# ସମୟରେ ଆସୁନାହିଁ

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଗୁହାରୀ କରାଗଲେ ଲୋକେ ଭାବନ୍ତି ତାହା ପ୍ରାପ୍ତି ହେବ, କିନ୍ତୁ ନିଜର ଦୁର୍ଗୁଣ ସୁଧାର ନକରି ଅଲଭ୍ୟ ଆଶା କଲେ ଯଦି ତାହା ନ ମିଳେ ତେବେ କଣ ଠାକୁରାଣୀ ଠାକୁର ନାହାନ୍ତି ଚିନ୍ତା କରିବା ଠିକ କି ? ଅତୀତର ପୁରାଣ ନଜିର ତପସ୍ୟ, ଉପୁରାଣ ଲୋକଚାରରେ ବ୍ରତ, ଓଷା ଆଦି ଏକ ଏକ ତପସ୍ୟା ହେଲେ ଓଷା ସହ ଆଶା ସମ୍ବନ୍ଧ କଣ ରଖାଯିବ କଣ ରଖାଯିବ ନାହିଁ ଏହାର ଚେତନା କିଏ ଦେବ ? ଅନେକ ଦେବସ୍ଥାନ ଅଛି ଲୋକେ ଘର ଠାରୁ ସେ ସ୍ଥାନକୁ ଚାଲି ଚାଲି ଘରୁ ଦିଅଁଙ୍କ ଅମଣିଆ ଭୋଗ ସାମଗ୍ରୀ ନେଇକି ଯାଉଥିଲେ। ଯେମିତି ଶ୍ରାବଣ ମାସରେ ନଦୀରୁ ଜଳ ତୋଳି ବାହୁଙ୍ଗୀରେ କାନ୍ଧରେ ବୋହି ଶୁଦ୍ଧ ଭାବରେ ନେଇକି ଖାଲିପାଦରେ ଚାଲି ଚାଲି ଯାଉଛନ୍ତି। ଏ ସମୟରେ ଭୋଗ ଦୋକାନ ମନ୍ଦିର ପରିସରରେ ପଟ୍ଟାଦାରମାନେ ନିଲାମ ନେଇ ଫୁଲ ଦୀପ, ଭୋଗ ବିକ୍ରି କରିବା ଯୋଗୁଁ କେହି ବି ଘରୁ ଏପରି ଅମଣିଆ ନେଇକି ଯାଉନାହାନ୍ତି ଦ୍ୱିଚକ୍ର, ତ୍ରିଚକ୍ର, ଚତୁଃଶ୍ଚକ୍ର ଏମିତି ବହୁଶ୍ଚକ୍ର ପୁଣି ବ୍ୟୋମଯାନରେ ମନ୍ଦିର ଧାଉଡିକୁ ଜୋତାଚପଲରୁ କାହାର ପାଦ ଛାଡ଼ ନାହିଁ ଏ ପାଇଁ ସବୁ ମନ୍ଦିର ପରିସର ବାହାରେ ଜୋତାଷ୍ଟାଣ୍ଡ ଯାହା ଠିକା ଦିଆଯାଇ ଏକ ସବଳ ଆୟର ବୃତ୍ତି ହୋଇଛି। କାହାରି କୁଳଗୁରୁ ପୁରୋହିତ ଆଉ ସ୍ଥାୟୀ ନାହାନ୍ତି। ବ୍ରାହ୍ମଣ ଶାସନ ଲୋକ ଭାଷାରେ ଅଛି ସିନା କିନ୍ତୁ ପ୍ରତ୍ୟକ୍ଷ ନାହିଁ ବୋଲି ସ୍ଥାୟୀ ଯେଜମାନ ପୁରୋହିତ ସ୍ଥିର ନାହାନ୍ତି, ପୁରୋହିତ ବ୍ରାହ୍ମଣ ପୂଜ୍ୟ ସେମାନେ ଭୂଦେବ କେହି ବି ଭୁଲମାର୍ଗରେ ଗଲେ ସେ ତାଙ୍କୁ ପ୍ରାୟଶ୍ଚିତ ସଂସ୍କାର ଆଦିକରି ପୁନଃ ସଂସାର କାର୍ଯ୍ୟରେ ଲିପ୍ତ କରାଉଥିଲେ। ଏବେ ବୈଶ୍ୟ ବୃତ୍ତି ବି ପୂଜା ପାଠ ପୌରହିତ୍ୟରେ ସ୍ଥାନ ପାଇଲେଣି।

ଅନ୍ୟାୟ ଅନୀତିରେ ଆୟକାରୀଙ୍କ କଳାଧନ ଅମାପ ଲଭ୍ୟ, ସେ କଣ କରି ଆୟ କରନ୍ତି ଏକଥା ଆଜିକାଲି ତାଙ୍କର ପୌରହିତ୍ୟକାରୀଙ୍କୁ ବୁଝିବା ତର ନାହିଁ। ଏଣେ ପୁରୋହିତଙ୍କ ପଇସା ଦରକାର ସେ କେମିତି ବ୍ୟକ୍ତିକୁ ସୁଧାର କରିବେ ? ଅନେକ ଯାନ ଏ ସମୟରେ ଦେବଦେବୀଙ୍କ ମନ୍ଦିର ପ୍ରାଙ୍ଗଣ ସନ୍ନିକଟ ମଣ୍ଡିତକୁ ଭିଆଇପି ପାସ ବା ଖୋଦ ପଭିଆଇପି ମାନେ ଲାଇନରେ ନ ଆସି ଭିଡ଼ରେ ନଯାଇ କଟୁଆଳ ଆକଟ ଆଡ଼ିଆ ରାଜସିକ ତାମସିକ ଗୁଣରେ ଠାକୁର ଦର୍ଶନ କରିଦେଉଛନ୍ତି। ମାନବ ସେବା ମାଧବ ସେବା, ଏହା ସେମାନେ ଭୁଲି ଯାଇ ଦେବତାଙ୍କ କେଉଁ ଦାନର ପ୍ରକ୍ରିୟାକୁ ବୋଧ କରି ମନର ଆଶା ପୂରଣ ଅଭିଳାଷ କରି ଜନାର୍ଦ୍ଦନା ରୂପୀ ଜନତାଙ୍କୁ ଅବହେଳା ପ୍ରଦର୍ଶନ କରୁଛନ୍ତି। ଭକ୍ତର ପରୀକ୍ଷା ନକରି ଭଗବାନ କେବେ କୌଣସି ବର ଦିଅନ୍ତି ନାହିଁ। ବହୁ ପ୍ରତୀକ୍ଷା, ଧୈର୍ଯ୍ୟ ଠାକୁରଙ୍କ ପାଇଁ ଆବଶ୍ୟକ। ଲଡ୍ଡୁ, ପେଡ଼ା, ନାନା ମିଠା, ଆଦି ସହ ପାଟ, ମଠା, ରତ୍ନ, ଅଳଙ୍କାର, ଅର୍ପଣ କରିବା ଲୋକଙ୍କୁ କଣ ଠାକୁର ଅମର କରିଦେବେ କି ? ନା ବଡ଼ଭକ୍ତରେ ଲୋକ କୁହାଟ ମାରିବେ ? ଠାକୁରଙ୍କ ଗୁଣ ଗ୍ରାମ ଶାସ୍ତ୍ର ଲିଖିତ ଶାସ୍ତ୍ର ଏହା ବି ଲିଖିତ ପୂର୍ଣ୍ଣ ସମର୍ପଣ ଭାବ। ଲୋକେ ଅଭିନ୍ନ ପରିବାରେ ଏକ ଅନ୍ନରେ ଏବେ ରହିବା ଚାହୁଁ ନାହାଁନ୍ତି, ଘରର ମୁରବୀଙ୍କ ବାଣୀରେ କେହି ବି ରହିବା ମାନସରେ ନାହାଁନ୍ତି, ଧର୍ମ କଣ ? ଏହାର ଆଚାର ବିଚାର କଣ ? ଶିକ୍ଷା ଗୁରୁ ଅଛନ୍ତି ମାତ୍ର ଦୀକ୍ଷା ଗୁରୁ କେହିବି ଭୋଜରେ ନାହାଁନ୍ତି, ଏହା ମଧ୍ୟରେ ଲୋକଙ୍କ ଦୁର୍ବଳତା ଏତେ ସ୍ତରକୁ ଆସିଛି ଏଥିରୁ ଲୋଟା କମ୍ବଳ କୌପିନ ସନ୍ତକ ଧାରୀମାନେ ଦୁର୍ବଳ ମନାଙ୍କ ଧନର ଆବାହନ ସରଳରେ କରି ଥାଟ ବାଟରେ ରହୁଛନ୍ତି। ପ୍ରଚାର ଏପରି ଚାଲିଲାଣି ସେ ଅବତାର। ଲୋକେ ନେତାଙ୍କୁ ପାଖ ଲୋକ ବୋଲି ଭୋଟ ଦେଉଛନ୍ତି କିନ୍ତୁ ଭୋଟରେ ଜିତାପଟରେ ନମିଳେ ଦେଖା।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ରୋଷେଇ ଘରେ ବିପ୍ଳବ

## ମନସିଜ୍ ଦାସ

ବର୍ଷ ବର୍ଷ ଧରି ବିଶେଷକରି ଭାରତର ଛୋଟବଡ଼ ସହରାଞ୍ଚଳରେ ଯେଉଁ ସମୟରେ ରୋଷେଇଘରେ ଜାଳେଣି କାଠ ଓ କୋଇଲାକୁ ଠେଲି ବ୍ୟାପକ ଭାବରେ ଇନ୍ଧନର ସ୍ଥାନ ନେଲା ରନ୍ଧନ ଗ୍ୟାସ ବା ଲିକୋଫାଏଡ଼ ପେଟ୍ରୋଲିୟମ ଗ୍ୟାସ। ସେ ସମୟରେ ଗ୍ୟାସ ବିକ୍ରୟ କରୁଥିବା କମ୍ପାନୀମାନେ ଏହି ଧୂଆଁ ନଥିବା ଇନ୍ଧନର ଅଶେଷ ସ୍ଲୋଗାନ ଦ୍ୱାରା ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଥିଲେ। କହିବାକୁଗଲେ ସେ ସମୟରେ ଥିଲା 'ରୋଷେଇ ଘରେ ବିପ୍ଳବ'। ବର୍ତ୍ତମାନର ସମୟକୁ ଦେଖିଲେ ମହିଳାମାନେ କାଠ ଧୂଆଁ, କୋଇଲାର ଯନ୍ତ୍ରଣାରୁ ମୁକ୍ତି ପାଇ ଏହି ଇନ୍ଧନକୁ ଗ୍ରାମାଞ୍ଚଳର ମହିଳାମାନେ ଏକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭାବେ ଗ୍ରହଣ କଲେଣି। ତେବେ ଆମ ମାନଙ୍କ ଭିତରୁ ଅଧିକାଂଶ ଜାଣିନଥିବେ ଯେ ଅପରିହାର୍ଯ୍ୟ ହୋଇପଡ଼ିଥିବା ଏହି 'ରୋଷେଇ ଘରର ବିପ୍ଳବକାରୀ' ଟିକୁ ପାଇବା ପାଇଁ ଆମେ ବିଦେଶରୁ ଆମଦାନୀ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ।

ମଧ୍ୟପ୍ରାଚ୍ୟରେ ସଂଗଠିତ ଭୟଙ୍କର ଯୁଦ୍ଧ ଭିତରେ ଭାରତରେ ତେଲ, ଘରୋଇ ଗ୍ୟାସ ଓ ଲୁବ୍ରିକାଣ୍ଟକୁ ନେଇ ଭାଳେଣି ପଡ଼ିଗଲାଣି। ପ୍ରତିଦିନ ଭାରତର ରାସ୍ତାରେ ଲକ୍ଷ ଲକ୍ଷ ଯାନବାହାନ ଚାଲୁଛି। ଆମେ ଦେଖୁଛୁ ମଫସଲ ଠାରୁ ସହର ଫାଙ୍କା ରାସ୍ତା ହେଉ ବା ଭିଡ଼, ଦୁଇ ଚକିଆ ଠାରୁ ତିନିଚକିଆ, କାର ଠାରୁ ହାଇୱା ଏବଂ ଦେଶର ଭିତ୍ତିଭୂମି, ଯୋଗାଯୋଗ ଓ ଅଭିବୃଦ୍ଧିକୁ ଆଗେଇ ନେଉଥିବା ଟ୍ରକ। ଏସବୁ ଭିତରୁ ଅଧିକାଂଶ ପ୍ରେଟୋଲ ବା ଡିଜେଲ ଦ୍ୱାରା ପରିଚାଳିତ। ଥରେ ଚିନ୍ତା କରି ଦେଖନ୍ତୁ, ଯଦି ଭାରତର ସମସ୍ତ ଯାନବାହାନ ଇଲେକ୍ଟ୍ରିକ ହୋଇଯାଏ ତେବେ କ'ଣ ହେବ ? କେହି କେହି ଏହାକୁ ଧୂଆଁ ମିଶା ଭାଷଣ କହିପାରନ୍ତି କିନ୍ତୁ ଏହା ନିଃସନ୍ଦେହ ଯେ ଏ ବ୍ୟବସ୍ଥାଟି ଭାରତର ଅର୍ଥନୀତି, ଉର୍ଜ୍ଜା ସୁରକ୍ଷା ଓ ପରିବେଶର ଭବିଷ୍ୟତକୁ ଆମୂଳ ଚୂଳ ଓଲଟ ପାଲଟ କରିଦେଇପାରେ।

ଆମେ ଜାଣିଛେ ଭାରତ ହେଉଛି ବିଶ୍ୱର ତୃତୀୟ ତେଲ ଆମଦାନୀ କାରୀ ଦେଶ। ଭାରତରେ ଚାହିଦା ଠାରୁ ଖବୁ କମ ପରିମାଣର ତେଲ ଉତ୍ପାଦନ ହୋଇଥାଏ। ବର୍ତ୍ତମାନ ଭାରତ ତାହାର ପ୍ରାୟ ୮୭% କଚା ତେଲ ବିଦେଶରୁ ଆମଦାନୀ କରିଥାଏ। ଦେଶର ଜିଡ଼ିପିର ୪ରୁ ୫% ଅର୍ଥନୀତିର ଭାଗିଦାର ରହୁଥିବା ଏହି ଆମଦାନୀ ପାଇଁ ଆମ ଦେଶ ବର୍ଷକୁ ୧୫୦ରୁ ୨୦୦ ବିଲିୟନ ଡଲାର ମୁଦ୍ରା ଖର୍ଚ୍ଚ କରିଥାଏ। ତେଲ ବ୍ୟବହାରର ବଡ଼ ରାଜସ୍ୱ ପରିବହନ ଖାତାରୁ ଆସିଥାଏ। ଭାରତରେ ବ୍ୟବହୃତ ପେଟ୍ରୋଲ ଓ ଡିଜେଲର ପ୍ରାୟ ୩୫-୪୦% ରାସ୍ତା ଯାନବାହାନ ଉପଭୋଗ କରେ। ଏହି କ୍ଷେତ୍ରରେ ହିଁ ଆମେ ଆଜିର ଆଲୋଚନାଟି ରଖୁଛୁ। ଯଦି ଯାନବାହାନ ଗୁଡ଼ିକ ଧୀରେ ଧୀରେ ଇଲେକ୍ଟ୍ରିକ ଯୁକ୍ତ ହୋଇଯାଆନ୍ତି ତେବେ ଭାରତର ତୈଳ ଆମଦାନୀର ଚାପଗ୍ରସ୍ତ ବଡ଼ ଅଂଶଟି କମିଯିବ। ଏହାର ସୁଯୋଗର ଦେଶର ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବା ସହ ଆମ ଅର୍ଥନୀତିକୁ ଅଭିବୃଦ୍ଧି ସମ୍ପନ୍ନ କରିବା ପାଇଁ ଏକା ଏକ ବଡ଼ ସ୍ୱାସ୍ଥ୍ୟକର ପରିବର୍ତ୍ତନର ସହାୟକ ହେବ।

ବର୍ତ୍ତମାନ ରନ୍ଧନ ଗ୍ୟାସ ଟିକକ ପାଇବା ପାଇଁ ଯେଉଁପରି ନାହିଁ ନଥିବା ଅସମ୍ଭବ ପରିସ୍ଥିତି ସୃଷ୍ଟି ହେଉଛି ଏହାକୁ ଦେଖିଲେ ଏହା ନିଃସନ୍ଦେହ ଯେ, ଆମ ରୋଷେଇ ଘର ମାନଙ୍କରେ ଗ୍ୟାସ ଚୁଲା ଯାଗାରେ ତାର ସ୍ଥାନ ନେବ ଇଲେକ୍ଟ୍ରିକ ଚୁଲା। ଏଥିପାଇଁ ଲୋଡ଼ା ପଡୁଥିବା ବିଦ୍ୟୁତ ଶକ୍ତି ସୌର, କିମ୍ବା ବାୟୁ ଚାଳିତ ବିଦ୍ୟୁତ ଉତ୍ପାଦନସ୍ଥଳୀ ବା ଜଳ ବିଦ୍ୟୁତ ଓ କୋଇଲା ଚାଳିତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରମାନଙ୍କ ଠାରୁ। ଏଠାରେ ସୂଚୀତ କରିପାରୁ ଯେ ଆମ ଦେଶର ବ୍ୟାପକ ଖଣି ମାନଙ୍କରେ ଯଥେଷ୍ଟ ପରିମାଣର କୋଇଲା ମହଜୁଦ ଅଛି। କେବଳ ସେତିକି ନୁହେଁ ଆମର ଏକ ବିଶାଳ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ଉପଲବ୍ଧ ବ୍ୟବସ୍ଥା ରହିଛି। ଯାହାଦ୍ୱାରା ବିଦେଶୀ ଯୁଦ୍ଧ ହେଉ ବା ବଜାର ମୂଲ୍ୟ ଏପରିକି କୌଣସି ଆନ୍ତର୍ଜାତିକ ଭୂରାଜନୈତିକ ଅସ୍ଥିରତା ରହିଲେ ମଧ୍ୟ ଆମ ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ।

ଆମେ ଆଲୋଚନା କରୁଥିବା ସୌର ଇଲେକ୍ଟ୍ରିକ ଚୁଲାଟି ପାରମ୍ପରିକ ହିଟର ନୁହେଁ ବରଂ ଏହା ଏକ ସେରାମିକ ଆଧାର ଉପରେ ଅଳ୍ପ କ୍ଷଣ ଭିତରେ ତାତି ଯାଉଥିବା କଏଲ ସବୁ ଗୋଲ ହୋଇ ମୋଡ଼ି ହୋଇ ରହିଥାନ୍ତି। ଏବେ ବଜାରରେ ଇଣ୍ଡକ୍ସନ ଷ୍ଟୋଭର ଲୋକପ୍ରିୟତା ବଢ଼ିଲାଣି। ଏହି ଇଣ୍ଡକ୍ସନ ବ୍ୟବସ୍ଥାରେ ଏକ ବିଦ୍ୟୁତ ଚୁମ୍ବକୀୟ କ୍ଷେତ୍ର ଯାହାକୁ ଇଲେକ୍ଟ୍ରୋମ୍ୟାଗନେଟିକ ଫିଲଡ଼ କୁହାଯାଏ ସୃଷ୍ଟି ହୋଇଥାଏ ଯାହା ଷ୍ଟୋଭ ଉପରେ ଥୁଆ ହୋଇଥିବା ରୋଷେଇ ବାସନ ବା ପାତ୍ରର କାନ୍ଥରେ ବହୁ ସଂଖ୍ୟକ କ୍ଷୁଦ୍ର ବିଦ୍ୟୁତ ତରଙ୍ଗମାନ ସୃଷ୍ଟି କରିଥାଏ। ଏହି ଇଲେକ୍ଟ୍ରନ ପ୍ରଭାବ ପ୍ରତି ରୋଷେଇ ପାତ୍ର ଦ୍ୱାରା ସୃଷ୍ଟପ୍ରତିରୋଧ ଯୋଗୁଁ ତାହା ତତକ୍ଷଣାତ୍ ରନ୍ଧନ କରିଥାଏ। ଏହି ପ୍ରକ୍ରିୟାରେ ବିଦ୍ୟୁତଶକ୍ତି ଖୁବ କମ ବ୍ୟବହାର ହୋଇଥାଏ। ଗ୍ୟାସ ଷ୍ଟୋଭରେ ପ୍ରାୟ ୬୦ ଶତାଂଶ ଉତ୍ତାପ ନଷ୍ଟ ହେଉଥିବାବେଳେ ଇଣ୍ଡକ୍ସନ ଷ୍ଟୋଭ ପ୍ରାୟ ୯୦ ଶତାଂଶ ବିଦ୍ୟୁତ ଶକ୍ତିକୁ ଇନ୍ଧନରେ ବ୍ୟବହୃତ ଉତ୍ତାପରେ ପରିଣତ କରିଥାଏ। ତେବେ ଏସବୁ ଭିତରେ ଗୋଟିଏ ଛୋଟିଆ ସନ୍ଦେହ ମଧ୍ୟ ଉଠେ ଯାହାକି ସ୍ୱାଭାବିକ। ଆମେ ଆଲୋଚନା ରଖୁଥିବା ରୋଷେଇ ଘରେ ବିପ୍ଳବ ଯଦି ଏହି ବିଦ୍ୟୁତ ବିପ୍ଳବରୁ ଆରମ୍ଭ ହୁଏ ତେବେ ପରିପାର୍ଶ୍ୱିକ ଜଳବାୟୁର ଅସନ୍ତୁଳନ ଓ ପ୍ରଦୂଷଣ ବଢ଼ିପାରେ କିନ୍ତୁ ଆମ୍ଭେମାନେ ଯଦି ଯୋଜନା ମୁତାବକ ଏକ ଦୀର୍ଘ ମିଆଦୀ କାର୍ଯ୍ୟକ୍ରମ ହାତକୁ ନେଇ ବିଶେଷକରି ଅକ୍ଷୟ ଶକ୍ତି ଉତ୍ପାଦନରେ ଅଗ୍ରଗତି କରି ପାରିବା ତେବେ ଏ ସମସ୍ୟା ସୃଷ୍ଟି ହେବନାହିଁ। ଭାରତୀୟ ମାନଙ୍କର ଜୀବନ ଧାରଣର ମାନରେ ଏହି ବ୍ୟବସ୍ଥାଟି ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇ ବିଶେଷକରି ଲୋକମାନଙ୍କୁ ବ୍ୟାପକ ଖର୍ଚ୍ଚାନ୍ତରୁ ରକ୍ଷା କରିପାରିବ।

ବର୍ତ୍ତମାନ ସମୟରେ ପରିବେଶକୁ ନେଇ ଆମେ ଅନେକ ବିପର୍ଯ୍ୟୟ ଓ ଆହ୍ୱାନକୁ ସାମ୍ନା କରୁଛୁ। ଭାରତର ମୋଟ କାର୍ବନ ନିସ୍ତାରଣର ପ୍ରାୟ ୧୦ରୁ ୧୨% ପରିବହନ କ୍ଷେତ୍ରରୁ ଆସିଥାଏ। ବର୍ତ୍ତମାନ ଭାରତର ଛୋଟବଡ଼ ଅଧିକାଂଶ ସହରରେ ବାୟୁ ପ୍ରଦୂଷଣର ବଡ଼ କାରଣ ହେଉଛି ଯାନବାହାନର ବିଷାକ୍ତ ଧୂଆଁ। ଇଲେକ୍ଟ୍ରି ଯାନବାହାନରୁ ଏହି ନିସ୍ତାରଣ ହୋଇନଥାଏ। ଯଦି ଭାରତର ୩୦ କୋଟିରୁ ଅଧିକ ଯାନବାହାନର ବଡ଼ ଅଂଶ ଇଲେକ୍ଟ୍ରିକ ହୋଇଯାଏ ସହର ମାନଙ୍କର ବାୟୁ ଗୁଣବତ୍ତା ଦୃଶ୍ୟମାନ ଭାବରେ ଉନ୍ନତ ହେବ। ଟିକିଏ ଭଲ ଭାବେ ଚିନ୍ତା କରନ୍ତୁ ଏହାର ସୁଫଳ ଆମ ମାନଙ୍କୁ ଅନେକ ମିଳିବ। ସ୍ୱଚ୍ଛ ଓ ନିରୋଗ ସ୍ୱାସ୍ଥ୍ୟ ଅନୁମୋଦିତ ପରିବେଶଟି ପାଇବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଧାର ଆସିବ, ଚିକିତ୍ସା ବ୍ୟୟ ଖର୍ଚ୍ଚ କମିବ ଓ ଉତ୍ତମ ଜୀବନମାନ ଆମେ ନିର୍ବାହ କରିପାରିବା। ଏହି ଆଲୋଚନା ବେଳେ ଏକ ସ୍ୱାଭାବିକ ପ୍ରଶ୍ନ ଆସେ ଯେ ବିଦ୍ୟୁତ କେଉଁଠାରୁ ଆସିଥାଏ ? ଭାରତ ଏବେ ବିଶ୍ୱର ସବୁଠାରୁ ଦ୍ରୁତ ବିକାଶଶୀଳ ନବୀକରଣଶୀଳ ଉର୍ଜ୍ଜା ବଜାର ମାନଙ୍କ ମଧ୍ୟରେ ଗୋଟିଏ।

ଦେଶରେ ବର୍ତ୍ତମାନ ୧୮୦ଗିଗାୱାଟରୁ ଅଧିକ ନବୀକରଣଶୀଳ ଶକ୍ତିକ୍ଷମତା ସ୍ଥାପିତ ହୋଇଛି। ଯେଉଁଥିରେ ସୂର୍ଯ୍ୟ, ପବନ ଓ ଜଳ ବିଦ୍ୟୁତ ଅନ୍ତର୍ଭୁକ୍ତ। ଯଦି ଇଲେକ୍ଟ୍ରିକ ଯାନବାହାନ ଓ ନବୀକରଣଶୀଳ ଶକ୍ତି ସାଥୀ ହୋଇ ଆଗକୁ ବଢ଼ନ୍ତେ ତେବେ ସମୟ ଆସିବ ଦିନେ ଆମ ମାନଙ୍କର ଯାନବାହାନ ସୂର୍ଯ୍ୟ ଓ ପବନ ଶକ୍ତିରେ ଚାଲିପାରିବ। ଆଜି ଆମ ଦେଶର ବଡ଼ ରାଜସ୍ୱ, ସମୟ, ସମ୍ପଦ ତଳେ ଆମଦାନୀ, ବିଶୋଧନକରଣ, ଇନ୍ଧନ ବିତରଣ ବ୍ୟବସ୍ଥା ପାଇଁ ଖର୍ଚ୍ଚ ହେଉଛି। ତେବେ ଇଲେକ୍ଟ୍ରିକ ଯାନବାହାନରେ ବ୍ୟାଟେରୀ ପ୍ରଯୁକ୍ତି ଓ ଉନ୍ନତ ଚାର୍ଜିଂ ଢ଼ାଞ୍ଚା ରହୁଥିବାରୁ ବିଦ୍ୟୁତ୍ ଗ୍ରୀଡ଼ ଆଧୁନିକୀକରଣ ଜରୁରୀ। ଏହାଦ୍ୱାରା ଭାରତ ଏହାର ବଡ଼ ଆୟର ଭାଗ ଭବିଷ୍ୟତ ନିମିତ୍ତ ଉର୍ଜ୍ଜା ପ୍ରଯୁକ୍ତିର ନିବେଶ କରିପାରିବ। ଏହା କେବଳ ଉର୍ଜ୍ଜାର ପ୍ରସଙ୍ଗ ନୁହେଁ ନୂଆ ଶିଳ୍ପ ଗଢ଼ି ଉଠିବା ସହ ବ୍ୟାପକ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି କରିପାରିବ। ଏହାର ବିକଶିତ କ୍ଷେତ୍ର ବ୍ୟାଟେରୀ ଉତ୍ପାଦନ, ଇଭି ଉପକରଣ ନିର୍ମାଣ, ଚାର୍ଜିଂ ନେଟୱାର୍କ, ସ୍ମାର୍ଟ ମୋବିଲିଟି ପ୍ରଯୁକ୍ତିକୁ ତ୍ୱରାନ୍ୱିତ କରିବ। ଭାରତକୁ ଏକ ଇଲେକ୍ଟ୍ରିକ ଯାନ ଶିଳ୍ପର ପ୍ରମୁଖ ହବ୍ ଭାବରେ ବିଶ୍ୱ ମାନଚିତ୍ରରେ ସ୍ଥାନିତ ହେବାର ସମ୍ଭାବନା ମଧ୍ୟ ରହିବ ନିଶ୍ଚୟ। କେହି କେହି ଇଲେକ୍ଟ୍ରିକ ଯାନର ବ୍ୟାପକ ବ୍ୟବହାରକୁ ଦିବା ସ୍ୱପ୍ନ କହିପାରନ୍ତି କିନ୍ତୁ ଏହା ତେଲ ଆମଦାନୀ ନିର୍ଭରତା ଉପରେ ନିୟନ୍ତ୍ରଣ ରଖିବା ସହ ଏକ ପ୍ରଦୂଷଣମୁକ୍ତ ସବୁଜ ପରିବେଶ ଆମେ ସୃଷ୍ଟି କରିପାରିବା ଏବଂ ଭାରତ ସୂର୍ଯ୍ୟ, ପବନ ଓ ବିଦ୍ୟୁତ ଶକ୍ତିରେ ଏକ ଉନ୍ନତ ଅତ୍ୟାଧୁନିକ ପ୍ରଯୁକ୍ତି ସମ୍ପନ୍ନ ଭବିଷ୍ୟତ ଗଢ଼ିବାରେ ସମର୍ଥ୍ୟ ହେବ।

# ଧର୍ମ ବିଭେଦ ରହିତ

## ନନ୍ଦି କିଶୋର ଷାଣ୍ଢ

ସମ୍ପ୍ରତି ଆମର ଧର୍ମ ଆଚରଣ ବା ଅଭାସ ଏହାର ମୂଳ ଅର୍ଥଠୁଁ ଆମକୁ ଦୂରେଇ ନେଉଥିବାର ଅନୁମେୟ । ସୌହାର୍ଦ୍ଦ୍ୟ, ପ୍ରେମ, ସମନ୍ୱୟ ଓ ସହଯୋଗ ବୃଦ୍ଧି ପରିବର୍ତ୍ତ ? ଆମେ ପ୍ରାୟତଃ ବିଭେଦ ଓ ସଂକୀର୍ଣ୍ଣ ଚିନ୍ତାଧାରାକୁ "ଧର୍ମ" ବୋଲି ବିଶ୍ୱାସ କରୁଛୁ ଓ ଆଚରଣ ମଧ୍ୟ କରୁଛୁ । ଏଥିରେ ଧର୍ମର ଅସଲ ଅର୍ଥକୁ ନେଇ ଅସ୍ପଷ୍ଟତା ବା ଦ୍ୱନ୍ଦ ଆସିଥାଏ ।

ଧର୍ମର ମୂଳ ଅର୍ଥ ରିତି-ନୀତି, ପରିଚୟ କିମ୍ବା କୌଣସି ଗୋଷ୍ଠୀର ସଦସ୍ୟତା ସହିତ ଜଡିତ ନୁହେଁ । ଏହା ସଂସ୍କୃତ ଶବ୍ଦ "ଧୃ" ରୁ ଆସିଛି, ଯାହାର ଅର୍ଥ "ଧରି ରଖିବା" ବା "ସ୍ଥିର କରିବା"। ଧର୍ମ ହେଉଛି ସେହି ସିଦ୍ଧାନ୍ତ ଯାହା ଜୀବନକୁ ଧରି ରଖେ ଏବଂ ବିକାଶ, ସମତୁଳନ ଓ ପରିବର୍ତ୍ତନକୁ ସମର୍ଥନ କରେ । ଯେପରି ଅଗ୍ନିର ଧର୍ମ ହେଉଛି ଜଳିବା ଓ ପାଣିର ଧର୍ମ ହେଉଛି ପ୍ରବାହିତ ହେବା, ସେପରି ମଣିଷର ଧର୍ମ ହେଉଛି ବୃଦ୍ଧି କରିବା, ନିଜକୁ ସୁଧାରିବା ଓ ଉଚ୍ଚତ୍ତର ସଚେତନତା ଦିଗକୁ ଗତି କରିବା । ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବା ବା ନିଜର ଅସ୍ତିତ୍ୱ ରକ୍ଷା ସହିତ ଅନ୍ୟର ଅସ୍ତିତ୍ୱ ରକ୍ଷାରେ ସହଯୋଗ ହିଁ ଧର୍ମ ।

ଧର୍ମ ଓ ଧର୍ମୀୟତା ମଧ୍ୟରେ ପାର୍ଥକ୍ୟ ରହିଅଛି । କାରଣ ଧର୍ମୀୟ ପ୍ରଥାମାନେ ସଂସ୍କୃତି, ଇତିହାସ ଓ ଭୌଗୋଳିକ ପରିପ୍ରେକ୍ଷୀରେ ଗଠିତ ହୋଇ ବିଭିନ୍ନ ହୋଇପାରନ୍ତି ଓ ବେଳେ ବେଳେ ଲୋକମାନଙ୍କୁ ବିଭକ୍ତ ମଧ୍ୟ କରନ୍ତି । କିନ୍ତୁ ଧର୍ମ ସର୍ବଦା ସାର୍ବଜନୀନ ଏବଂ ଏହା କୌଣସି ଗୋଷ୍ଠୀରେ ଯୋଗଦେବା ନୁହେଁ, ବରଂ ଜୀବନକୁ ଅନୁଭବ କରିବାର ଏକ ଚିରନ୍ତନ ଶାଶ୍ୱତ ପଦ୍ଧତି। ଯଦି କୌଣସି ଅଭ୍ୟାସ ମଣିଷଙ୍କୁ ବୃଦ୍ଧି କରାଇନଥାଏ କିମ୍ବା ଜୀବନକୁ ଉପକାର କରେନାହିଁ, ସେହି ଅଭ୍ୟାସ ତାର ସାରକୁ ହରାଇ କେବଳ ଏକ ଫଳହୀନ ଅଭ୍ଯାସ ହୋଇଥାଏ ।

ବର୍ତ୍ତମାନ କେତେକ ଲୋକ ନିଜକୁ ଆଧ୍ୟାତ୍ମିକ ଗୁରୁ ବୋଲି ପ୍ରକାଶ କରିଥାନ୍ତି କିନ୍ତୁ ଅସଲ ଧର୍ମ ପରିବର୍ତ୍ତ ? ସ୍ୱପ୍ରଚାର ଓ ପ୍ରତିଷ୍ଠାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଏଭଳି କ୍ଷେତ୍ରରେ ଧର୍ମକୁ ସଂକୀର୍ଣ୍ଣ କିମ୍ବା ବିକୃତ ଭାବରେ ବ୍ୟାଖ୍ୟା କରାଯାଉଥିବାରୁ ଏହା ଲୋକମାନଙ୍କୁ ସମତୁଳିତ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନରୁ ଦୂରକୁ ନେଇଯାଇ ଅହଂକାର, ବିରୋଧ ଓ ଦ୍ୱନ୍ଦକୁ ବୃଦ୍ଧି କରିଥାଏ । ଏଣୁ ଧର୍ମର ଅସଲ ବ୍ୟାଖ୍ୟା ତଥା ଧର୍ମର ଉପଯୁକ୍ତ ସଠିକ ମାର୍ଗଦର୍ଶନ ପାଇଁ ସତ୍ୟ ମାର୍ଗଦର୍ଶକ ଅଥବା ସଦ୍ ?ଗୁରୁଙ୍କର ଆବଶ୍ୟକତା ଅନୁଭୁତ ହୁଏ । ସଦ୍ଗୁରୁ ଅନ୍ଧ ଭାବେ ଅନୁସରଣୀୟ ନୁହନ୍ତି, ବରଂ ଧର୍ମ ସହିତ ସମନ୍ୱୟରେ କିପରି ଜୀବନ ବ୍ୟତୀତ କରିବା ତାହାର ଜୀବନ୍ତ ଉଦାହରଣ ହୋଇଥାନ୍ତି । କାରଣ ଜୀବନର ସିଦ୍ଧାନ୍ତଗୁଡିକ କେବଳ ଧାରଣା ଭାବରେ ବୁଝିବାକୁ କଠିନ, କିନ୍ତୁ ଯେତେବେଳେ ସେଗୁଡିକୁ ଜୀବନରେ ବାସ୍ତବ ପାଳନୀୟ ହୋଇଯାନ୍ତି ସେଗୁଡିକ ସରଳ ଓ ସ୍ପଷ୍ଟ ହୋଇଯାନ୍ତି । ଏଭଳି ଆଚରଣକୁ ବୃଦ୍ଧି କରୁଥିବା ସଦ୍ଗୁରୁ ନିର୍ଭରତା ନୁହେଁ ବରଂ ଉଦ୍ଦେଶ୍ୟପୂର୍ଣ୍ଣ, ସ୍ଥିର ଓ ସତ୍ୟନିଷ୍ଠ ଜୀବନ ଜୀବନ୍ତ କରିବାକୁ ସ୍ପଷ୍ଟତା ଦିଅନ୍ତି । ଧର୍ମ ସର୍ବଦା ସାର୍ବଜନୀନ କାରଣ ଏହା ଆମ ଶରୀର, ମନ ଓ ସହଅସ୍ତିତ୍ୱର ଆବଶ୍ୟକତାରେ ଆଧାରିତ ଏବଂ ଏହା ସମସ୍ତଙ୍କର, ଯେଉଁଠି ଏହାର ମୌଳିକ ମୂଲ୍ୟ ହେଉଛି ସତ୍ୟ, ପ୍ରେମ, ବିକାଶ ଓ ସେବା, ଯାହା କେବଳ ଧାରଣା ନୁହେଁ ବରଂ ଏକ ସୁସ୍ଥ ସମାଜ ପାଇଁ ଆବଶ୍ୟକ । ଆଧୁନିକ ଜୀବନରେ ଧର୍ମ ପାଳନ ପାଇଁ ସଂସାରରୁ ଦୂରେଇବା ଦରକାର ନାହିଁ, ବରଂ ଏହା ଆମକୁ ତନ୍ମଧ୍ୟରେ ରହି କିପରି ଦକ୍ଷତାର ସହ ଜୀବନ ବ୍ୟତୀତ କରିବାକୁ ହୁଏ ତାହା ଶିଖାଏ । ଶିକ୍ଷାରେ ଏହା କେବଳ ତଥ୍ୟ ଆହରଣ ନୁହେଁ ବରଂ ଚରିତ୍ର ଗଢ଼ିବାକୁ ଗୁରୁତ୍ୱ ଦିଏ, ନୈନିକ ଜୀବନରେ ଏହା ଶରୀରକୁ ସୁସ୍ଥ ଓ ଶୁଚି ରଖିବାକୁ କୁହେ; କାରଣ ଏହା ସମସ୍ତ କାର୍ଯ୍ୟର ଆଧାର ଏବଂ ସଂସ୍କୃତିରେ ଏହା ପରମ୍ପରାକୁ ସମ୍ମାନ ଦେବା ସହିତ ଖୋଲା ମନରେ ଅନ୍ୟମାନଙ୍କୁ ଗ୍ରହଣ କରିବାକୁ ଶିଖାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆବହମାନ କାଳରୁ ଆମ ସମ୍ପର୍କ ଓ ସମାଜରେ ଧର୍ମ କାର୍ଯ୍ୟରେ ଦୟା, ଦାୟିତ୍ୱ ଓ ସେବା ର ପ୍ରକାଶ ରହିଆସିଅଛି । ଯେତେବେଳେ ଆମେ ବୁଝିବା ଯେ ଆମର ସୁଖ ଓ ଆନନ୍ଦ ଅନ୍ୟମାନଙ୍କ ସୁଖ ଓ ଆନନ୍ଦ ସହିତ ଜଡିତ ସେତେବେଳେ ଆମର ଆଚରଣ, ବ୍ୟବହାର ନିଜେ ନିଜେ ପରିବର୍ତ୍ତିତ ହେବ ଓ ଆମର ଜୀବନ ପ୍ରତିଯୋଗିତାରୁ ଅଧିକ ଅବଦାନରେ ପରିଣତ ହେବ । ଧର୍ମ କୌଣସି ଦୂରସ୍ଥ କିମ୍ବା ଅବ୍ୟବହାରିକ ବିଷୟ ନୁହେଁ, ଏହା ଆମ ଚିନ୍ତା, କାର୍ଯ୍ୟ ଓ ସମ୍ପର୍କରେ ସବୁବେଳେ ବିଦ୍ୟମାନ ଏବଂ ଯେତେବେଳେ ଏହାକୁ ସତ୍ୟନିଷ୍ଠ ଭାବେ ଅନୁସରଣ କରାଯାଏ ସେତେବେଳେ ଏହା ଆମ ମନ ଓ ସମାଜରେ ଶାନ୍ତି, ଶକ୍ତି, ଏକତାର ପଥ ଉନ୍ମୋଚନ କରିଥାଏ ।

ବରିଷ୍ଠ ଉନ୍ନୟନ ପରମର୍ଶଦାତା
ସାଲେପାଲି, ବଲାଙ୍ଗିର

# ସ୍ୟାଡ୍ : ଅସନ୍ତୁଳିତ ମାନସିକ ଅବସ୍ଥାର ପ୍ରତିଫଳନ

## ଡାକ୍ତର ସମ୍ରାଟ କର ■

ଅମ୍ବିକାର ଥମଥମ ମୁହଁ ଦେଖି ପ୍ରଥମେ ପ୍ରଭାକର ଆଶ୍ଚର୍ଯ୍ୟ ହୋଇଗଲା। ବିବାହର ଏଇ ଚାରିମାସ ମଧ୍ୟରେ ତା'ର ଏପରି ଗମ୍ଭୀର ମୁହଁ କେବେ ବି ଦେଖି ନଥିଲା। ଭାବିଲା କିଛି ବୋଧେ ସିରିୟସ ଘଟଣା ଘଟିଛି। ବହୁତ ପଚାରିଲା। ହେଲେ କିଛି ହୋଇନି କହି ଅମ୍ବିକା କଥାଟାକୁ ଏଡ଼ାଇ ଦେଲା। କିନ୍ତୁ ଦିନସାରା ସମିତା ଥିଲା ଗୁମସୁମ। ଏଥର ପ୍ରଭାକର ବି ସିରିୟସ ହୋଇଗଲା। ବହୁତ ଅନୁରୋଧ ପରେ ଅମ୍ବିକା କହିଲା, ପ୍ରକୃତରେ ମୋର କିଛି ବି ହୋଇନି। କାହିଁକି କେଜାଣି ମନଟା ଏମିତି ଉଦାସ ଲାଗୁଛି। ବର୍ଷା ହେଲେ ମୋତେ ଏମିତି ଲାଗେ। ବିନା କାରଣରେ କାନ୍ଦିବାକୁ ଇଛା ହୁଏ ଆଉ ଚୁପଚାପ ରହିବାକୁ ଭଲ ଲାଗେ। ତେଣୁ ତୁମେ ବ୍ୟସ୍ତ ହୁଅନି।

ହଁ, ଅମ୍ବିକାଙ୍କର ଏପରି ହେବାଟା କିଛି ନୂଆ କଥା ନୁହେଁ। ବର୍ଷା ଅମ୍ବିକାଙ୍କୁ ଅନ୍ୟ ମନସ୍କ କରାଇ ଦିଏ। ଅନେକ ଲୋକ ଅଛନ୍ତି ଯେଉଁମାନେ ଶୀତରେ ବି ଏମିତି ଅନ୍ୟମନସ୍କ ହୋଇପଡ଼ନ୍ତି। ସେ ଦିନ କ୍ଲିନିକରେ ଅନେକ ଦିନ ପରେ ମୋର ସାକ୍ଷାତ ହୋଇଥିବା ଜଣେ ବନ୍ଧୁ ତାଙ୍କ ବିଷାଦପୂର୍ଣ୍ଣ ନିଜ ଜୀବନର ଘଟଣାବଳୀ ସବୁ ଏହିପରି ବଖାଣୁଥିଲେ। ମୁଁ ତାଙ୍କଠାରୁ ସବୁ କିଛି ଶୁଣି ତାଙ୍କୁ ବ୍ୟସ୍ତ ନହୋଇ କହିଲି ସେପରି ଏହାର କାରଣ କିଛି ନଥାଏ। ଏହା କେବଳ ଋତୁର ପ୍ରଭାବ, ଯାହାକୁ ଇଂରାଜୀରେ କହନ୍ତି 'ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର' ବା 'ସ୍ୟାଡ୍'। ଅସନ୍ତୁଳିତ ମାନସିକ ଅବସ୍ଥାର ପ୍ରତିଫଳନ ହେଉଛି ସ୍ୟାଡ୍। ଋତୁ ଅନୁଯାୟୀ ଆଲୋକ ପରିବର୍ତ୍ତନ ଯୋଗୁ ଏପରି ମାନସିକ ଅସନ୍ତୁଳନ ପରିସ୍ଥିତି ସୃଷ୍ଟି ହୋଇଥାଏ ଏବଂ ସାଧାରଣତଃ ଆମେ ଉଦାସ ହୋଇପଡୁ।



ଏହି ମାନସିକ ଅସନ୍ତୁଳିତ ସମସ୍ୟା ବା ସ୍ୟାଡ଼ ଏକ ନିର୍ଦ୍ଦିଷ୍ଟ ଋତୁର ଅବସ୍ଥା ଅର୍ଥାତ୍ ବର୍ଷର ଏକ ନିର୍ଦ୍ଦିଷ୍ଟ ଋତୁରେ ଏହାର ଲକ୍ଷଣ ଦେଖାଯାଇଥାଏ। ଅନ୍ୟାନ୍ୟ ଋତୁ ତୁଳନାରେ ଶୀତଋତୁରେ ଏହାର ପ୍ରଭାବ ବେଶି। ଅନ୍ୟପକ୍ଷରେ ବସନ୍ତ ଏବଂ ଗ୍ରୀଷ୍ମଋତୁରେ ଏହାର ପ୍ରଭାବରେ କମ ଲୋକ ଆସିଥାନ୍ତି। ସ୍ୟାଡ଼ର ପ୍ରଭାବରେ ମଣିଷ ଅଧିକାଂଶ ସମୟ ଉଦାସ ରହିଥାଏ। ଦୁର୍ବଳତା ବୋଧ କରେ। ବିରକ୍ତି ବୃଦ୍ଧି ପାଏ। ମୁଣ୍ଡ ବିନ୍ଧା ବଢ଼ିବା ସାଙ୍ଗକୁ ଅଧିକ ନିଦ ଲାଗେ। ସେକ୍ସ ପ୍ରତି ଆଗ୍ରହ ରହେନାହିଁ। ନିଜ ଅଜାଣତରେ ଆବଶ୍ୟକତା ଠାରୁ ଅଧିକ ଖାଇ ହୋଇଯାଏ। ଆସନ୍ତୁ ଏହାର କାରଣ ସମ୍ପର୍କରେ ଜାଣିବା। ଏହାର ପ୍ରମୁଖ କାରଣ ହେଉଛି ଅତ୍ୟଧିକ କାମର ଚାପ, ଶରୀରର ରସାୟନିକ ପ୍ରକ୍ରିୟା ପ୍ରମୁଖ। ଏହାଛଡ଼ା ମେଲାଟୋନିନ ନାମକ ନିଦ ସଂପର୍କିତ ଏକ ହରମୋନ ମଧ୍ୟ ଏହି ଉଦାସୀନତା ବା ସ୍ୟାଡ଼ ସହିତ ସଂଶ୍ଳିଷ୍ଟ। ଏପରିକି ଏହା ସ୍ୟାଡ଼ର ଅନ୍ୟତମ କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି। ଶୀତ ରାତିରେ ଏହି ହରମୋନ ପରିମାଣ ବୃଦ୍ଧି ପାଇଥାଏ, ଯେଉଁଥିପାଇଁ ଏହି ଋତୁରେ ସ୍ୟାଡ଼ ଦ୍ୱାରା ବେଶି ଲୋକ ଆକ୍ରାନ୍ତ ହୋଇଥାନ୍ତି। ଏହାର ଚିକିତ୍ସା ଗୁଡ଼ିକ ହେଉଛି ଲାଇଟ ଥେରାପି : ଶୀତଋତୁର ଉଦାସୀନତାରୁ ମୁକ୍ତି ପାଇବା ପାଇଁ ଅଧିକାଂଶ ଲୋକ ଏହି ଲାଇଟ ଥେରାପିର ସାହାଯ୍ୟ ନେଇଥାନ୍ତି। ଏହି ଚିକିତ୍ସା ପଦ୍ଧତି ଅନୁସାରେ ଆପଣଙ୍କୁ ସକାଳେ ଏକ କୋଠରିରେ ସାଧାରଣ ଲାଇଟ ଠାରୁ ୧୦ରୁ ୨୦ଗୁଣ ଅଧିକ ଲାଇଟର ବ୍ୟବସ୍ଥା କରିବାକୁ ପଡ଼ିବ। ଆପଣଙ୍କୁ ଏହି ଲାଇଟ ଠାରୁ ମାତ୍ର ଅଳ୍ପ କେତେ ଫୁଟ ଦୂରରେ ବସିବାକୁ ପଡ଼ିବ। ଦିନକୁ ଅତିକମରେ ୩୦ ମିନିଟ କିମ୍ବା ତା'ଠାରୁ ଅଧିକ ସମୟ ନିୟମିତ ଏପରି ବସିବାକୁ ପଡ଼ିବ। ଉଜ୍ଜ୍ୱଳ ଆଲୋକ ସମ୍ମୁଖରେ ବସିଲେ 'ମେଲାଟୋନିନ' ହରମୋନ ହ୍ରାସ ପାଇବା ସହ ସେରୋଟୋନିନ ହରମୋନ ବୃଦ୍ଧି ପାଇବ।

ସାଇକୋ ଥେରାପି : ସ୍ୟାଡ଼ ଠାରୁ ନିଜକୁ ଦୂରେଇ ରଖିବା ପାଇଁ ସାଇକୋ ଥେରାପି ମଧ୍ୟ ସାହାଯ୍ୟ ନିଆଯାଇପାରେ। ଏହି ଥେରାପି ନକାରାତ୍ମକ ଚିନ୍ତାଧାରା ଏବଂ ଏହାର ବ୍ୟବହାରର କାରଣ ବାହାର କରିବା ସହିତ ଏହାର ନିରାକରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

ମାନସିକ ଅସନ୍ତୁଳିତ ଏହି ଅସ୍ୱସ୍ତିକର ଅବସ୍ଥାକୁ ନେଇ ପୀଡ଼ିତର ଆଖପାଖ ଲୋକଙ୍କର ସେପରି କିଛି ଚିନ୍ତିତ ହେବାର କାରଣ ନାହିଁ। ସର୍ବପ୍ରଥମେ ପୀଡ଼ିତ ଜଣଙ୍କୁ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ରଖନ୍ତୁ। ସେହିପରି ତାଙ୍କୁ କୌଣସି ଉଦାସୀନତା, ଚିଡ଼ିଚିଡ଼ାପଣ, ବିରକ୍ତିକର ଅବସ୍ଥା ଭିତରକୁ ଠେଲି ଦିଅନ୍ତୁ ନାହିଁ। ଯେମିତି ନିଜ କୋଠରିକୁ ଆବଶ୍ୟକତା ଠାରୁ ଅଧିକ ଆଲୋକିତ କରିପାରନ୍ତି। ଘରେ ଅଧିକ ସ୍କାଏଲାଇଟ ବ୍ୟବସ୍ଥା କରିପାରନ୍ତି। ଏହାଛଡ଼ା ବାହାରର ଗଛଡ଼ାଳ ଯଦି ଆଲୋକର ପ୍ରତିବନ୍ଧକ ହୋଇଥାଏ, ତେବେ ଏହାକୁ କାଟି ସଫା କରିପାରନ୍ତି। ଖରାରେ କିଛି ସମୟ ବାହାରେ ବୁଲନ୍ତୁ। ବିଶେଷକରି ଶୀତଋତୁରେ । ନିୟମିତ ବ୍ୟାୟାମ କରନ୍ତୁ, ଅତ୍ୟଧିକ ଚାପରୁ ମୁକ୍ତି ପାଇବା ପାଇଁ ସହଜ ବାଟ ବାହାର କରନ୍ତୁ। ଯଦି ସମ୍ଭବ ହୁଏ, ତେବେ ଶୀତକାଳୀନ ଛୁଟି ନେଇ ଗରମ ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବର୍ଷା ଦିନେ ଏହି ସମସ୍ୟା ଦେଖାଦେଉଥିଲେ ସମୟ କାଢ଼ି ବାହାରକୁ ବୁଲିଯିବା ପାଇଁ ଯୋଜନା କରନ୍ତୁ। ସୁଷମ ଖାଦ୍ୟ, ନିଶାଦ୍ରବ୍ୟ ଠାରୁ ଦୂରେଇବା ସହ ପୀଡ଼ିତ ଜଣଙ୍କୁ ଶାରୀରିକ ଓ ମାନସିକ ଭାବେ ପ୍ରଫୁଲ୍ଲିତ ରଖନ୍ତୁ। ଦେଖିବେ ଏଥିରୁ ପୀଡ଼ିତ ଜଣଙ୍କ ମୁକ୍ତି ପାଇବା ସହ ତାଙ୍କ ଜୀବନ ପୂର୍ବ ପରି ଆନନ୍ଦମୟ ହୋଇପାରିବ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ନୟାଗଡ଼ ଜିଲ୍ଲାରେ ବିଶ୍ୱ ରେଡକ୍ରସ ଦିବସ ପାଳିତ




ନୟାଗଡ,(ମହାଭାରତ) : ଆଜି ନୟାଗଡ଼ ଜିଲ୍ଲା ରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୭ ଘଟିକା ସମୟରେ ଏକ ସଚେତନତା ରାଲି ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ରୁ ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଶେଷ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଜିଲ୍ଲା ରେଡକ୍ରସ ଫୋରମର ସଦସ୍ୟ ମାନେ ଯୋଗ ଦେଇଥିଲେ। ପରେ ପରେ ସକାଳ ୯ ଘଟିକା ସମୟରେ ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହରେ ଏକ ସାଧାରଣ ସଭା ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପ-ଜିଲ୍ଲାପାଳ କର୍ଣ୍ଣ ଦେବ ସମାଦ୍ଦାର, ଡେପୁଟୀ କଲେକ୍ଟର ତପତି ରାଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ସ୍ୱାଇଁ ଏବଂ ରେଡକ୍ରସ୍ ଫୋରମର ସଦସ୍ୟ ମାନଙ୍କ ସହ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହାପରେ ରେଡକ୍ରସ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ଦାନ ଶିବିର ସଂଗ୍ରହ ରେ ନୟାଗଡ଼ ରକ୍ତ ଭଣ୍ଡାର ଅଧିକାରୀ ଡ଼ା ବିତବାସ ନାୟକ ଙ୍କ ସହ ରକ୍ତ ଭଣ୍ଡାର କର୍ମଚାରୀ ମାନେ ରକ୍ତ ଟାଣିବାରେ ସହଯୋଗ କରିଥିଲେ।

## ବାଣପୁର ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ




ବାଣପୁର, ( ମହାଭାରତ): ଇଉନିସେଫ ଏବଂ ଓଡିଶା ପୋଲିସ ସହାୟତାରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ପରିସରରେ ଥାନା ଅଧିକାରୀ ଜୟକୃଷ୍ଣ ପରିଡା ଙ୍କ ତତ୍ୱାବଧାନରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସାଇବର ଡି.ଏସ.ପି ଆର ଏନ ଭଞ୍ଜ ଯୋଗଦେଇ ଜୁଭେଣ୍ଟିକା ସମ୍ପର୍କ ରେ ଆଲୋକପାତ କରି କିପରି ପୋଲିସ ଏବଂ କୋମଳ ମତି ନାଁ ବାଳିକା ନିର୍ଭୟ ହୋଇପାରିବେ ଏବଂ ସାଇବର ଅପରାଧ ରୋକିବାପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ବାଣପୁର ବିଜ୍ଞାପିତ ଅଂଚଳର ଅଙ୍ଗନବାଡି କର୍ମଚାରୀ ଓ ଗ୍ରାମୀଣ ମହିଳା ମହାବିଦ୍ୟାଳୟ ର ଛାତ୍ରୀ ମାନେ ଯୋଗ ଦେଇଥଲେ ।

## ଶିଶୁଙ୍କ ଡିଜିଟାଲ୍ ସୁରକ୍ଷା ଉପରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ



ପାରାଦୀପ, (ମହାଭାରତ) : ୟୁନିସେଫ୍ ସହଯୋଗରେ ଓଡ଼ିଶା ପୋଲିସ ଭୁବନେଶ୍ୱରର ପୋଲିସ ଭବନରେ ଜୁଭେଣ୍ଟିକା - ଡିଜିଟାଲ୍ ଅଧିକାର ଏବଂ ଶିଶୁ ସୁରକ୍ଷା ସମ୍ମିଳନୀ ଆୟୋଜନ କରିଥିଲା, ଯେଉଁଥିରେ ନୀତି ନିର୍ଦ୍ଧାରକ, ବରିଷ୍ଠ ପୋଲିସ ଅଧିକାରୀ, ଶିକ୍ଷକ, ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିଶୁ ଅଧିକାର ବିଶେଷଜ୍ଞମାନେ ଡିଜିଟାଲ୍ ଦୁନିଆରେ ପିଲାମାନେ ସମ୍ମୁଖୀନ ହେଉଥିବା ବର୍ଦ୍ଧିତ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବା ପାଇଁ ଏକତ୍ରିତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ, ଶୁକ୍ରବାର ପାରାଦୀପ ଆଦର୍ଶ ଥାନା, ଲକ୍ ଥାନା ଏବଂ ଅଭୟଚାନ୍ଦପୁର ପୋଲିସ ଷ୍ଟେସନରେ ଯଥାକ୍ରମେ ଆଇଆଇସି ବବିତା ଦେହୁରୀ, ରଶ୍ମି ରଞ୍ଜନ ଦାସ ଏବଂ ସମୀର ରାଉତଙ୍କ ପରିଚାଳନାରେ 'ଜୁଭେଣ୍ଟିକା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମକୁ ପାରାଦୀପ ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାନେ ଙ୍କ ତତ୍ୱାବଧାନରେ ସଫଳତାର ସହ ଆୟୋଜିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଶିଶୁ, ମହିଳା ଓ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଭିଡିଓ କନଫରେନ୍ସିଂରେ ସମ୍ବୋଧିତ କରି, ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶିଶୁମାନଙ୍କ ବିରୁଦ୍ଧରେ ସାଇବର ବିପଦର ମୁକାବିଲା କରିବାରେ ଆଇନ ପ୍ରବର୍ତ୍ତନର ବିକଶିତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ପୋଲିସ ବିଭିନ୍ନ ଜିଲ୍ଲାରେ ୨୦ଟି ଅତିରିକ୍ତ ସାଇବର ପୋଲିସ ଷ୍ଟେସନ ସ୍ଥାପନ କରି ସାଇବର ସୁରକ୍ଷା ସଚେତନତା ଏବଂ ତଦନ୍ତ କ୍ଷମତାକୁ ସୁଦୃଢ଼ କରୁଛି ଏବଂ କ୍ଷେତ୍ର ତଦନ୍ତକୁ ସମର୍ଥନ କରିବା ପାଇଁ ସାଇବର ବିଶେଷଜ୍ଞମାନଙ୍କୁ ନିୟୋଜିତ କରୁଛି। ଏଥିସହ ୭୧ଟି ପୋଲିସ ଷ୍ଟେସନକୁ ଶିଶୁ-ଅନୁକୂଳ ପ୍ରକୋଷ୍ଠ ସହିତ ଉନ୍ନତ କରାଯାଇଛି, ଯାହା ଦ୍ୱାରା ଓଡ଼ିଶାରେ ସମଗ୍ର ପୋଲିସ ବ୍ୟବସ୍ଥାକୁ ଅଧିକ ଶିଶୁ-ଅନୁକୂଳ କରିବା ପାଇଁ ପ୍ରତିବଦ୍ଧତା ରହିଛି। ସେ ଶିଶୁମାନଙ୍କୁ ଟାର୍ଗେଟ କରୁଥିବା ସାଇବର ବିପଦର ବୃଦ୍ଧି ପାଉଥିବା ଜଟିଳତା ପ୍ରତି ମଧ୍ୟ ଇଙ୍ଗିତ କରିଥିଲେ। ସେ ଇଣ୍ଟରନେଟ୍ ରୁ ଶିଶୁ ଯୌନ ଶୋଷଣ ଏବଂ ନିର୍ଯାତନା ସମସ୍ୟା ଏବଂ ଅନ୍ୟାନ୍ୟ କ୍ଷତିକାରକ ବିଷୟବସ୍ତୁ ଅପସାରଣ କରିବାରେ ଶିଶୁ ଏବଂ ମହିଳା ଅନଲାଇନ୍ ଅପବ୍ୟବହାର ମନିଟରିଂ ୟୁନିଟର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଡିଜି ଶ୍ରୀ ଖୁରାନିଆ ଆଇନ ପ୍ରବର୍ତ୍ତନ ସହିତ ପ୍ରତିରୋଧ ଏବଂ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଶିଶୁ, ପିତାମାତା ଏବଂ ଶିକ୍ଷକମାନଙ୍କୁ ଇଣ୍ଟରନେଟ୍ ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରିବା ପାଇଁ ଜ୍ଞାନ ସହିତ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ।

# ଏନ୍‌ଏସି ହାଇସ୍କୁଲରେ ମହାଦୁର୍ନୀତି : ମଧ୍ୟାହ୍ନ ଭୋଜନ ଚାଉଳ ବି ଛାଡ଼ିଲେନି, ଗୋଦାମରେ ଅଧିକ ୧୯ କ୍ୱିଣ୍ଟାଲ୍ ଚାଉଳକୁ ନେଇ ସନ୍ଦେହ।




ନୟାଗଡ, (ମହାଭାରତ ) : ନୟାଗଡ଼ ସହରର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ଜଣାଶୁଣା ଏନ୍ ?ଏସି ସରକାରୀ ଉଚ୍ଚ ବିଦ୍ୟାଳୟ ରେ ହୋଇଥିବା କେଳେଙ୍କାରୀ ଉପରୁ ଗୋଟିଏ ପରେ ଗୋଟିଏ ପରଦା ଉଠିବାରେ ଲାଗିଛି। ବିଶେଷ କରି ପିଲାଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ଚାଉଳ କୁ କେମିତି ଲୁଟ୍ କରାଯାଇଛି, ଏହା ତଦନ୍ତରୁ ଜଣାପଡ଼ିଛି। ମଧ୍ୟାହ୍ନ ଭୋଜନ ପାଇଁ ଅଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ଦର୍ଶାଇ ସେହି ଅନୁପାତରେ ବିଲ୍ କରାଯାଇଛି। ଗୋଦାମ ରେ ଥିବା ଚାଉଳକୁ ଭଲ ଭାବେ ଯାଞ୍ଚ କରିବାରୁ ସେଠାରେ ୧୯ କ୍ୱିଣ୍ଟାଲ୍ ରୁ ଅଧିକ ପରିମାଣର ଚାଉଳ ଗଛିତ ଥିବା ଜଣାପଡ଼ି ଛି। ଫଳରେ ଏତେ ପରିମାଣରେ ଗଛିତ ଚାଉଳକୁ ବୋଧହୁଏ ବିକ୍ରି କରାଯିବା ପାଇଁ ଯୋଜନା କରାଯାଇଥିଲା ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ବିଦ୍ୟାଳୟ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନଙ୍କ ବିରୋଧରେ କିଛି ଅଭିଭାବକ ଓ ପୁରାତନ ଛାତ୍ର ଏକାଠି ହୋଇ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଗତ ମାର୍ଚ୍ଚ ମାସ ୨୦ ତାରିଖରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବନଲତା ବେହେରା ଏହାର ତଦନ୍ତ କରି ମାଳମାଳ ଦୁର୍ନୀତିର ପର୍ଦ୍ଦାଫାସ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ସ୍କୁଲକୁ ଆସିଥିବା ଅନୁଦାନ ରାଶି, ମଧ୍ୟାହ୍ନ ଭୋଜନ ଓ ପ୍ରାଶାସନିକ ସ୍ତରରେ ନିଆଯାଇଥିବା ଏକାଧିକ ବେଆଇନ କାର୍ଯ୍ୟ ସମ୍ପର୍କରେ ଏହି ତଦନ୍ତରୁ ଜଣାପଡ଼ିଥିଲା। ଛାତ୍ରଛାତ୍ରୀଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ଚାଉଳକୁ ହରିଲୁଟ୍ କରାଯାଇଥିବା ସ୍ପଷ୍ଟ ଭାବେ ଜଣାପଡ଼ି ଛି। ସ୍କୁଲରେ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ ମଧ ଉପସ୍ଥିତ ଥିବା ଦର୍ଶାଇ ୪୭୪୦ ଟି ଅଧିକ ଖାଦ୍ୟର ବିଲ୍ କରାଯାଇଛି। ଫଳରେ ଡାଲି, ତେଲ ଓ ଅନ୍ୟାନ୍ୟ ସାମଗ୍ରୀକୁ ବାବଦକୁ ୪୯, ୭୦୩ଟଙ୍କା ଓ ୭.୧୧ କ୍ୱିଣ୍ଟାଲ୍ ଚାଉଳ ହଡ଼ପ କରାଯାଇଥିବା ଜଣାପଡ଼ିଛି। ଏହାପରେ ଗୋଦାମରେ ମଧ୍ୟାହ୍ନ ଭୋଜନ ପାଇଁ ଆସୁଥିବା ଚାଉଳକୁ ଯାଞ୍ଚ କରିବାରୁ ଏକ ବଡ଼ ଜାଲିଆତି ଧରାପଡ଼ିଛି। ଛାତ୍ରଛାତ୍ରୀଙ୍କ ଉପସ୍ଥାନକୁ ଯାଞ୍ଚ କରିବାରୁ ୧୯ କ୍ୱିଣ୍ଟାଲ୍ ୩ କିଲୋ ୯୦୦ ଗ୍ରାମ ଅଧିକ ଚାଉଳ ଥିବା ଜଣା ପଡ଼ିଛି। ଏତେ ପରିମାଣରେ ଚାଉଳ କେମିତି ବଳକା ରହିଛି, ଏହାର ଉତ୍ତର ପ୍ରଧାନ ଶିକ୍ଷୟିତ୍ରୀ ଠିକ୍ ଭାବେ ଦେଇ ନଥିଲେ। ଖାଦ୍ୟ ସୁରକ୍ଷା ଯୋଜନା ନିୟମ ଅନୁଯାୟୀ, ଛୁଟି ସମୟରେ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ଟଙ୍କା ପଇଠ କରିବା ପାଇଁ ବ୍ୟବସ୍ଥା ରହିଛି। ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ନଗଦ ଟଙ୍କା ଛାତ୍ରଛାତ୍ରୀଙ୍କୁ ପଇଠ କରନ୍ତି। ଏହା ସମ୍ପୂର୍ଣ୍ଣ ବେଆଇନ କାର୍ଯ୍ୟ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦେଇଥିବା କାରଣ ଦର୍ଶାଅ ନୋଟିସରେ ଉଲ୍ଲେଖ କରିଛନ୍ତି। ବାସ୍ତବରେ ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତ ଛାତ୍ରଛାତ୍ରୀଙ୍କୁ ଟଙ୍କା ପଇଠ କରନ୍ତି କି ନାହିଁ ଓ ଏତେ ପରିମାଣର ଚାଉଳ କେମିତି ବଞ୍ଚିଲା, ଏହାର ନିଶ୍ଚିତ ଭାବେ ତଦନ୍ତ କରାଯିବା ଆବଶ୍ୟକ। ଟଙ୍କା ନେବା ପରେ ଯେଉଁ ଖାତାରେ ଛାତ୍ରଛାତ୍ରୀ ମାନେ ଦସ୍ତଖତ କରିଛନ୍ତି, ଏହା ସେମାନଙ୍କର କି ନାହିଁ, ଏହାର ଯାଞ୍ଚ କରାଯିବ। ଆବଶ୍ୟକ ଫଳରେ ସତ୍ୟାସତ୍ୟ ନିଶ୍ଚିତ ଭାବେ ପଦାକୁ ଆସିବ। ଏହି କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ନିର୍ଦ୍ଧାରିତ ସମୟ ମଧ୍ୟରେ ଦେଇ ନଥିବା ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ କିନ୍ତୁ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେମିତି କୌଣସି ବେଆଇନ କାର୍ଯ୍ୟ ସ୍କୁଲରେ ହୋଇ ନାହିଁ ବୋଲି ସେ କହିଛନ୍ତି।

## ହିଞ୍ଜିଳି ଥାନା ପକ୍ଷରୁ ଡିଜିଟାଲ ସୁରକ୍ଷା ସଚେତନତା ଶିବିର

ହିଞ୍ଜିଳି, (ମହାଭାରତ) : ବର୍ତ୍ତମାନ ର ଡିଜିଟାଲ ଯୁଗରେ ଶିଶୁ, କିଶୋର, କିଶୋରୀ ମାନଙ୍କୁ ସୁରକ୍ଷା କୁ ଗୁରୁତ୍ୱ ଦେଇ ହିଞ୍ଜିଳି ଥାନା ପରିସରରେ ଏକ ସ୍ୱତନ୍ତ୍ର ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଶା ପୋଲିସର ମହିଳା ଓ ଶିଶୁ ନିର୍ଯ୍ୟାତନା ପ୍ରତିରୋଧକ ଶାଖା ୟୁନିସେଫ ର ସହଯୋଗ ରେ ଆୟୋଜିତ ଜୁଭେଣ୍ଟିକା (ସିଡବଲ୍ୟୁପିଓ) କାର୍ଯ୍ୟକ୍ରମ ରେ ଅନେକ କିଶୋର କିଶୋରୀ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ହିଞ୍ଜିଳି ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ଏହି ସଚେତନତା ଶିବିରରେ ଉପ ନରିକ୍ଷକ ଧରିତ୍ରୀ ବିଶ୍ୱଳ ଯୁବ ପିଢୀ ଙ୍କୁ ଅନଲାଇନ ର ସୁରକ୍ଷା ବିଷୟରେ ବିସ୍ତୃତ ଭାବେ ଅବଗତ କରିଥିଲେ। ସୋସିଆଲ ମିଡିଆର ସଠିକ ବ୍ୟବହାର, ଫେକ ଆଇଡି ଠୁ ଦୂରେଇ ରହିବା ଏବଂ ଡିଜିଟାଲ ଠକେଇ ବିଷୟରେ କିଶୋରୀ କିଶୋର ଙ୍କୁ ଅବଗତ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ମାନେ ପ୍ରକାଶ କରିଥିଲେ ଯେ,ଛୋଟ ଭୁଲ ରୁ ଅସାବଧାନତା ମଧ ବଡ ସାଇବର ଅପରାଧ ର କାରଣ ହୋଇପାରେ। ତେଣୁ ଅପରିଚିତ ଲିଙ୍କ କୁ ଓପନ ନକରି ବ୍ୟକ୍ତିଗତ ତଥ୍ୟ କାହାରି କୁ ନଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଆତ୍ମ ସଚେତନତା, ଆତ୍ମ ସୁରକ୍ଷା, ନିଜକୁ ବଦଳାଇବା ବାର୍ତ୍ତା ମାଧ୍ୟମରେ ସମାଜ ରେ ସୁରକ୍ଷିତ ଡିଜିଟାଲ ପରିବେଶ ଗଢି ତୋଳିବାକୁ ସମସ୍ତ କିଶୋର କିଶୋରୀ ଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ହିଞ୍ଜିଳି ବ୍ଲକ ମହିଳା ଅନ୍ୟ ମାନଙ୍କ ମଧ୍ୟରେ ଏସଆଇ ସୁରେଶ କୁମାର ସାହୁ, ରଶ୍ମିରଞ୍ଜନ ସାମଲ, ଏଏସଆଇ ମନୋଜ ସେନାପତି, ସୁବାଷ ମିଶ୍ର, ସ୍ୱଦେଶ କୁମାର ଦାଶ,ଅନନ୍ତ ଶବର, ମନୋଜ କୁମାର ଜେନା, କନେଷ୍ଟବଳ ବସନ୍ତ ଉପାଧ୍ୟାୟ, କୈଳାସ ମଲ୍ଲିକ, ଦଣ୍ଡପାଣି ମଲ୍ଲିକ, ନରେଶ ପ୍ରଧାନ, ବିକ୍ରମ ମଲ୍ଲିକ, ମନୋଜ ନାୟକ, ନିତେଶ ବେହେରା ପ୍ରମୁଖଙ୍କ ସମେତ ଅଙ୍ଗନବାଡି କର୍ମୀ ସହଯୋଗ କରିଥିଲେ।

## କପ୍ତିପଦା ମହାବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ ପାଳିତ




କପ୍ତିପଦା, (ମହାଭାରତ) : କପ୍ତିପଦା ମହାବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ ପାଳନ ହୋଇଯାଇଛି। ଶିକ୍ଷା ବିଭାଗର ମୁଖ୍ୟ ତଥା ରେଡକ୍ରସ ଓ ରେଡରିବନ କ୍ଲବର ପରିଚାଳକ ଦୁଷ୍ମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀସାହୁ ବିଶ୍ୱରେଡକ୍ରସର ସଂସ୍ଥାପକ ନୋବେଲ ପୁରସ୍କାର ବିଜେତା ଡୁନାଣ୍ଟ ହେନେରୀଙ୍କ ବିଶ୍ୱ ମାନବିକତାର ସଂରକ୍ଷଣ, ନିଃସ୍ୱାର୍ଥପର ସେବା, ସ୍ୱାସ୍ଥ୍ୟ ରକ୍ଷା, ଓ ଏକତା ବଜାୟ ରଖିବା କ୍ଷେତ୍ରରେ ରେଡକ୍ରସର ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ନିରୋଜ କୁମାର ଖୁଣ୍ଟିଆ ଭାଗନେଇ ରେଡକ୍ରସର ସ୍ୱେଚ୍ଛାସେବୀ ଶିକ୍ଷାର୍ଥୀଙ୍କୁ ପାଠପଢ଼ା ସହିତ ଶ୍ରଦ୍ଧାଭାବରେ ବିଭିନ୍ନ ଜନହିତକର କାର୍ଯ୍ୟରେ ଲିପ୍ତ ହେବାପାଇଁ ଅଭିପ୍ରେରିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ସୁବ୍ରତ କୁମାର ମିଶ୍ର, ପ୍ରଶାସନିକ ଅଧିକାରୀ କବିତା ମାହାନ୍ତି, ଅବନ୍ତି ଷଡ଼ଙ୍ଗୀ, ନିବେଦିତା ପଣ୍ଡା, ସନ୍ତୋଷ କୁମାର ମାହାନ୍ତି, ସନ୍ତୋଷ କୁମାର କାର୍ଜୀ,ସୁଖରାମ ସିଂ, ଦିପ୍ତିକାନ୍ତ ଦାସ,ମାନସ କୁମାର ପୁହାଣ, ତପସ୍ୱିନୀ ରାଉଳ ପ୍ରମୁଖ ମହାବିଦ୍ୟାଳୟର ରେଡକ୍ରସ ଓ ରେଡରିବନ କ୍ଲବର ସ୍ୱେଚ୍ଛାସେବୀ ମାନଙ୍କ ବିବିଧ ଜନହିତକର କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ।ଡୁନାଣ୍ଟ ହେନେରୀଙ୍କ ଜନ୍ମଦିନ ପାଳନ ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ପ୍ରବନ୍ଧ ପ୍ରତିଯୋଗିତାର ଆହୋଜନ ହୋଇଥିଲା। ରେଡକ୍ରସ ଓ ରେଡରିବନ କ୍ଲବର ସହ ପରିଚାଳକ ଡଃ ଭାରତୀ ସାହୁ ଏହି କାର୍ଯ୍ୟକ୍ରମର ଆୟୋଜନ କରିବାସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ପର୍କିତ ଆଲୋଚନାରେ ସାମ୍ବାଦିକଙ୍କୁ ଅଣଦେଖା

ନୂଆଗାଁ, (ମହାଭାରତ) : ନୂଆଗାଁ ବ୍ଲକ୍ ସଭା ଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ବ୍ଲକ ସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମନରେଗା ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷର ୦୧ ଅପ୍ରେଲ ୨୦୨୫ ରୁ ୩୦ ସେପ୍ଟେମ୍ବର ୨୦୨୫ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଗୁଡିକ ଉପରେ ପଞ୍ଚାୟତ ସ୍ତରରେ ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଥିଲା। ସେହି ସାମାଜିକ ସମୀକ୍ଷା ର ତଥ୍ୟ ଓ ରିପୋର୍ଟ ଉପରେ ଶୁଣାଣୀ କାର୍ଯ୍ୟକ୍ରମ ହୋଇଥିଲା। ନୟାଗଡ଼ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକର କମ୍ପ୍ୟୁଟର ପ୍ରୋଗ୍ରାମର ତୁଷାର କାନ୍ତ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ବଳିଆର ସିଂ ଯୋଗ ଦେଇ ସାମାଜିକ ସମୀକ୍ଷା ଓ ଜଣ ଶୁଣାଣୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଅମୃତ କୁମାର ରାଉଳ ମନରେଗା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ କହିବା ସହିତ , ଏହି ଯୋଜନାରେ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ ରଖିବା ପାଇଁ ସାମାଜିକ ସମୀକ୍ଷା ଓ ଜନ ଶୁଣାଣୀର ଆବଶ୍ୟକତା ଥିବା କହିଥିଲେ।ଏଥି ସହିତ ବିଡିଓ ଅମୃତ କୁମାର ରାଉଳ ୨୦୨୫-୨୬ ଆର୍ଥିକ ବର୍ଷରେ ନରେଗା ଯୋଜନାର ରିପୋର୍ଟ ଉପସ୍ଥାପନା କରିଥିଲେ। ଏହି ବର୍ଷ ସବୁ ଗ୍ରାମପଞ୍ଚାୟତ,ବ୍ଲକ ଓ ବିଭିନ୍ନ ଲାଇନ ବିଭାଗ ଦ୍ୱାରା ନୂଆ ଓ ପୁରୁଣା କାମକୁ ମିଶାଇ ମୋଟ ୧୩୮୨ ଗୋଟି କାର୍ଯ୍ୟ ହାତକୁ ନିଆ ଯାଇଥିଲା।ନୂଆ ଓ ପୁରୁଣା କାମ ମିଶାଇ ମୋଟ ୧୬୦୩ ଗୋଟି କାମ ସମ୍ପୂର୍ଣ୍ଣ କରା ଯାଇଥିଲା ।ସବୁ ବିଭାଗକୁ ମିଶାଇ ଏହି ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୮ କୋଟି ୪୧ ଲକ୍ଷ ୩୩ ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସେ ସୂଚନା ଦେଇଥିଲେ। ଏହି ବର୍ଷ ୪୮୮ ପରିବାରକୁ ନୂଆ ଭାବେ ନରେଗା ଯୋଜନାରେ ପଞ୍ଜିକରଣ କରା ଯାଇଥିଲା ।ତାକୁ ମିଶାଇ ମୋଟ ୨୦୩୬୬ ପରିବାର ପଞ୍ଜୀକୃତ ଥିଲେ।ସେମାନଙ୍କ ମଧ୍ୟରୁ ୬୧୮୬ ପରିବାର କାର୍ଯ୍ୟ ପାଇବା ପାଇଁ ଆବେଦନ କରିଥିଲେ ଓ ସମସ୍ତଙ୍କୁ କାର୍ଯ୍ୟରେ ନିୟୋଜିତ କରା ଯାଇଥିଲା। ସେଥି ମଧ୍ୟରୁ ୪୪ ଗୋଟି ପରିବାର ୨୦୨୫-୨୬ ଆର୍ଥିକ ବର୍ଷରେ ଶହେ ଦିନ କାର୍ଯ୍ୟ ଦିବସ ପୂରଣ କରିଥିଲେ।ନୂଆଗାଁ ବ୍ଲକରେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୨୬୦୧୭ ଶ୍ରମ ଦିବସ ସୃଷ୍ଟି ହୋଇଥିଲା ଏବଂ ବେକାରୀ ଭତ୍ତା କାହାରିକୁ ଦିଆ ଯାଇନଥିବା ବିଡିଓ ଶ୍ରୀ ରାଉଳ ପ୍ରକାଶ କରିଥିଲେ।ବ୍ଲକ ସାମାଜିକ ସମୀକ୍ଷକ ସ୍ୱର୍ଣ୍ଣଲତା ଦଳ ବେହେରା ପଞ୍ଚାୟତ ସ୍ତରରୁ ଆସିଥିବା ସାମାଜିକ ସମୀକ୍ଷାର ରିପୋର୍ଟ ପାଠ କରିଥିଲେ।ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମରେ ବେଳେ ଯେଉଁ ବିଭାଗ ବା ପଞ୍ଚାୟତର ବିଭିନ୍ନ ଅନିୟମିତତା ଥିବା ଅଭିଯୋଗ ଆସିଛି, ସେହି ବିଭାଗ ଓ ପଞ୍ଚାୟତର ସମ୍ପୃକ୍ତ କର୍ମଚାରୀ ମାନେ ଆସନ୍ତା ୭ ଦିନ ମଧ୍ୟରେ ତାହାର ଫଇସଲା ରିପୋର୍ଟ ଦାଖଲ କରିବା ପାଇଁ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଏହା ନକରି ପାରିବେ ତାହାଲେ ଫାଇନ ଯାହା ଆସିଛି ସମସ୍ତେ ଠିକ୍ ସମୟରେ ସରକାରଙ୍କ ଠାରେ ଦାଖଲ କରିଦେବା ପାଇଁ ସେ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ,ବିଭିନ୍ନ ପଞ୍ଚାୟତର ସରପଂଚ,ସମିତି ସଭ୍ୟ,ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ,ଏଡିଓ,ଗ୍ରାମ ରୋଜଗାର ସେବକ ମାନେ, ଉଦ୍ୟାନ ବିଭାଗ,ଜଙ୍ଗଲ ବିଭାଗ,ମୃତ୍ତିକା ସଂରକ୍ଷଣ ବିଭାଗ,ବ୍ଲକ୍ ସାମାଜିକ ସମୀକ୍ଷକ ଓ ସମସ୍ତ ଭି.ଆର.ପି ମାନେ ଯୋଗ ଦେଇଥିଲେ। କମ୍ପ୍ୟୁଟର ପ୍ରୋଗ୍ରାମର ତୁଷାର କାନ୍ତ ପାଣିଗ୍ରାହୀ, ଅତିରିକ୍ତ କମ୍ପ୍ୟୁଟର ପ୍ରୋଗ୍ରାମର ସୁମନ୍ତ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନରେଗା ସହାୟକ ଆଶୁତୋଷ ମିଶ୍ର ଓ ସନ୍ତୋଷ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।୨୦୨୪-୨୫ ରେ ଯେପରି କାମ ହୋଇଥିଲା ୨୦୨୫-୨୬ ରେ ମନରେଗା ଯୋଜନାରେ ନୂଆଗାଁ ବ୍ଲକରେ ଥିବା ୨୨ଟି ଗ୍ରାମପଞ୍ଚାୟତ କୌଣସି ଆଖିଦୃଷ୍ଟିଆ କାମ ହୋଇନାହିଁ କି ଗାଁ ଗଣ୍ଡାରେ ମାଟି ଗାଣ୍ଡୁଏ ମଧ ପଡ଼ିନଥିବା ଦୃଶ୍ୟ ଦେଖିବାକୁ ମିଳିଛି ।ଯାହାକି ମନରେଗା କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଛି ।ଯାହାଫଳରେ ଅଞ୍ଚଳର ବିକାଶ ଧାରା ଏକ ପ୍ରକାର ଆଣ୍ଟେଇ ପଡ଼ିଛି ।ବଡ଼ ଦୁଃଖର ବିଷୟ ଯେ, ବ୍ଲକରେ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ବୈଠକ ହେଉଛି କିନ୍ତୁ ଅନେକ ସମୟେ ବିଡ଼ିଓ ଡ଼. ରାଉଳ ସାମ୍ବାଦିକ ମାନଙ୍କୁ କୌଣସି ସୂଚନା ଦେଉନଥିବା ଜଣାପଡ଼ିଛି ।ଏହାକୁ ନେଇ ସାମ୍ବାଦିକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି ।ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ମାନଙ୍କୁ କାହିଁକି ଡକା ଯାଇନଥିଲା ବୋଲି ଆଗାମୀ ଦିନରେ ନୂଆଗାଁ ବିଡ଼ିଓ ଅମୃତ କୁମାର ରାଉଳଙ୍କୁ ପ୍ରଶ୍ନ କରିବେ ବୋଲି ଆଲୋଚନା ଜୋରଧରିଛି।

# ରବିଧାନ ପଞ୍ଜିକରଣ ଦାବିରେ କୋକସରା ଠାରେ ଜାତୀୟ ରାଜପଥ ଅବରୋଧ




କୋକସରା, (ମହାଭାରତ) : ଶୁକ୍ରବାର ଇନ୍ଦ୍ରାବତୀ ମେଗାଲିଫ୍‌ଟ ଅଞ୍ଚଳ କୃଷକ ସଙ୍ଘ ଜୟପାଟଣା, କୋକସରା, ଧର୍ମଗଡ ଓ ଜୁନାଗଡ଼ ବ୍ଲକ ର ହଜାର ହଜାର ଚାଷୀ ଆଜି କୋକସରା ଥାନା ସମ୍ମୁଖରେ ୧୦ ଘଣ୍ଟା ଧରି ଜାତୀୟ ରାଜପଥ ୨୬ ଅବରୋଧ କରିବା ସହ ରାଜ୍ୟ ସରକାର ଙ୍କ ଚାଷି ମାରଣା ନୀତି ଉପରେ ବର୍ଷିବା ସହ କୋକସରା ସହର ର ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର କୁ ଠପ କରି ଦେଇଥିଲେ। ଏହାସହ ପିକେଟିଂ କରି ଚାଷୀମାନେ ସମସ୍ତ କାର୍ଯ୍ୟାଳୟ କୁ ଅଚଳ କରି ଦେଇଥିଲେ। କୋକସରା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟ ସରକାରଙ୍କୁ ମେଗାଲିଫ୍‌ଟ ୧୫ ହଜାର ଚାଷି ଙ୍କ ଦୁର୍ଦ୍ଦଶା କୁ କାହିଁକି ରାଜ୍ୟ ସରକାରଙ୍କ ଆଖି ଦେଖିପାରୁନାହିଁ ବୋଲି ଚାଷି ମାନେ ପ୍ରଶ୍ନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଇନ୍ଦ୍ରାବତୀ ମେଗାଲିଫ୍‌ଟ କୃଷକ ସଙ୍ଗଠନ ର ସଭାପତି ପୁରୁଷୋତ୍ତମ ଗୁପ୍ତା ଓ ଆବାହକ ରାଜୀବ କୁମାର ଅଗ୍ରୱାଲ ଙ୍କ ନେତୃତ୍ୱରେ ଆନ୍ଦୋଳନ କୁ ସମର୍ଥନ ଜଣାଇ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର,ପୂର୍ବତନ ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ବିଧାୟକ ଧର୍ମଗଡ ମୌଷଧି ବାଗ,ଡିଫାଇନ କଳାହାଣ୍ଡି ଅଧ୍ୟକ୍ଷ ମଧୁ ମହାନ୍ତି,ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ବିଜେଡି ନେତା ବଦ୍ରୀ ନାରାୟଣ ପଟ୍ଟନାୟକ,ପୂର୍ବତନ ବିଧାୟକ ଜୁନାଗଡ଼ ଗୋବର୍ଦ୍ଧନ ଦାସ, ଧର୍ମଗଡ ବିଜେଡି ବ୍ଲକ ସଭାପତି ଡାକେଶ୍ୱର ଲହଜଳ,ବିଜେଡି ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା,ବିଜେଡି ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର ନାଏକ,ପଞ୍ଚକ ପୋଢ଼, ଯୁବନେତା ତ୍ରିଭୁବନ ନାଏକ,ପଙ୍କଜମୁଖ ଚୌଧୁରୀ,ପ୍ରଶାନ୍ତ ତିଓ୍ୱାରୀ ସମେତ ଚାଷୀନେତା ମାନେ ମଞ୍ଚ ରେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିବା ସହ ଲୋକଙ୍କ ସରକାର କହୁଥିବା ବିଜେପି ସରକାର ଆଜି ଚାଷି ଙ୍କ ନ୍ୟାର୍ଯ୍ୟ ହକ ଦେବାରେ ଫେଲ ମାରିଛି, ଆଗକୁ ଚାଷି ଆନ୍ଦୋଳନ କୁ ଆହୁରି ତୀବ୍ରତର କରାଯିବ ବୋଲି କହିଛନ୍ତି। ରାସ୍ତା ଅବରୋଧ ଫଳରେ ଭବାନୀପାଟଣା ଜୟପୁର ମଧ୍ୟରେ ଯାତାୟାତ ଠପ ରହିଥିଲା ।ଘଟଣାସ୍ଥଳ ରେ ସ୍ଥିତି ଅନୁଧ୍ୟାନ ପାଇଁ କୋକସରା ତହସିଲଦାର ଅମିତ କୁମାର ବେହେରା, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା ଉପସ୍ଥିତ ଥିବା ବେଳେ କୋକସରା ଥାନା ଅଧିକାରୀ ସୁଜ୍ଞାନ ବାରିକ ଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ବିକ୍ଷୋଭ ସଭା ମଞ୍ଚ ସଂଯୋଜନା ବରିଷ୍ଠ ନେତା ଦିଗାମ୍ବର ଦୁରିଆ ପରିଚାଳନା କରିଥିବା ବେଳେ ଜୟପାଟଣା, କୋକସରା ଓ ଧର୍ମଗଡ ବ୍ଲକ ଅଞ୍ଚଳ ର ହଜାର ହଜାର ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଚାଷି ସଂଗଠନ ପକ୍ଷରୁ ଆସନ୍ତା କାଲି ଠାରୁ ପର୍ଯ୍ୟାୟକ୍ରମେ ଆନ୍ଦୋଳନ ଜାରି ରହିବା ସହ ପ୍ରତିଦିନ ୨ ଗୋଟି ପଞ୍ଚାୟତ ର ଚାଷି ଙ୍କ ପକ୍ଷରୁ ରାସ୍ତା ଅବରୋଧ ନକରି ବ୍ଲକ ସଦର ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିତାତ୍ମକ ଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଛି। ଦିନ ୪ ଘଣ୍ଟା ସମୟରେ ରାସ୍ତା ଅବରୋଧ କୁ ଚାଷି ସଂଗଠନ ପକ୍ଷରୁ ସ୍ୱେଚ୍ଛାକୃତ ଭାବେ ବିରତି ଦିଆଯିବା ପରେ ଜାତୀୟ ରାଜପଥ ରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ତେବେ ଚାଷି ଙ୍କ ଏହି ଆନ୍ଦୋଳନ କୁ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ରାଜ୍ୟ ସରକାର ଙ୍କ ପକ୍ଷରୁ କୌଣସି ପ୍ରତିନିଧି ଆସି କୌଣସି ପ୍ରତିଶ୍ରୁତି ଦେଇନଥିବା ଚାଷି ଙ୍କ ମଧ୍ୟରେ ନିରାଶା ଭାବ ଦେଖିବାକୁ ମିଳିଥିବା ବେଳେ ରାଜ୍ୟ ସରକାରଙ୍କ ଚାଷି ମାରଣା ନୀତି ବିପକ୍ଷରେ ଆନ୍ଦୋଳନ ଆଗାମୀ ଦିନରେ ତୀବ୍ର ରୂପ ନେବ ବୋଲି ଚାଷି ସଂଘଠନ ପକ୍ଷରୁ କୁହାଯାଇଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ନାଲକୋ ପକ୍ଷରୁ ପାରିପାର୍ଶ୍ୱିକ ଗ୍ରାମକୁ ଜଳ ଯୋଗାଣ ଆରମ୍ଭ



ଅନୁଗୋଳ: ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ପାନୀୟ ଜଳ ସଙ୍କଟକୁ ଦୂର କରିବା ପାଇଁ ନାଲକୋ ଏସ୍ ଆଣ୍ଡ ପି କମ୍ପ୍ଲେକ୍ସ, ଅନୁଗୋଳ ପକ୍ଷରୁ ପାରିପାର୍ଶ୍ୱିକ ଗ୍ରାମଗୁଡିକରେ ପାନୀୟ ଜଳ ଯୋଗାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ସିଏସ୍.ଆର୍ ଅନ୍ତର୍ଗତ ଏହି ଜନମଙ୍ଗଳକାରୀ ପଦକ୍ଷେପ ଗ୍ରହଣ କରାଯାଇଛି।ମଙ୍ଗଳବାର ପୂର୍ବାହ୍ନରେ ନାଲକୋର ନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା ଓ କର୍ପୋରେଟର ନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ।ଏହି ଅବସରରେ ମାନବ ସମ୍ବଳ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ହିମାଂଶୁ ଶେଖର ପ୍ରଧାନ, ସିପିପିର ମୁଖ୍ୟ ମହାପ୍ରବନ୍ଧକ ଶୁଭେନ୍ଦୁ ଘୋଷ, ସିଏସଆର ବିଭାଗର ମୁଖ୍ୟ ମହାପ୍ରବନ୍ଧକ ରାଜାରାମ ମିଶ୍ରଙ୍କ ସହ ନାଲକୋର ବରିଷ୍ଠ ଅଧିକାରୀ ଓ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।ସୂଚନା ଅନୁଯାୟୀ, ବଅଁରପାଳ ବ୍ଲକ ଅଞ୍ଚଳର ୧୪ଟି ଜଳ ସଙ୍କଟପୀଡ଼ିତ ଗ୍ରାମକୁ ପ୍ରତିଦିନ ୫୪ଟି ପାଣି ଟ୍ୟାଙ୍କର ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ। ଏହାଦ୍ୱାରା ଗ୍ରାମବାସୀମାନେ ଘର ନିକଟରେ ପାଣି ପାଇ ସୁବିଧାରେ ଜୀବନ ଯାପନ କରିପାରିବେ ବୋଲି ମତ ପ୍ରକାଶ ପାଇଛି।ଏହି କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ସାମାଜିକ ଦାୟିତ୍ୱବୋଧ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ରଥଖଳା: ୧୮ ଚକ ନିର୍ମାଣ ଶେଷ



ପୁରୀ: ରଥ ନିର୍ମାଣର ଆଜି ସପ୍ତଦଶ ଦିନରେ ରଥଖଳାରେ ସେବକଙ୍କ ସହ ୧୯୩ ଜଣ କାମ କରିଛନ୍ତି। ସକାଳ ୮ଟାରୁ ଆରମ୍ଭ ହୋଇଥିବା ଏହି କାମରେ ୧୮ଟି ଚକ ନିର୍ମାଣ ଶେଷ ହୋଇଛି। ଏଥିସହ ତିନି ରଥର ଆଜି ସୁଦ୍ଧା ୧୧ଟି ଲେଖାଏଁ ସାଲ ଗୁଜ, ୨୦ଟି ତିଖ ଗୁଜ, ୯ଟି ଲେଖାଏଁ ୨୭ଟି ଜଳଯନ୍ତ୍ର, ୩୨ଟି କୁତୁକା, ୧୨ଟି ଓରା ଓ ୪ଟି ଲେଖାଏଁ ପ୍ରଥମ ଓ ଦ୍ୱିତୀୟ ଭୂଇଁ ଖମ୍ବି ନିର୍ମାଣ ଶେଷ ହୋଇଛି। ଆଜି ଅପରାହ୍ନରେ ରଥ ଅମିନ ତିନି ରଥର ଆଗଆଣି, ପଛଆଣି ଓ ଦୁଇପାର୍ଶ୍ୱ ବିରାଡ଼ି ପାଇଁ ତିନିରଥ ଚାଳିକୁ ୪ଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଯୋଗାଇଛନ୍ତି।ତିନିରଥ ମହାରଣା ସେବକମାନେ ତିନିରଥର ଆଗଆଣି, ପଛଆଣି ଓ ପାର୍ଶ୍ୱ ବିରାଡ଼ି କାଠର ଚଉପଟ କାର୍ଯ୍ୟ ନିର୍ମାଣ କରିଛନ୍ତି। ଆଜି ଭୋଇ ସେବକମାନେ ଯନ୍ତାଗାଡ଼ରେ ଗୋଟିଏ ଗୋଟିଏ ତୁମ୍ବରେ ଅର ସଂଯୋଗ ପୂର୍ବକ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଶେଷ କରି ତିନିରଥ ଚାଳିକୁ ଯୋଗାଇ ଦେଇଛନ୍ତି। ଆସନ୍ତାକାଲି ତିନି ରଥ ମହାରଣା ସେବକମାନେ ତୁମ୍ବ ସିଙ୍ଗଡ଼ା ଉପରେ ପଇ ରଖି ମାପ ଚିହ୍ନ ଦେବେ, ପଇ ସଂଯୋଗ ପୂର୍ବରୁ ଅର ମୁଖ ସାଲ କାର୍ଯ୍ୟ ସହ ତୁମ୍ବରେ ଅଖ ବିନ୍ଧ ବା ଅଗର ବିନ୍ଧ କାର୍ଯ୍ୟ ତୁମ୍ବ ବିନ୍ଧ କାରିଗରଙ୍କ ଦ୍ୱାରା ସମ୍ପନ୍ନ ହେବ।ରୂପକାର ସେବକମାନେ ୧୧ଟି ଲେଖାଏଁ ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଓଝା କମାର ସେବକମାନେ ତିନି ରଥ ବାକି ଚକ ନିର୍ମାଣ ପାଇଁ ଆବଶ୍ୟକ ପନ୍ଦାରି, ତୁମ୍ବ ବଳା, ଅର କଣ୍ଟା, ପନ୍ଦାରି ଚାବି ନିର୍ମାଣ ଜାରି ରଖିଛନ୍ତି।

## ଆସିକା ଥାନାରେ ଜୁଭେନିଟୀକା କାର୍ଯ୍ୟକ୍ରମ ଅନୁଷ୍ଠିତ




ଆସିକା(ମହାଭାରତ):ରାଜ୍ୟ ପୋଲିସ ମହାନିର୍ଦ୍ଦେଶାଳୟ ଓ ୟୁନିସେଫ ମିଳିତ ଆନୁକୂଲ୍ୟରେ ସାରା ଓଡ଼ିଶାର ସମସ୍ତ ଥାନାରେ ଆଜି ଜୁଭେନିଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଆସିକା ଅତିରିକ୍ତ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ଜେନା ଓ ଚାଇଲଡ ୱେଲଫର ପୋଲିସ ଅଫିସର ଆଲିସ୍ମିତା ଜେନା ଙ୍କ ସଂଯୋଜନାରେ ସ୍ଥାନୀୟ ଆସିକା ତଥା ଆଖ ପାଖ ଅଞ୍ଚଳର କିଶୋରୀ ବାଳିକା ମାନଙ୍କୁ ନେଇ ଆସିକା ଥାନା ମହିଳା ଓ ଶିଶୁ ଡେସ୍କ ବୈଠକ ଗୃହ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଜୁଭେନିଟିକା ଅନୁଷ୍ଠିତ ହୋଇଯାଇଛିୟ ଏହି କାର୍ଯ୍ୟକ୍ରମ ରେ ଆଭାସୀ ମାଧ୍ୟମରେ ସାଇବର ସିକ୍ୟୁରୀଟି,ମେଣ୍ଟାଲ ହେଲଥ,ଡିଜିଟାଲ ସିକ୍ୟୁରୀଟି,ଚାଇଲଡ ଫ୍ରେଣ୍ଡଲି ପୋଲିସ ଏହି ଚାରିଗୋଟି ିଷୟ ଉପରେ ବିସ୍ତୃତ ଭାବେ ଉପସ୍ଥିତ ବାଳିକା ମାନଙ୍କୁ ଅବଗତ କରାଯିବ ସହ ସେମାନଙ୍କ ସହ କୌଣସି ସାଇବର ଫ୍ରଡ଼ ହେଲେ ୧୯୩୦ କୁ କିପରି କଲ କରିବା। ସେମାନଙ୍କ ସହିତ କୌଣସି ପ୍ରକାର ଧମକ ଚମକ ଆସିଲେ ୧୧୨କୁ କିପରି କଲ କରିବା କିପରି ଭବେ ନିଜର କୌଣସି ଅସୁବିଧା ଯାହା ନିଜ ପିତା ମାତାଙ୍କୁ ନଯାଇପାରିବ ତାହା ନିର୍ଦ୍ୱି-ରେ ଆସି ମହିଳା ଓ ଶିଶୁ ଡେସ୍କ ଅଧିକାରୀଙ୍କୁ ଜଣାଇ ତାର ସମାଧାନ କରିବା ସେ ଉପରେ ବିସ୍ତୃତ ଭାବେ ଚାଇଲଡ ୱେଲଫର ପୋଲିସ ଅଫିସର ଆଲିସ୍ମିତା ଜେନା ବାଳିକା ମାନଙ୍କୁ ଜଣାଇଥିଲେ। ଆଜିର ଏହି କାର୍ଯ୍ୟକ୍ରମ ରେ ଆସିକା ସେକ୍ଟର ର ଅଙ୍ଗନବାଡି ଦିଦି,ମହିଳା ଓ ସ୍କୁଲ କଲେଜ ପଢୁଆ ବାଳିକା ଆଦି ଉପସ୍ଥିତ ଥିଲେ।

## ଦାଉ ସାଧିଲା କାଳବୈଶାଖୀ, ଉଜାଡିଦେଲା ମାଣ୍ଡିଆ ଫସଲ



ପୁରୀ : କୁଆଡୁ ଥିଲା ମାଡି ଆସିଲା କାଳବୈଶାଖୀ । ଛାରଖାର କରିଦେଲା ମାଣ୍ଡିଆ ଫସଲ । ବିଲରେ ଶୋଇଗଲା ଅମଳ । ପାଚିଲା ମାଣ୍ଡିଆ ଗଜା ହୋଇ ନଷ୍ଟ ହୋଇଯାଇଛି । କାଳବୈଶାଖୀ ବର୍ଷାରେ ଉଜୁଡି ଗଲା ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟ ଉଦୟପୁର ଗାଁର ମାଣ୍ଡିଆ ଚାଷ । ଏବେ ଚିନ୍ତାରେ ରହିଛନ୍ତି ପୁରୀ ଅସ୍ତରଙ୍ଗ ବ୍ଲକର ଉଦୟପୁର ଗାଁର ମହିଳା ଚାଷୀ । କାରଣ କାଳବୈଶାଖୀ ବର୍ଷା ଓ ପବନ ସେମାନଙ୍କ ସବୁ ସ୍ୱପ୍ନକୁ ଧୂଳିସାତ କରି ଦେଇଛି ।ସୂଚନାନୁଯାୟୀ, ଗାଁର ଏକ ମହିଳା ଗୋଷ୍ଠୀର ୨୩ ଜଣ ଏହି ମାଣ୍ଡିଆ ଚାଷ କରିଥିଲେ । ୭ ଏକର ଜମିକୁ ଭାଗରେ ଆଣି ମହିଳାମାନେ ମାଣ୍ଡିଆ ଚାଷ କରିଥିଲେ । ଫସଲ ମଧ୍ୟ ଭଲ ହୋଇଥିଲା । ମାତ୍ର ଠିକ ଅମଳ ବେଳକୁ ବର୍ଷା ଓ ପବନ ଦାଉ ସାଜିଲା । ବର୍ଷକର ପରିଶ୍ରମ ଫସର ଫାଟିଗଲା । ବର୍ଷା ପବନ ମାଡ଼ରେ ମାଣ୍ଡିଆ ଖୋଷାରୁ ଦାନା ଗୁଡିକ ଝଡି ପଡିଛି । ବର୍ଷାରେ ଭିଜି ଯାଇଛି । ମାଣ୍ଡିଆ ମଞ୍ଜି ଗୁଡିକ ଗଜା ହୋଇ ଯାଇଛି । ସବୁକିଛି ଉଜୁଡି ଯିବା ସତ୍ତ୍ୱେ ଏଯାଏଁ ସେମାନଙ୍କୁ କ୍ଷତିପୂରଣ ମିଳିନି । ମାଣ୍ଡିଆ ଚାଷ ଗତବର୍ଷଠାରୁ ସରକାରୀ ସହାୟତାରେ ଆସିଛି । ମାତ୍ର ସେମାନଙ୍କୁ ଦିଆଯାଇନଥିବା ଅଭିଯୋଗ ହୋଇଛି । ଏବେ କାଳବୈଶାଖୀ ଯୋଗୁଁ ହୋଇଥିବା କ୍ଷତିର ଭରଣା କେମିତି ହେବ ସେହି ଚିନ୍ତା ଘାରିଛି ଚାଷୀଙ୍କୁ । ଏନେଇ ବିଭାଗୀୟ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

## ତାଳଚେର ପୌର ପରିଷଦର ଉପ ନଗରପାଳଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ ବିଜେପିର ୧୬ କାଉନସିଲର




ଅନୁଗୋଳ,(ମହାଭାରତ):ତାଳଚେର ପୌର ପରିଷଦର ଉପ ନଗରପାଳ ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ ଙ୍କ ବିରୁଦ୍ଧରେ ଆଜି ଶନିବାର ଅନାସ୍ଥା ପ୍ରସ୍ତାବ ଅଣାଯାଇଛି ତାଙ୍କର କାର୍ଯ୍ୟଧାରା ରେ ଅସନ୍ତୋଷ ପ୍ରକାଶ କରିବା ସହ ସେ ଉପ ନଗର ପାଳ ପଦବୀ ପାଇଁ ସମ୍ପୂର୍ଣ୍ଣ ଅସମର୍ଥ ଦୀର୍ଘ ଦିନ ଧରି କାର୍ଯ୍ୟାଳୟ ରେ ଏବଂ କାଉନସିଲ ବୈଠକ ରେ ଅନୁପସ୍ଥିତ ରହିବା କୁ ନେଇ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ତାଳଚେର ପୌର ପରିଷଦ ର ସମସ୍ତ ୨୧ କାଉନ ସିଲର ମଧ୍ୟରୁ ନିୟମାନୁଯାୟୀ ଦୁଇ ତୃତୀୟାଂଶ ରୁ ଉର୍ଦ୍ଧ୍ୱ ଅର୍ଥାତ ୧୬ ଜଣ କାଉନସିଲର ଯଥାକ୍ରମେ ଆସିଫ ଖାନ, ଯଶୋବନ୍ତ ମିଶ୍ର, ଲିପିକା ବେହେରା, ସଂଜୀବ କୁମାର ବେହେରା, ଜିତେନ୍ଦ୍ର ଭୁତିଆ, ସନ୍ତୋଷ ବେହେରା, ମମତା ରାଉତ, ଅଜିତ କୁମାର ସାହୁ, ନିରୁପମା ପଟ୍ଟନାୟକ, ସଂଜୀବ କୁମାର ଗଡ଼ନାୟକ, ବଲବିନ୍ଦର କୌର, ସବିତା ପାଲ, ସ୍ୱାଧୀନ ଅମ୍ବ, ଲିନା ସାହୁ, ଶାନ୍ତନୁ କୁମାର ମିଶ୍ର ଓ ଅନିତା ବିଶ୍ୱାଳ ଅନୁଗୁଳ ଜିଲ୍ଲାପାଳ ଙ୍କ ଅନୁପସ୍ଥିତି ରେ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଭେଟି ଉପ ନଗର ପାଳ ଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଲିଖିତ ଭାବେ ପ୍ରଦାନ କରିଛନ୍ତି। ବିଜେପି ର ସମସ୍ତ ୧୬ କାଉନ ସିଲର ଙ୍କ ସହ ତାଳଚେର ନଗରପାଳ ପବିତ୍ର ଭୁତିଆ, ମଣ୍ଡଳ ସଭାପତି ରାଜେଶ ଦଲେଇ, ପ୍ରାକ୍ତନ କାଉନସିଲର ଜିତେନ୍ଦ୍ର ଦାସ ଓ ଅକ୍ଷୟ ବିଶ୍ୱାଳ ଙ୍କ ସମେତ ସମସ୍ତ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଜିଲ୍ଲା ସ୍ତରୀୟ ବିଶ୍ୱ ରେଡ କ୍ରସ୍ ଦିବସ ପାଳିତ



ଗଜପତି(ମହାଭାରତ):ଆଜି ଗଜପତି ଜିଲ୍ଲା ମୁଖ୍ୟାଳୟ ପାରଳାଖେମୁଣ୍ଡି ରେ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ବିଶ୍ ରେଡ କ୍ରସ୍ ଦିବସ ପାଳିତ ହୋଇଥିଲା। ମାନବବାଦି ସମାଜସେବକ ଜନ୍ ହେନେରୀ ଡ୍ୟୁରା□ ଙ୍କ ସମ୍ମାନରେ ତାଙ୍କ ଜନ୍ମଦିବସରେ ପ୍ରତି ବର୍ଷ ମଇ ଆଠ ତାରିଖରେ ବିଶ୍ୱ ରେଡ କ୍ରସ୍ ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମୁନୀନ୍ଦ୍ର ହୋତାଗା ମହୋଦୟ ରେଡ କ୍ରସ୍ ସଂଗଠନ ର ମହତ୍ ଓ ସମାଜର ପୁନରୁଦ୍ଧାର ରେ ତା'ର ଭୂମିକା ବିଷୟରେ ସୁନ୍ଦର ଅଭିଭାଷଣ ପ୍ରସ୍ତୁତ କରି କହିଥିଲେ ଆଜିର ଏହି ଯୁଦ୍ଧ ବିଭୀଷିକା ଦୁନିଆ ମଧ୍ୟରେ ରେଡ୍ କ୍ରସ ଶତ୍ରୁ-ମିତ୍ର ର ଭେଦଭାବରୁ ଉର୍ଦ୍ଧ୍ୱ କୁ ଯାଇ ମାନବ କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥପର ଭାବରେ କାର୍ଯ୍ୟରତ । ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ପୋଲିସ ଅଧିକାରୀ ପାରଳାଖେମୁଣ୍ଡି ଶ୍ରୀ ମାଧବାନନ୍ଦ ନାୟକ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଅରୁଣ ତ୍ରିପାଠୀ ମଞ୍ଚାସୀନ ହୋଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ସଭା ପରିଚାଳନା ହୋଇଥିଲା ।ଏହି ପାଣ୍ଠିକୁ ସର୍ବାଧିକ ୧୬,୭୩,୮୫୦ ଟଙ୍କାର ଅନୁଦାନ କରିଥିବାରୁ ଆର୍ ଟି ଓ ବିଭାଗକୁ ପୁରସ୍କୃତ କରାଯାଇଥିଲା । ସର୍ବାଧିକ ରକ୍ତ ଦାନ ପାଇଁ ସରକାରୀ ଏସ ଏସ ଡି ଉଚ୍ଚବିଦ୍ୟାଳୟ ମୋହନା କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଗତ ଅପ୍ରେଲ ମାସ ଓଡ଼ିଆ ପକ୍ଷରେ ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ସମସ୍ତଙ୍କୁ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏ ବର୍ଷର ପ୍ରସଙ୍ଗ 'ମାନବତାରେ ଏକତା' କୁ ସମସ୍ତ ବକ୍ତା ନିଜ ନିଜ ଅନୁସାରେ ସୁନ୍ଦର ଭାବରେ ବ୍ୟାଖ୍ୟାନ କରିଥିଲେ । ସମାଜ ମଙ୍ଗଳ ପାଇଁ ରେଡ କ୍ରସ୍ ସାଙ୍ଗରେ ଯୋଡ଼ି ହେବା ପାଇଁ ମୁଖ୍ୟ ଅତିଥି ସମସ୍ତ ଜିଲ୍ଲା ବାସୀଙ୍କୁ ଆହ୍ୱାନ କରିଥିଲେ ।

ଉକ୍ତ ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ ହାତଗଣିତି ଉପସ୍ଥିତ ଥିଲେ କିଛି ହାତ ଗଣିତି ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ କାର୍ଯକ୍ରମକୁ ଯୋଗ ଦେଇଥିଲେ । ଦାୟିତ୍ୱରେ ଡେପ୍ୟୁଟି କଲେକ୍ଟର ଏମର୍ଜେନ୍ସୀ ଶ୍ରୀ ବିନାୟକ ଚନ୍ଦ୍ର ରାଉଳ ରହି ଜିଲ୍ଲା ରେଡ କ୍ରସ୍ ବିଷୟ ରେ ଅନେକ ତଥ୍ୟ ପ୍ରଦାନ କରିଥିଲେ। ବିଗତ ବର୍ଷରେ ଜିଲ୍ଲାରୁ ମୋଟ ୨୬,୫୩,୮୩୦ ଟଙ୍କା ରେଡ କ୍ରସ୍ ପାଣ୍ଠି ପାଇଁ ସଂଗୃହିତ

## ଦେଶୀ ମଦ ଜବତ, ଜଣେ ଗିରଫ



ଦଶପଲ୍ଲା,୫(ମହାଭାରତ): ଦଶପଲ୍ଲାରେ ଦିନକୁ ଦିନ ମଦ ଠାରୁ ଆରମ୍ଭ କରି ଗଞ୍ଜେଇ ଚୋରା ଚାଲାଣ ବଢି ଚାଲିଛି । ଏ ନେଇ ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଦିନ ଦଶପଲ୍ଲା ଥାନା ଅନ୍ତର୍ଗତ ବୁରୁସାହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାଏକ (୨୭) ଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଜବତ କରିବା ସହିତ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।ଏହି ଚଢାଉ ସମୟରେ ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ବାଦଲ ସାମଲ ଙ୍କ ସହିତ କନେଷ୍ଟବଲ ପ୍ରଦୀପ୍ତ କୁମାର ନାଏକ, ପ୍ରହଲ୍ଲାଦ ପ୍ରଧାନ ଓ ଲକ୍ଷ୍ମୀ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

## ଭାଲୁ ଆକ୍ରମଣ ସଂଖ୍ୟା ୪ କୁ ବୃଦ୍ଧି

କପ୍ତିପଦା -(ମହାଭାରତ )ଗାଁ ରେ ଭାଲୁ ମଚାଇଛି ଆତଙ୍କ। କାବୁ କରିବାରେ ବନ ବିଭାଗ ବିଫଳ। ପୁଣି ଆକ୍ରମଣାତ୍ମକ ରୂପ ନେଇଛି ଭାଲୁୟ ସନ୍ଧ୍ୟାରେ ଭାଲୁ ପୁଣି ୩ ଜଣଙ୍କୁ କରିଲା ଆକ୍ରମଣ। ଯେଉଁଥିରେ ଜଣେ ବୃଦ୍ଧ ରହିଥିବା ବେଳେ ଦୁଇ ଜଣ ଯୁବକ ରହିଛନ୍ତି। ଆଜି ସକାଳ ସମୟରେ ଭାଲୁ କୁଶଳଦା ଗ୍ରାମରେ ପଶିବା ସହିତ ଦମୟନ୍ତୀ ବାରିକ ନାମକ ଜଣେ ମହିଳାଙ୍କୁ ଆକ୍ରମଣ କରି ଗୁରୁତର କରି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ବୁଦା ମୂଳରେ ଲୁଚି ରହିଥିଲା। ବନ ବିଭାଗ ଏବଂ ରାପିଡ଼ ରେସପନ୍ସ ଟିମ ଭାଲୁ ଉପରେ ନଜର ରଖିଥିଲେ ସୁଦ୍ଧା ଭାଲୁକୁ କାବୁ କରି ପାରି ନାହାନ୍ତି। ଯାହାଫଳରେ ଭାଲୁଟି କୁଶଳଦା ଗ୍ରାମ ପାଖରେ ଥିବା ତଡ଼ରାଷୋଳ ଗ୍ରାମରେ ପଶି ୩ ଜଣଙ୍କୁ ଆକ୍ରମଣ କରିଛି। ଯେଉଁମାନଙ୍କ ମଧ୍ୟରେ ବୃଦ୍ଧ ଝଙ୍କାର ଟୁଡୁ ଗୁରୁତର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି। ଏବେ ଭାଲୁଟି ତଡ଼ରାଷୋଳ ଗ୍ରାମରେ ଲୁଚି ରହିଥିବାରୁ ଆତଙ୍କିତ ଅବସ୍ଥାରେ ରହିଛନ୍ତି ଗ୍ରାମବାସୀ।

## ମହିଳା ଓ ଛାତ୍ରୀଙ୍କୁ ସୁରକ୍ଷା ଓ ସାଇବର ସତର୍କତା ବାର୍ତ୍ତା

ଗଣିଆ, (ମହାଭାରତ):ଛାତ୍ରୀ ଓ ମହିଳାମାନଙ୍କ ସୁରକ୍ଷା, ସଚେତନତା ଏବଂ ସଶକ୍ତିକରଣକୁ ପ୍ରାଥମିକତା ଦେଇ ଗଣିଆ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜୁଭେଂଟିକା ଅନୁଷ୍ଠିତ ହୋଇଯାଇଛି। ଗଣିଆ ଥାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଥାନା ଅଧିକାରୀ ଟଙ୍କଧର ଛତ୍ରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଶିବିରରେ ଅଞ୍ଚଳର ବହୁ ସଂଖ୍ୟାରେ ଛାତ୍ରୀ ଏବଂ ଅଙ୍ଗନାୱାଡ଼ି କର୍ମୀ ଯୋଗ ଦେଇଥିଲେ। ବର୍ତ୍ତମାନ ସମୟରେ ବଢୁଥିବା ସାଇବର ଅପରାଧ ଏବଂ ସୋସିଆଲ ମିଡିଆର ଅପବ୍ୟବହାରକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରାଯାଇଥିଲା। ବିଶେଷ କରିସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର କିପରି ନିଜର ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷିତ ରଖିବେ। ଅନଲାଇନ ଠକେଇରୁ ବର୍ତ୍ତିବାର ବିଭିନ୍ନ ଉପାୟ, ମହିଳା ନିର୍ଯାତନା ରୋକିବା ପାଇଁ ଥିବା ବିଭିନ୍ନ ଧାରା ଓ ସହାୟତା ସମ୍ପର୍କରେ ଅବଗତ କରାଯାଇଥିଲା। କୌଣସି ଅସୁବିଧା ସମୟରେ ତୁରନ୍ତ ପୋଲିସ ସହ କିପରି ଯୋଗାଯୋଗ କରିବେ, ସେ ନେଇ ବିସ୍ତୃତ ପ୍ରଶିକ୍ଷଣ ଦିଆଯାଇଥିଲା। ଥାନା ଅଧିକାରୀ ଶ୍ରୀ ଛତ୍ରିଆ ନିଜ ବକ୍ତବ୍ୟରେ କହିଥିଲେ ଯେ, ମହିଳା ଓ ଛାତ୍ରୀମାନେ ଯଦି ନିଜେ ସଚେତନ ହେବେ, ତେବେ ସମାଜରେ ଘଟୁଥିବା ଅନେକ ଅପରାଧକୁ ପ୍ରାରମ୍ଭିକ ସ୍ତରରୁ ରୋକାଯାଇପାରିବ

## ସିସିଟିଭିରେ ରଙ୍ଗ ମାରି ଏଟିଏମ ଲୁଟିନେଲେ



କପ୍ତିପଦା -(ମହାଭାରତ ): ଦୁର୍ବୃତ୍ତ ଲୁଟିନେଲେ ଏଟିଏମ। ଏକ ନୂଆ ଫଣ୍ଡାରେ କରିଲେ ଲୁଟ। ନିଜ ଚେହେରା କୁ ସିସିଟିଭି ରୁ ବଞ୍ଚାଇବା ପାଇଁ ସିସିଟିଭିରେ ଲାଲ ରଙ୍ଗ ସ୍ପ୍ରେ ମାରି ଲୁଟେରାମାନେ ଲୁଟ କରିଛନ୍ତି। ଏଭଳି ଘଟଣା ଘଟିଛି ଖୁଣ୍ଟା ଥାନା ଠାରୁ ମାତ୍ର ୩ଶହ ମିଟର ଦୂର ବଙ୍ଗଳା ଛକରେ। ବଙ୍ଗଳା ଛକରେ ଥିବା ଏକ ଏସିଆଇ ଏଟିଏମରେ ଗତକାଲି ବିଳମ୍ବିତ ରାତିରେ ହୋଇଛି ଲୁଟ। ଲୁଟେରାମାନେ ଏଟିଏମ ବାହାରେ ଥିବା ସିସିଟିଭିରେ ଲାଲ ରଙ୍ଗ ସ୍ପ୍ରେ ମାରିବା ପରେ ଏଟିଏମ ଭିତରେ ପଶି ଲୁଟିଛନ୍ତି। ଲୁଟେରାମାନେ ଭିତରେ ପଶିବା ପରେ ସମସ୍ତ କ୍ୟାମେରାରେ ରଙ୍ଗ ସ୍ପ୍ରେ ମାରିବା ପରେ ଗ୍ୟାସ କଟରରେ ଏଟିଏମ କୁ କାଟିଛନ୍ତି। ଯାହା ଫଳରେ କିଛି ଅଂଶ ଜଳି ମଧ୍ୟ ଯାଇଛି। ଏହା ପରେ ଲୁଟେରା ମାନେ ସମସ୍ତ କ୍ୟାସ ଟ୍ରେ ରୁ ଲୁଟ କରି ଫେରାର ହୋଇଯାଇଛନ୍ତି। ଏପରିକି ଲୁଟ ପରେ ସାଇରନ ବାଜିବା ଡରରେ ସାଇରନ କୁ ମଧ୍ୟ ପିଟି ଭାଙ୍ଗି ଦେଇଛନ୍ତି। ତେବେ କେତେ ଟଙ୍କା ଲୁଟ ହୋଇଛି ତାହା ଜଣାପଡ଼ିନଥିବା ବେଳେ ଗତକାଲି ଏହି ଏଟିଏମରେ ଟଙ୍କା ଲୋଡ଼ ହୋଇଥିବା କୁହାଯାଉଛି। ତାହାକୁ ନଜର କରିଲେ ବ୍ୟାପକ ଭାବେ ଲୁଟ ହୋଇଥିବା କୁହାଯାଉଛି। ଖୁଣ୍ଟା ପୋଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କୁ ତ୍ୱରାନ୍ୱିତ କରିଛି।

## ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ପର୍କିତ ଆଲୋଚନାରେ ସାମ୍ବାଦିକଙ୍କୁ ଅଣଦେଖା



ନୂଆଗାଁ (ମହାଭାରତ ) : ନୂଆଗାଁ ବ୍ଲକ୍ ସଭା ଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ବ୍ଲକ ସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମନରେଗା ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷର ୦୧ ଅପ୍ରେଲ ୨୦୨୫ ରୁ ୩୦ ସେପ୍ଟେମ୍ବର ୨୦୨୫ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଗୁଡିକ ଉପରେ ପଞ୍ଚାୟତ ସ୍ତରରେ ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଥିଲା। ସେହି ସାମାଜିକ ସମୀକ୍ଷା ର ତଥ୍ୟ ଓ ରିପୋର୍ଟ ଉପରେ ଶୁଣାଣୀ କାର୍ଯ୍ୟକ୍ରମ ହୋଇଥିଲା।ନୟାଗଡ଼ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକର କମ୍ପ୍ୟୁଟର ପ୍ରୋଗ୍ରାମର ତୁଷାର କାନ୍ତ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ବଳିଆର ସିଂ ଯୋଗ ଦେଇ ସାମାଜିକ ସମୀକ୍ଷା ଓ ଜଣ ଶୁଣାଣୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଅମୃତ କୁମାର ରାଉଳ ମନରେଗା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ କହିବା ସହିତ , ଏହି ଯୋଜନାରେ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ ରଖିବା ପାଇଁ ସାମାଜିକ ସମୀକ୍ଷା ଓ ଜନ ଶୁଣାଣୀର ଆବଶ୍ୟକତା ଥିବା କହିଥିଲେ।ଏଥି ସହିତ ବିଡିଓ ଅମୃତ କୁମାର ରାଉଳ ୨୦୨୫-୨୬ ଆର୍ଥିକ ବର୍ଷରେ ନରେଗା ଯୋଜନାର ରିପୋର୍ଟ ଉପସ୍ଥାପନା କରିଥିଲେ। ଏହି ବର୍ଷ ସବୁ ଗ୍ରାମପଞ୍ଚାୟତ,ବ୍ଲକ ଓ ବିଭିନ୍ନ ଲାଇନ ବିଭାଗ ଦ୍ୱାରା ନୂଆ ଓ ପୁରୁଣା କାମକୁ ମିଶାଇ ମୋଟ ୧୩୮୨ ଗୋଟି କାର୍ଯ୍ୟ ହାତକୁ ନିଆ ଯାଇଥିଲା।ନୂଆ ଓ ପୁରୁଣା କାମ ମିଶାଇ ମୋଟ ୧୬୦୩ ଗୋଟି କାମ ସମ୍ପୂର୍ଣ୍ଣ କରା ଯାଇଥିଲା ଯସବୁ ବିଭାଗକୁ ମିଶାଇ ଏହି ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୮ କୋଟି ୪୧ ଲକ୍ଷ ୩୩ ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସେ ସୂଚନା ଦେଇଥିଲେ। ଏହି ବର୍ଷ ୪୮୮ ପରିବାରକୁ ନୂଆ ଭାବେ ନରେଗା ଯୋଜନାରେ ପଞ୍ଜିକରଣ କରା ଯାଇଥିଲା।ତାକୁ ମିଶାଇ ମୋଟ ୨୦୩୬୬ ପରିବାର ପଞ୍ଜୀକୃତ ଥିଲେ।ସେମାନଙ୍କ ମଧ୍ୟରୁ ୬୧୮୬ ପରିବାର କାର୍ଯ୍ୟ ପାଇବା ପାଇଁ ଆବେଦନ କରିଥିଲେ ଓ ସମସ୍ତଙ୍କୁ କାର୍ଯ୍ୟରେ ନିଯୋଜିତ କରା ଯାଇଥିଲା। ସେଥି ମଧ୍ୟରୁ ୪୪ ଗୋଟି ପରିବାର ୨୦୨୫-୨୬ ଆର୍ଥିକ ବର୍ଷରେ ଶହେ ଦିନ କାର୍ଯ୍ୟ ଦିବସ ପୂରଣ କରିଥିଲେ।ନୂଆଗାଁ ବ୍ଲକରେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୨୬୦୧୭ ଶ୍ରମ ଦିବସ ସୃଷ୍ଟି ହୋଇଥିଲା ଏବଂ ବେକାରୀ ଭତ୍ତା କାହାରିକୁ ଦିଆ ଯାଇନଥିବା ବିଡିଓ ଶ୍ରୀ ରାଉଳ ପ୍ରକାଶ କରିଥିଲେ।ବ୍ଲକ ସାମାଜିକ ସମୀକ୍ଷକ ସ୍ୱର୍ଣ୍ଣଲତା ଦଳ ବେହେରା ପଞ୍ଚାୟତ ସ୍ତରରୁ ଆସିଥିବା ସାମାଜିକ ସମୀକ୍ଷାର ରିପୋର୍ଟ ପାଠ କରିଥିଲେ।ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମରେ ବେଳେ ଯେଉଁ ବିଭାଗ ବା ପଞ୍ଚାୟତର ବିଭିନ୍ନ ଅନିୟମିତତା ଥିବା ଅଭିଯୋଗ ଆସିଛି, ସେହି ବିଭାଗ ଓ ପଞ୍ଚାୟତର ସମ୍ପୃକ୍ତ କର୍ମଚାରୀ ମାନେ ଆସନ୍ତା ୭ ଦିନ ମଧ୍ୟରେ ତାହାର ଫଇସଲା ରିପୋର୍ଟ ଦାଖଲ କରିବା ପାଇଁ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଏହା ନକରି ପାରିବେ ତାହାଲେ ଫାଇନ ଯାହା ଆସିଛି ସମସ୍ତେ ଠିକ୍ ସମୟରେ ସରକାରଙ୍କ ଠାରେ ଦାଖଲ କରିଦେବା ପାଇଁ ସେ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ,ବିଭିନ୍ନ ପଞ୍ଚାୟତର ସରପଂଚ, ସମିତି ସଭ୍ୟ,ପ□ାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ,ଏଡିଓ,ଗ୍ରାମ ରୋଜଗାର ସେବକ ମାନେ, ଉଦ୍ୟାନ ବିଭାଗ,ଜଙ୍ଗଲ ବିଭାଗ,ମୃତ୍ତିକା ସଂରକ୍ଷଣ ବିଭାଗ,ବ୍ଲକ୍ ସାମାଜିକ ସମୀକ୍ଷକ ଓ ସମସ୍ତ ଭି.ଆର.ପି ମାନେ ଯୋଗ ଦେଇଥିଲେ। କମ୍ପ୍ୟୁଟର ପ୍ରୋଗ୍ରାମର ତୁଷାର କାନ୍ତ ପାଣିଗ୍ରାହୀ, ଅତିରିକ୍ତ କମ୍ପ୍ୟୁଟର ପ୍ରୋଗ୍ରାମର ସୁମନ୍ତ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେୟ ନରେଗା ସହାୟକ ଆଶୁତୋଷ ମିଶ୍ର ଓ ସନ୍ତୋଷ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୨୦୨୪-୨୫ ରେ ଯେପରି କାମ ହୋଇଥିଲା ୨୦୨୫-୨୬ ରେ ମନରେଗା ଯୋଜନାରେ ନୂଆଗାଁ ବ୍ଲକରେ ଥିବା ୨୨ଟି ଗ୍ରାମପଞ୍ଚାୟତ କୌଣସି ଆଖିଦୃଷ୍ଟିଆ କାମ ହୋଇନାହିଁ କି ଗାଁ ଗଣ୍ଡାରେ ମାଟି ଗାଣ୍ଡୁଏ ମଧ୍ୟ ପଡ଼ିନଥିବା ଦୃଶ୍ୟ ଦେଖିବାକୁ ମିଳିଛି।ଯାହାକି ମନରେଗା କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଛ।ଯାହାଫଳରେ ଅଞ୍ଚଳର ବିକାଶ ଧାରା ଏକ ପ୍ରକାର ଅଣ୍ଡେଇ ପଡ଼ିଛି।ବଡ଼ ଦୁଃଖର ବିଷୟ ଯେ, ବ୍ଲକରେ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ବୈଠକ ହେଉଛି କିନ୍ତୁ ଅନେକ ସମୟେ ବିଡ଼ିଓ ଡ଼. ରାଉଳ ସାମ୍ବାଦିକ ମାନଙ୍କୁ କୌଣସି ସୂଚନା ଦେଉନଥିବା ଜଣାପଡ଼ିଛି।ଏହାକୁ ନେଇ ସାମ୍ବାଦିକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି।ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ମାନଙ୍କୁ କାହିଁକି ଡକା ଯାଇନଥିଲା ବୋଲି ଆଗାମୀ ଦିନରେ ନୂଆଗାଁ ବିଡ଼ିଓ ଅମୃତ କୁମାର ରାଉଳଙ୍କୁ ପ୍ରଶ୍ନ କରିବେ ବୋଲି ଆଲୋଚନା ଜୋରଧରିଛି।

# ଆମେରିକା-ଇରାନ ଭିତରେ ଦୁର୍ବଳ ଅସ୍ତ୍ରବିରତି ଭାଙ୍ଗିବ କି ?



ତେହେରାନ: ଆମେରିକା ଓ ଇରାନ ମଧ୍ୟରେ ଦୁର୍ବଳ ଅସ୍ତ୍ରବିରତି ଶୁକ୍ରବାର ବିପଜ୍ଜନକ ଭାବରେ ଭାଙ୍ଗିବାକୁ ଯାଉଛି । ହର୍ମୁଜ ପ୍ରଣାଳୀ ଓ ଏହାର ଆଖପାଖରେ ନୂତନ ସାମରିକ ବିନିମୟ ମଧ୍ୟପ୍ରାଚ୍ୟ ସଂଘର୍ଷ ବୃଦ୍ଧି ଆଶଙ୍କା ସୃଷ୍ଟି କରିଛି । ଇରାନର ସାମରିକ ଘାଟି ଉପରେ ଆକ୍ରମଣ କରି ପ୍ରତିଶୋଧ ନେବା ପୂର୍ବରୁ ଆମେରିକା କହିଛି ଯେ, ରଣନୈ?ତିକ ଜଳପଥରେ ତିନୋଟି ଆମେରିକୀୟ ବିଧ୍ୱଂସକ ଜାହାଜକୁ ଟାର୍ଗେଟ୍ କରି ଇରାନ କ୍ଷେପଣାସ୍ତ୍ର, ଡ୍ରୋନ୍ ଓ ଦ୍ରୁତ ଆକ୍ରମଣକାରୀ ଡଙ୍ଗା ଦ୍ୱାରା ଆକ୍ରମଣ କରିଥିଲା ଯାହାକୁ ଆମେରିକା ସେନା ଅଟକାଇବାରେ ସଫଳ ହୋଇଛି । ଅର୍ଥାତ୍ ଇରାନ ପ୍ରଥମେ ଆକ୍ରମଣ କରିବା ପରେ ଆମେରିକା ପ୍ରତିଆକ୍ରମଣ କରିବାରୁ ସଦ୍ୟତମ ଉତ୍ତେଜନା ବୃଦ୍ଧି ପାଇଛି । ତେବେ ଇରାନ ଅଭିଯୋଗ କରିଛି ଯେ, ୱାସିଂଟନ ପ୍ରଥମେ ହର୍ମୁଜ ନିକଟରେ ଏହାର ଏକ ତୈଳ ଟ୍ୟାଙ୍କର ଓ ଅନ୍ୟ ଏକ ଜାହାଜ ଉପରେ ଆକ୍ରମଣ କରିଥିଲା, ଯାହାର ପ୍ରତିଶୋଧ ନିଆଯାଇଛି । ଏପ୍ରିଲ୍ ୮ରେ କାର୍ଯ୍ୟକାରୀ ହୋଇଥିବା ଦୁର୍ବଳ ଯୁଦ୍ଧବିରତି ରହିବ କି ନାହିଁ ତାହା ଉପରେ ନୂତନ ଯୁଦ୍ଧ ସନ୍ଦେହ ସୃଷ୍ଟି କରିଛି । ଉଭୟ ପକ୍ଷ ଏକ ସମ୍ଭାବ୍ୟ କୂଟନୈତିକ ସମାଧାନ ବିଷୟରେ ଆଲୋଚନା କରିବା ସହିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଧମକ ଜାରି ରଖିଛନ୍ତି । ଟ୍ରମ୍ପ ତେହେରାନକୁ ଚେତାବନୀ ଦେଇଛନ୍ତି ଯେ ଯଦି ଏହା ଶୀଘ୍ର ଏକ ଚୁକ୍ତି ସ୍ୱାକ୍ଷର କରିବାରେ ବିଫଳ ହୁଏ, ତେବେ ୱାସିଂଟନ ଅଧିକ ଭୟଙ୍କର ଭାବରେ ପ୍ରତିକ୍ରିୟା ଦେବ । ତେଣେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଅଭିଯୋଗ କରିଛି ଯେ, ଏହାର ବାୟୁ ପ୍ରତିରକ୍ଷା ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣକୁ ଅଟକାଇଛି । ଯଦି ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ପୁନର୍ବାର ବୃଦ୍ଧି ପାଏ ତେବେ ପଡୋଶୀ ଗଲ୍ଫ ଦେଶଗୁଡିକ ଅଧିକ ଇରାନୀ ଆକ୍ରମଣର ଶିକାର ହୋଇପାରନ୍ତି ବୋଲି ଏଥିରୁ ଅଶଙ୍କା ପ୍ରକାଶ ପାଇଛି । ତେଣେ ନୂତନ ହିଂସା ମଧ୍ୟରେ, ପାକିସ୍ତାନ ତେହେରାନ ଓ ୱାସିଂଟନ ମଧ୍ୟରେ କୂଟନୈତିକ ସମାଧାନ କରିବାକୁ ଚେଷ୍ଟା ଜାରି ରଖିଛି ।

# ବିଜୟଙ୍କ ଟିଭିକେକୁ ସମର୍ଥନ ଜଣାଇଲା ସିପିଆଇ, ସିପିଏମ୍ ଏବଂ ଭିସିକେ, ମୁଖ୍ୟମନ୍ତ୍ରୀ ହେବ ବିଜୟ



ତାମିଲନାଡୁ : ବିଜୟଙ୍କ ସରକାର ଗଠନ କରିବା ନେଇ ତୁଟିଲା ସବୁ ଦ୍ୱନ୍ଦ୍ୱ । ଟିଭିକେକୁ ସମର୍ଥନ ଜଣାଇଲା ସିପିଆଇ, ସିପିଏମ୍ ଏବଂ ଭିସିକେ । ଏହାସହିତ ଟିଭିକେ ବହୁମତ ସଂଖ୍ୟା ପାର୍ କରିଛି । ସିପିଆଇ, ସିପିଏମ୍ ଏବଂ ଭିସିକେର ୨ଟି ଲେଖାଏ ମିଶି ୬ ସିଟ୍ ରହିଛି । କଂଗ୍ରେସର ୫ ସିଟ୍ ରହିଛି । ଏମାନେ ଟିଭିକେକୁ ସମର୍ଥନ କରିବା ପରେ ବହୁମତ ହାସଲ କରିଛି । ତାମିଲନାଡୁରେ ବିଜୟଙ୍କ ଟିଭିକେର ବିଜୟ ହାସଲ କରି ରାଜ୍ୟରେ ସରକାର ଗଠନ କରିବାକୁ ପ୍ରସ୍ତୁତି ଚଳାଇଛି । ସିପିଏମ୍, ସିପିଆଇ ଏବଂ ଭିସିକେ ଥାଲାପତି ବିଜୟଙ୍କ ନେତୃତ୍ୱାଧୀନ ଟିଭିକେକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ୩ ଦଳର ସମର୍ଥନ ସହିତ ରାଜ୍ୟରେ ନୂଆ ସରକାର ଗଠନ ପାଇଁ ପଥ ପରିଷ୍କାର ହୋଇଛି । ଏହି ତିନୋଟି ଦଳର ସମର୍ଥନ ସହିତ, ଥାଲାପତି ବିଜୟଙ୍କ ପାଖରେ ଏବେ ମୋଟ ୧୧୮ ଜଣ ବିଧାୟକଙ୍କ ସମର୍ଥନ ଅଛି, ଯାହା ୨୩୪ ସଦସ୍ୟ ବିଶିଷ୍ଟ ବିଧାନସଭାରେ ସଂଖ୍ୟାଗରିଷ୍ଠତା । ଆଜି ତୃତୀୟ ଥର ପାଇଁ ରାଜ୍ୟପାଳଙ୍କୁ ଭେଟିବେ ବିଜୟ । ଏହି ବୈଠକ ଅପରାହ୍ନ ୪ଟା୩୦ରେ ହେବାର କାର୍ଯ୍ୟକ୍ରମ ରହିଛି ।

# ହଣ୍ଟାଭାଇରସ୍‌ରେ ୩ ମୃତ: ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ



ନୂଆଦିଲ୍ଲୀ, ୮/୫: ଆଟଲାଣ୍ଟିକ ମହାସାଗରରେ କେପ୍ ଭର୍ଡେ ନିକଟରେ ଅଟକି ରହିଥିବା କ୍ରୁଜ ଜାହାଜ 'ଏମ୍‌ଭି ହଣ୍ଡିୟସ୍'ରେ ହଣ୍ଟାଭାଇରସ୍ ବ୍ୟାପିବା ଘଟଣା ଏବେ ସମସ୍ତଙ୍କୁ ଭୟଭୀତ କରିଛି । ଜାହାଜରେ ଥିବା କ୍ରୁ ସଦସ୍ୟଙ୍କ ମଧ୍ୟରେ ଦୁଇଜଣ ଭାରତୀୟ ଅଛନ୍ତି । ଜାହାଜରେ ହଣ୍ଟାଭାଇରସ୍ ବ୍ୟାପିଥିବାବେଳେ ଏଥିରେ ୧୧ ଜଣ ଆକ୍ରାନ୍ତ ହୋଇଥିବାବେଳେ ତିନି ଜଣଙ୍କର ମୃତ୍ୟୁ ହୋଇଛି । 'ଓସିଏନ୍‌ୱାଇଡ' ଏକ୍ସପେଡିସନ୍ସ' କମ୍ପାନିର ଏହି ବିଳାସପୂର୍ଣ୍ଣ ଜାହାଜ ଏପ୍ରିଲ ପହିଲାରେ ଆର୍ଜେଣ୍ଟିନାର ଉସୁଆଇଆଠାରୁ ଯାତ୍ରା ଆରମ୍ଭ କରିଥିଲା । ମେ ୧୦ ତାରିଖ ସୁଦ୍ଧା ଏହା ସ୍ପେନର କେନେରି ଦ୍ୱୀପ ପହଞ୍ଚିବାର ସମ୍ଭାବନା ରହିଛି । ଯାତ୍ରା ଆରମ୍ଭ ବେଳେ ଜାହାଜରେ ୨୮ ଦେଶର ୧୫୦ ଯାତ୍ରୀ ଓ କ୍ରୁ ସଦସ୍ୟ ସାମିଲ ଥିଲେ । ଏପ୍ରିଲ ୧୧ ତାରିଖରେ ଜାହାଜରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା । ୨୪ ଏପ୍ରିଲରେ ମୃତଦେହ ସେଣ୍ଟ ହେଲେନା ଦ୍ୱୀପରେ ଛାଡ଼ି ଦିଆଯାଇଥିଲା । ପରେ ଉକ୍ତ ଯାତ୍ରୀଙ୍କ ପତ୍ନୀ ଅସୁସ୍ଥ ହୋଇଥିଲେ ଓ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ଉଭୟ ଡଚ୍ ନାଗରିକ ଥିଲେ । ଏପ୍ରିଲ ୨୭ରେ ଆଉ ଜଣେ ଯାତ୍ରୀ ଅସୁସ୍ଥ ହୋଇଥିଲେ । ମେ ୨ରେ ଜଣେ ଜର୍ମାନ ନାଗରିକଙ୍କର ମୃତ୍ୟୁ ହୋଇଥିଲା । ସେତେବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଚେତାବନୀ ଦେଇଥିଲା ଓ ଜାହାଜଟିକୁ କେପ୍ ? ଭର୍ଡ଼େଠାରେ ଅଟକିବାକୁ କହିଥିଲା । ବିବିସି ରିପୋର୍ଟ ଅନୁଯାୟୀ, ଜାହାଜରେ ଫିଲିପାଇନ୍ସର ୩୮, ବ୍ରିଟେନର ୩୧, ଆମେରିକାର ୨୩, ନେଦରଲ୍ୟାଣ୍ଡର ୧୬, ସ୍ପେନର ୧୪, ଜର୍ମାନୀର ୯, କାନାଡାର ୬ ଓ ଭାରତର ଦୁଇ କ୍ରୁ ସଦସ୍ୟ ଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ହଣ୍ଟାଭାଇରସ୍ ନେଇ ଚେତାବନୀ ଜାରି କରିଛି । ଏହା କୋଭିଡ-୧୯ ଭାଇରସ ପରି ନୁହେଁ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଛି । ହଣ୍ଟା ଭାଇରସ ସାଧାରଣତଃ ମୂଷାଠାରୁ ବ୍ୟାପିଥାଏ, ଏହା ମନୁଷ୍ୟଠାରୁ ମନୁଷ୍ୟକୁ ମଧ୍ୟ ବ୍ୟାପି ପାରିବ ।

# କାର୍ ଫ୍ୟାକ୍ଟ୍ରିରେ ଭୟଙ୍କର ନିଆଁ, ଜଳିଗଲା ୪୦୦ରୁ ଅଧିକ ଗାଡ଼ି

ନାଗପୁର : ମହାରାଷ୍ଟ୍ର ନାଗପୁର ଜିଲ୍ଲାରେ ଜଳିଗଲା କାର୍ ଗୋଦାମ । ଖେରୀ ଗାଁ ସ୍ଥିତ ପୁରୁଣା କାର୍ ଗୋଦାମରେ ଭୟଙ୍କର ନିଆଁ ଲାଗିଛି । ନିଆଁ ଯୋଗୁଁ ଅତିକମରେ ୪୦୦ରୁ ଅଧିକ ପୁରୁଣା କାର୍, ପାର୍ଟସ, ଟାୟାର ଏବଂ ଅନ୍ୟ ଜିନିଷ ଜଳିପୋଡି ପାଉଁଶ ହୋଇଯାଇଛି । ଭୟଙ୍କର ନିଆଁ ଅନେକ ଦୂର ଯାଏଁ କଳାଧୂଆଁ ଦେଖାଯାଇଥିଲା । ଏହି ଘଟଣାରେ କୋଟି କୋଟି ଟଙ୍କାର ସଂପତ୍ତି ନଷ୍ଟ ହୋଇଯାଇଛି ।

ଖବର ମୁତାବକ, ନାଗପୁର ଗ୍ରାମୀଣ ଅଞ୍ଚଳରେ ଖେରୀ-କହ୍ନାନ ମାର୍ଗ ସ୍ଥିତ ତାରାନଗରରେ ଥିଲା ଗୋଦାମ । ମନୋଜ ନାଗଦେବେ ଏବଂ ତାଙ୍କ ସହଯୋଗୀ ଦ୍ୱାରା ପୁରୁଣା କାର୍ ଡିଲ୍ କରାଯାଉଥିଲା । ଗୋଦାମରେ ମରାମତି



ହେଉଥିବା ସେକେଣ୍ଡହ୍ୟାଣ୍ଡ କାର୍ ଛଡା ଅନ୍ୟ ଖରାପ ଗାଡିର ସ୍ପେୟାର ପାର୍ଟସ, ଟାୟାର ଏବଂ ଅନ୍ୟ ସବୁ ଜିନିଷ ରଖାଯାଇଥିଲା । ଗୁରୁବାର ଅପରାହ୍ନରେ ହଠାତ୍ ଗୋଦାମରେ ନିଆଁ ଲାଗିଯାଇଥିଲା । କିଛି ମିନିଟରେ ନିଆଁ ଲାଗି ସଂପୂର୍ଣ୍ଣ ଗୋଦାମ ଜଳିପୋଡି ନଷ୍ଟ ହୋଇଯାଇଥିଲା । ଘଟଣା ସ୍ଥଳରେ ଥିବା କର୍ମଚାରୀ ତୁରନ୍ତ ଦମକଳ ବାହିନୀକୁ ସୂଚନା ଦେଇଥିଲେ । ନିଆଁ ଲାଗିବା ଦେଖି ସ୍ଥାନୀୟ ଅଞ୍ଚଳର ଲୋକ ଭୟଭୀତ ହୋଇଯାଇଥିଲେ । ଘଟଣାସ୍ଥଳରେ ୧୫ରୁ ଅଧିକ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତକରିଥିଲା । କଠିନ ପରିଶ୍ରମ କରିବା ପରେ ଗୋଦାମର ନିଆଁକୁ ଆୟତ୍ତ କରାଯାଇଥିଲା । ତେବେ କାରଖାନାରେ ନିଆଁ କିଭଳି ଲାଗିଲା, ତାହା ଏଯାଏଁ ଜଣାପଡିନାହିଁ ।

# ଶିକ୍ଷକ ଆଶାୟୀଙ୍କ ଉପରେ ପୋଲିସର ଲାଠିଚାର୍ଜ, ଅନେକ ଛାତ୍ର ଆହତ



ପାଟନା: ବିହାରର ରାଜଧାନୀ ପାଟନାରେ ଶିକ୍ଷକ ନିଯୁକ୍ତି ପରୀକ୍ଷା ବିଜ୍ଞପ୍ତି ପ୍ରକାଶ ଦାବିରେ ଆନ୍ଦୋଳନ କରୁଥିବା ଶହ ଶହ ପ୍ରାର୍ଥୀଙ୍କ ଉପରେ ପୋଲିସ ନିର୍ମମ ଭାବେ ଲାଠିଚାର୍ଜ କରିଛି । ଶୁକ୍ରବାର ଦିନ ପାଟନା କଲେଜରୁ ବାହାରିଥିବା ଏହି ବିଶାଳ ଶୋଭାଯାତ୍ରାରେ ହଜାର ହଜାର ପୁରୁଷ ଓ ମହିଳା ପ୍ରାର୍ଥୀ ସାମିଲ ହୋଇ ବିହାର ସରକାର ଓ ବିହାର ଲୋକସେବା ଆୟୋଗ (ବିପିଏସସି) ବିରୋଧରେ ସ୍ଲୋଗାନ ଦେଇଥିଲେ । ଆଶାୟୀମାନେ ଛାତ୍ର ନେତା ଦିଲୀପଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଜେପି ଗୋଲମ୍ବର ନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା । ଯେତେବେଳେ ପ୍ରାର୍ଥୀମାନେ ବାରିକେଡ୍ ଭାଙ୍ଗି ଆଗକୁ ବଢ଼ିବାକୁ ଚେଷ୍ଟା କରିଥିଲେ, ସେତେବେଳେ ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ କରିଥିଲା, ଯାହା ଫଳରେ ଅନେକ ଆନ୍ଦୋଳନକାରୀ ଗୁରୁତର ଭାବେ ଆହତ ହୋଇଛନ୍ତି । ପ୍ରାର୍ଥୀମାନଙ୍କ ଅଭିଯୋଗ ଅନୁଯାୟୀ, ସରକାର ନିଯୁକ୍ତି ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବ କରୁଥିବାରୁ ଲକ୍ଷ ଲକ୍ଷ ଆଶାୟୀ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧକାରମୟ ହେବାକୁ ଯାଉଛି । ଦୀର୍ଘ ଦିନରୁ ଶିକ୍ଷକ ନିଯୁକ୍ତି ପରୀକ୍ଷା ବିଜ୍ଞପ୍ତି ପାଇଁ ଦାବି ହୋଇ ଆସୁଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଉ ନାହିଁ । ଏଥିସହ ବିପିଏସସି ଦ୍ୱାରା ଲାଗୁ କରାଯାଇଥିବା କିଛି ନୂଆ ନିୟମକୁ ମଧ୍ୟ ଛାତ୍ରମାନେ ତୀବ୍ର ବିରୋଧ କରିଛନ୍ତି । ପଦଯାତ୍ରା ସମୟରେ ପୋଲିସ ଓ ଛାତ୍ରଙ୍କ ମଧ୍ୟରେ ଧସ୍ତାଧସ୍ତି ଯୋଗୁଁ ସମଗ୍ର ଅଞ୍ଚଳରେ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି । ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଯାଇଥିବା ସମସ୍ତ ରାସ୍ତାକୁ ସିଲ୍ କରାଯାଇଥିବା ବେଳେ ପରିସ୍ଥିତି ଉପରେ ନଜର ରଖିବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଛାତ୍ରମାନଙ୍କ ଏହି ଆନ୍ଦୋଳନ ଏବେ ବିହାର ରାଜନୀତିରେ ମଧ୍ୟ ହଟଚମଟ ସୃଷ୍ଟି କରିଛି ।

# ମୁଖ୍ୟ ବିଚାରପତି ନିଯୁକ୍ତିକୁ ନେଇ ତୀବ୍ର ବିବାଦ



କାଠମାଣ୍ଡୁ: ନେପାଳ ରାଜନୀତିରେ ଏବେ ଏକ ବଡ଼ ଧରଣର ସାମ୍ବିଧାନିକ ସଙ୍କଟ ମୁଣ୍ଡ ଟେକିଛି । ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ନେତୃତ୍ୱରେ ସାମ୍ବିଧାନିକ ପରିଷଦ ଦୀର୍ଘ ୭୦ ବର୍ଷର ''ବରିଷ୍ଠତା ନିୟମ''କୁ ଅଣଦେଖା କରି ମନୋଜ କୁମାର ଶର୍ମାଙ୍କୁ ନେପାଳର ୩୩ତମ ମୁଖ୍ୟ ବିଚାରପତି ଭାବେ ମନୋନୀତ କରିଛନ୍ତି । ଏହି ନିଷ୍ପତ୍ତି ପରେ ସେଠାକାର ନ୍ୟାୟପାଳିକା ଓ ରାଜନୈତିକ ମହଲରେ ଝଡ଼ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ, ମନୋଜ କୁମାର ଶର୍ମା ସୁପ୍ରିମକୋର୍ଟର ଚତୁର୍ଥ ବରିଷ୍ଠ ବିଚାରପତି । ପରିଷଦ ତାଙ୍କଠାରୁ ବରିଷ୍ଠ ଥିବା ତିନିଜଣ ବିଚାରପତି, ସ୍ୱପ୍ନା ପ୍ରଧାନ ମଲ୍ଲ, କୁମାର ରେଗମି ଓ ହରି ପ୍ରସାଦ ଫୁୟାଲଙ୍କୁ ବାଦ୍ ଦେଇଛି । ବିରୋଧୀ ଦଳ ଏହାକୁ ଏକ ଅଗଣତାନ୍ତ୍ରିକ ପଦକ୍ଷେପ ବୋଲି କହିବା ସହ ଲିଖିତ ପ୍ରତିବାଦ କରିଛନ୍ତି । ତେବେ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ନିଜ ଜିଦରେ ଅଟଳ ରହିଛନ୍ତି । ସେ କହିଛନ୍ତି ଯେ, କେବଳ ବୟସ ବା ବରିଷ୍ଠତା ନୁହେଁ, ବରଂ ''ଯୋଗ୍ୟତା ଓ ଦକ୍ଷତା'' ଆଧାରରେ ନିଯୁକ୍ତି ହେବା ଆବଶ୍ୟକ । ଅନ୍ୟପକ୍ଷରେ, ଆଇନ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ସରକାରଙ୍କ ଏଭଳି ହସ୍ତକ୍ଷେପ ନ୍ୟାୟପାଳିକାର ସ୍ୱାଧୀନତାକୁ କ୍ଷୁଣ୍ଣ କରିବ ଏବଂ ଭବିଷ୍ୟତରେ ବିଚାରପତିମାନେ ସରକାରୀ ଚାପରେ ରହି କାର୍ଯ୍ୟ କରିବାକୁ ବାଧ୍ୟ ହେବେ ।

# ଟ୍ରମ୍ପଙ୍କ ୧୦% ଶୁଳ୍କ ବି ଅସିଦ୍ଧ, କୋର୍ଟରେ ଲାଗିଲା ଝଟ୍‌କା

ୱାସିଂଟନ: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଆମେରିକାର ଏକ କୋର୍ଟରେ ଆଉ ଏକ ଧକ୍କା ଲାଗିଛି । ପୂର୍ବରୁ ସେ ବିଭିନ୍ନ ଦେଶ ଉପରେ ଲଗାଇଥିବା ପାଲଟା ଶୁଳ୍କକୁ ସୁପ୍ରିମକୋର୍ଟ ଅସିଦ୍ଧ ଘୋଷଣା କରିଥିଲେ । ଏହାପରେ ଏକ ଆଇନରେ ଥିବା ଗଳାବାଟକୁ ଅପବ୍ୟବହାର କରି ସେ ଲଗାଇଥିବା ୧୦ ପ୍ରତିଶତ ଶୁଳ୍କକୁ ମଧ୍ୟ ଆମେରିକାର ଏକ କୋର୍ଟ ଅସିଦ୍ଧ ଘୋଷଣା କରିଛନ୍ତି । କୋର୍ଟ ଅଫ୍ ଇଣ୍ଟରନ୍ୟାସନାଲ୍ ଟ୍ରେଡ୍ ୨-୧ ବହୁମତରେ ଟ୍ରମ୍ପଙ୍କ ଶୁଳ୍କ ୧୯୭୪ର ବ୍ୟବସାୟ ଆଇନ ଅନୁଯାୟୀ ଠିକ୍ ନୁହେଁ ବୋଲି କହିଛନ୍ତି । କଂଗ୍ରେସର ଅନୁମତି ବିନା ଏତେ ବଡ଼ ପରିମାଣର ଶୁଳ୍କ ଲଗାଇବାର ଅଧିକାର ସରକାରଙ୍କ ପାଖରେ ନାହିଁ ବୋଲି କୋର୍ଟ ରୋକ୍‌ଠୋକ୍ ଶୁଣାଇଛନ୍ତି । କୋର୍ଟଙ୍କ ରାୟ ବିରୋଧରେ ଟ୍ରମ୍ପ ପ୍ରଶାସନ ଅପିଲ କରିବା ସମ୍ଭାବନା ରହିଛି । ପ୍ରଥମେ ଏହି ମାମଲା ୟୁଏସ୍ କୋର୍ଟ ଅଫ୍ ଅପିଲ୍ସ ଫର ଦି ଫେଡେରାଲ୍ ସର୍କିଟ୍‌ରେ ପହଞ୍ଚିବ । ଯଦି ସେଠାରେ କୌଣସି ସମାଧାନ ହୋଇପାରିବ ନାହିଁ ତେବେ ଏହି



ମାମଲା ମଧ୍ୟ ସୁପ୍ରିମକୋର୍ଟଙ୍କ ପାଖରେ ପହଞ୍ଚିବ । ତେବେ ଏକ ୪୫ ବର୍ଷ ପୁରୁଣା ଆଇନରେ ଥିବା ଗଳାବାଟକୁ ବ୍ୟବହାର କରି କୌଣସି ପ୍ରକାରରେ ଶୁଳ୍କ ନୀତିକୁ ଜୀବିତ ରଖିଥିବା ଟ୍ରମ୍ପ ଆଗାମୀ ଦିନରେ କଣ ପଦକ୍ଷେପ ନେବେ ତାହା ଆଗାମୀ ଦିନରେ ଜଣାପଡ଼ିବ । ଗତବର୍ଷ ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ଉପରେ ଚଡ଼ା ଦରର ପାଲଟା ଶୁଳ୍କ ଲଗାଇ ସେମାନଙ୍କୁ ବ୍ଲାକ୍‌ମେଲ୍ କରିବା ଆରମ୍ଭ କରିଥିଲେ । ନିଜକୁ ସୁହାଇବା ଭଳି ବାଣିଜ୍ୟ ରାଜିନାମା ହାସଲ କରିବାକୁ ସେ ଉଦ୍ୟମ କରିଥିଲେ । ଭାରତ ଉପରେ ସେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିଲେ । ତାଙ୍କର ସେହି ଶୁଳ୍କକୁ ଆମେରିକା ସୁପ୍ରିମକୋର୍ଟ ଅସିଦ୍ଧ ଘୋଷଣା କରିବା ପରେ ଟ୍ରମ୍ପ ବିଚଳିତ ହୋଇ ଗଳାବାଟ ଖୋଜିବା ଆରମ୍ଭ କରିଥିଲେ । ବାଣିଜ୍ୟ ନୀତି ୧୯୭୪ର ଧାରା ୧୨୨ରେ ରାଷ୍ଟ୍ରପତିଙ୍କୁ ଦିଆଯାଇଥିବା ଏକ ବିଶେଷାଧିକାର ତାଙ୍କ ନଜରରେ ପଡ଼ିଥିଲା । ସେହି କ୍ଷମତାକୁ ବ୍ୟବହାର କରି ସେ ଆମେରିକାକୁ କରାଯାଉଥିବା ଆମଦାନି ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଇଥିଲେ । ସେହି ଶୁଳ୍କର ଅବଧି ୧୫୦ ଦିନ ଥିଲା । ତାପୂର୍ବରୁ କୋର୍ଟ ଉକ୍ତ ଶୁଳ୍କକୁ ବେଆଇନ କହିଛନ୍ତି । ପୂର୍ବରୁ ଆମେରିକା ସୁପ୍ରିମକୋର୍ଟ ମଧ୍ୟ ଟ୍ରମ୍ପଙ୍କୁ ସ୍ପଷ୍ଟ କରିସାରିଛନ୍ତି ଯେ ଆଇନରେ ରାଷ୍ଟ୍ରପତିଙ୍କୁ ଅସୀମିତ କ୍ଷମତା ଦିଆଯାଇନାହିଁ । ଟ୍ରମ୍ପ ଲଗାଇଥିବା ୧୦ ପ୍ରତିଶତ ଶୁଳ୍କ ବିରୋଧରେ ଆମେରିକାର କ୍ଷୁଦ୍ର ବ୍ୟବସାୟୀମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଶୁଣାଣି ବେଳେ କୋର୍ଟ ସ୍ୱୀକାର କରିଥିଲେ ଯେ କଂଗ୍ରେସକୁ ଦିଆଯାଇଥିବା କ୍ଷମତାର ଅପବ୍ୟବହାର କରାଯାଉଛି । ତିନି ବିଚାରପତି ବିଶିଷ୍ଟ ଖଣ୍ଡପୀଠ ମାମଲାର ଶୁଣାଣୀ କରିଥିଲେ । ସେଥିରୁ ଜଣେ ବିଚାରପତି ରାୟ ଉପରେ ସହମତ ହୋଇନଥିଲେ । ସେହି କହିଥିଲେ ଯେ ବ୍ୟବସାୟ କ୍ଷେତ୍ରରେ ରାଷ୍ଟ୍ରପତିଙ୍କ ପାଖରେ କିଛି ବିଶେଷ କ୍ଷମତା ରହିବା ଉଚିତ୍ । ସାରା ବିଶ୍ୱରୁ କଞ୍ଚାମାଲ ସଂଗ୍ରହ କରୁଥିବା ଆମେରିକାର କ୍ଷୁଦ୍ର ବ୍ୟବସାୟୀମାନେ କୋର୍ଟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ବେସିକ୍ ଫନ୍ କମ୍ପାନିର ସିଇଓ ମୟ ଫୋରମ୍ୟାନ୍ କହିଛନ୍ତି ଯେ ଏହା ସେହି ଆମେରିକୀୟ କମ୍ପାନିମାନଙ୍କ ବିଜୟ ଯେଉଁମାନେ ସୁଲଭ ଓ ସୁରକ୍ଷିତ ଜିନିଷ ତିଆରି କରିବା ପାଇଁ ସାରା ବିଶ୍ୱର ବଜାର ଉପରେ ନିର୍ଭରଶୀଳ ରହିଛନ୍ତି ।

# ନିୟମ ଉଲ୍ଲଘଂନ ନେଇ ଏସଓପି ଜାରି କଲା ବିସିସିଆଇ

## ଖେଳାଳି ଓ ମାଲିକଙ୍କ ଉପରେ ଲାଗିଲା ପ୍ରତିବନ୍ଧକ

### ଆଇପିଏଲରେ 'ହନିଟ୍ରାପ' ଭୟ, ଖେଳାଳିଙ୍କ ପାଇଁ ଜାରି ହେଲା କଡ଼ା ନିର୍ଦ୍ଦେଶ

ନୂଆଦିଲ୍ଲୀ,୮।୫: ବିସିସିଆଇ ସମସ୍ତ ୧୦ ଟି ଆଇପିଏଲ ଟିମକୁ ଏକ ୮ ପେଜ ବିଶିଷ୍ଟ ଏକ ନିର୍ଦ୍ଦେଶନାମା ପ୍ରଦାନ କରିଛନ୍ତି, ଯେଉଁଥିରେ ପ୍ରୋଟୋକଲ ଭାଙ୍ଗିବା ଘଟଣାରେ ଚିନ୍ତା ବ୍ୟକ୍ତ କରିବା ସହ ଭବିଷ୍ୟତରେ ଏହି ପ୍ରୋଟୋକଲ ଗୁଡିକ କଡାକଡି ଭାବେ ପାଳନ କରିବା ପାଇଁ ଏକ ଏସଓପି ଜାରି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ବିସିସିଆଇ ସେକ୍ରେଟାରୀ ଦେବଜିତ ସାଇକିଆ ସମସ୍ତ ୧୦ ଟି ଆଇପିଏଲ ଫ୍ରାଞ୍ଚାଇଜିର ସିଇଓଙ୍କୁ ଚିଠି ଲେଖିଛନ୍ତି । ଏହି ନିର୍ଦ୍ଦେଶନାମାରେ ସାଇକିଆ ଲେଖିଛନ୍ତି, 'ଚଳିତ ସିଜନରେ କିଛି ଘଟଣାକୁ ଦୃଷ୍ଟିରେ ରଖି ଏହି ନିଷ୍ପତି ନିଆଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି, ଆଇପିଏଲ ସହିତ ଜଡିତ ସମସ୍ତ ବ୍ୟକ୍ତି ବୃତ୍ତିଗତ ମାନଦଣ୍ଡ, ଶୃଙ୍ଖଳା, ସୁରକ୍ଷା ସଚେତନତା ଓ ପ୍ରୋଟୋକଲକୁ ପାଳନ କରିବେ।'

ଏହି ଆଠ ପୃଷ୍ଠାରେ ଆଣ୍ଟି କରପସନ୍ ଓ ସୁରକ୍ଷା ୟୁନିଟ ଦ୍ୱାରା ଦିଆଯାଇଥିବା ରିପୋର୍ଟ ଅନୁଯାୟୀ ଅନେକ ଉଲ୍ଲଙ୍ଘନର ଉଲ୍ଲେଖ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ କିଛି ଖେଳାଳି ଓ ସପୋର୍ଟ ଷ୍ଟାଫ ଦଳର ମ୍ୟାନେଜରଙ୍କ ଅଜାଣତରେ କିମ୍ବା ବିନା ଅନୁମତିରେ ବାହାର ଲୋକଙ୍କୁ ନିଜ ହୋଟେଲ ରୁମରେ ପ୍ରବେଶ କରିବାକୁ ଅନୁମତି ଦେଇଛନ୍ତି । ଅନେକ ସମୟରେ ଟିମ ମ୍ୟାନେଜରଙ୍କୁ ଏହି ଲୋକଙ୍କ ବିଷୟରେ କୌଣସି ସୂଚନା ଦିଆଯାଇନାହିଁ । ବିସିସିଆଇ ଏହି ଘଟଣା ଉପରେ ତୁରନ୍ତ ରୋକ ଲଗାଇଛନ୍ତି ।

ବିସିସିଆଇ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ପାଇଁ ତିନୋଟି ନିର୍ଦ୍ଦେଶ ଜାରି କରିଛି:୧. କୌଣସି ବ୍ୟକ୍ତି, ସେମାନଙ୍କର ପରିଚୟ, ସମ୍ପର୍କ କିମ୍ବା ଦେଖା କରିବାର ଉଦ୍ଦେଶ୍ୟ ଯାହା ହେଉନା କାହିଁକି, ଦଳର ମ୍ୟାନେଜରଙ୍କ ଲିଖିତ ଅନୁମତି ବିନା କୌଣସି ଖେଳାଳି କିମ୍ବା ସପୋର୍ଟ ଷ୍ଟାଫଙ୍କ ହୋଟେଲ ରୁମରେ ପ୍ରବେଶ କରିପାରିବେ ନାହିଁ।୨. ଅତିଥି କିମ୍ବା ସମ୍ପର୍କୀୟ ହୋଟେଲର ସାର୍ବଜନୀନ କ୍ଷେତ୍ରରେ, ଯେପରିକି ଲବି କିମ୍ବା ରିସେପ୍ସନ ଏରିଆରେ ସାକ୍ଷାତ କରିପାରିବେ । କୌଣସି ଅତିଥିଙ୍କୁ କାହା ବ୍ୟକ୍ତିଗତ ରୁମରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ । ଯଦି କେହି ରୁମରେ ପ୍ରବେଶ କରିବାକୁ ଚାହାନ୍ତି ତେବେ




ମ୍ୟାନେଜରଙ୍କ ଠାରୁ ଲିଖିତ ଅନୁମତି ନେବାକୁ ପଡିବ। ୩. ବିସିସିଆଇ ଫ୍ରାଞ୍ଚାଇଜିଗୁଡ଼ିକୁ 'ହନି ଟ୍ରାପ୍' ଓ ପୂର୍ବରୁ ଚିହ୍ନିତ ଟାର୍ଗେଟିଂଙ୍କ ସମ୍ପର୍କରେ ସତର୍କ ରହିବାକୁ ପରାମର୍ଶ ଦେଇଛି। ବୋର୍ଡ ଚେତାବନୀ ଦେଇଛି ଯେ ଏପରି ଘଟଣାରେ ସମ୍ପୃକ୍ତି ଭାରତୀୟ ଆଇନ ଅନୁଯାୟୀ ଯୌନ ଶୋଷଣ ଭଳି ଗମ୍ଭୀର ଅଭିଯୋଗ ଲାଗିପାରେ।

ଫ୍ରାଞ୍ଚାଇଜି ମାଲିକମାନଙ୍କୁ ମାନ୍ଦ୍ୟ ନିର୍ଦ୍ଦେଶନାମା ଜାରି କରିଛି ବିସିସିଆଇ -ଖେଳାଳିମାନଙ୍କ ବ୍ୟତୀତ, ବିସିସିଆଇ କିଛି ଫ୍ରାଞ୍ଚାଇଜି ମାଲିକଙ୍କ ଦ୍ୱାରା ପ୍ଲେୟାର ଓ ମ୍ୟାଚ ଅଫିସିଆଲ ଏରିଆ (ଚଗଙଇ) ପ୍ରୋଟୋକଲ ଉଲ୍ଲଂଘନ ସମ୍ପର୍କରେ ମଧ୍ୟ ଚିନ୍ତା ପ୍ରକାଶ କରିଛି। ବିସିସିଆଇ କହିଛି ଯେ ମ୍ୟାଚ ପରେ କିଛି ମାଲିକ ମାନେ ଏହି ନିୟମର ଉଲ୍ଲଙ୍ଘନ କରୁଛନ୍ତି, ସେମାନେ ମ୍ୟାଚ ପରେ ଖେଳାଳିଙ୍କ ସହିତ ସାକ୍ଷାତ କରୁଛନ୍ତି ଓ କଥାବାର୍ତ୍ତା ମଧ୍ୟ କରୁଛନ୍ତି । ବୋର୍ଡ ଏହା ଉପରେ ମଧ୍ୟ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରିଛି ।୧. ମ୍ୟାଚ ସମୟରେ ଦଳର ମାଲିକ ଓ ସେମାନଙ୍କ ପ୍ରତିନିଧି ଦଳର ଖେଳାଳି କିମ୍ବା ଡଗ୍ ଆଉଟ୍, ଡ୍ରେସିଂ ରୁମ୍ ଓ ଖେଳ ପଡିଆରେ ସିଧାସଳଖ ପ୍ରବେଶ କରିପାରିବେ ନାହିଁ । ଯଦି ସେମାନେ ଏଭଳି କରିବାକୁ ଚାହାନ୍ତି ତେବେ ପୂର୍ବ ଅନୁମୋଦନ ଗ୍ରହଣ କରିବାକୁ ପଡିବ।୨. ପ୍ରତିବନ୍ଧିତ ଅଞ୍ଚଳରେ ମାଲିକଙ୍କ ପ୍ରବେଶ ଚଗଙଇ ପ୍ରୋଟୋକଲ ଦ୍ୱାରା କଡାକଡି ଭାବେ ପାଳନ କରାଯିବ । ଏହି କ୍ଷେତ୍ରରେ ନିୟମ ଉଲ୍ଲଙ୍ଘନକୁ ଗୁରୁତର ଅପରାଧ ଭାବେ ଗ୍ରହଣ କରାଯିବ।୩. ମ୍ୟାଚ ପୂର୍ବରୁ ମାଲିକ ଓ ସେମାନଙ୍କ ସହଯୋଗୀମାନଙ୍କୁ ସମସ୍ତ ଆବଶ୍ୟକୀୟ ପ୍ରୋଟୋକଲ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦେବା ଫ୍ରାଞ୍ଚାଇଜି ପରିଚାଳନାର ଦାୟିତ୍ୱ ହେବ।

ଭେପିଂ ଉପରେ ନିଷେଧ-ଚଳିତ ଆଇପିଏଲ ସିଜିନରେ, ରାଜସ୍ଥାନ ରୟାଲ୍ସର ଅଧିନାୟକ ରିୟାନ ପରାଗ ଡ୍ରେସିଂ ରୁମ ଭିତରେ ଭେପିଂ କରୁଥିବାର ଦେଖିବାକୁ ମିଳିଥିଲା। ଭାରତୀୟ ଆଇନ ଅନୁଯାୟୀ, ଭେପିଂ ଓ ଇ-ସିଗାରେଟର ଉତ୍ପାଦନ, ବିକ୍ରୟ ଓ ସେବନ ନିଷେଧ। ବିସିସିଆଇ ଏହି ପ୍ରସଙ୍ଗରେ ନିର୍ଦ୍ଦେଶନାମା ଜାରି କରିଛି ଓ କହିଛି 'କୌଣସି ଖେଳାଳି କିମ୍ବା ସପୋର୍ଟ ଷ୍ଟାଫ ଏହି ନିୟମର ଉଲ୍ଲଙ୍ଘନ କଲେ ସେମାନେ ବିସିସିଆଇ କିମ୍ବା ଆଇପିଏଲ ନୁହେଁ ବରଂ ଭାରତୀୟ ଆଇନର ଉଲ୍ଲଘଂନ କରୁଛନ୍ତି ଓ ଏହା ଏକ ଦଣ୍ଡନୀୟ ଅପରାଧ।'

## ବୋଲିଂ କୋଚ ହେବେ ସାଇରାଜ ବହୁତୁଲେ !

ମୁମ୍ବାଇ,୮।୫: ଭାରତୀୟ କ୍ରିକେଟ ଦଳର କୋଚିଂ କମିଟିରେ ବଡ ପରିବର୍ତ୍ତନ ହେବାକୁ ଯାଉଛି । ଗୌତମ ଗମ୍ଭୀରଙ୍କ ସହିତ ଆଉ ଏକ କୋଚ ଟିମ ଇଣ୍ଡିଆ ସହ ଯୋଡି ହେବାକୁ ଯାଉଛନ୍ତି । ସାଇରାଜ ବହୁତୁଲେ ଭାରତୀୟ ଦଳର ସ୍ପିନ ବୋଲିଂ କୋଚ ଭାବେ ଦଳ ସହ ଯୋଗ ଦେଇପାରନ୍ତି । ସାଇରାଜ ବହୁତୁଲେ ପୂର୍ବରୁ ମଧ୍ୟ ଭାରତୀୟ ଦଳ ସହିତ କାମ କରିସାରିଛନ୍ତି କିନ୍ତୁ କେବେବି ସେ ସ୍ଥାୟୀ କୋଚ ରୂପେ ଦଳରେ ସାମିଲ ହୋଇନାହାନ୍ତି ।



ହେଡ୍ କୋଚ ଗମ୍ଭୀର ମଧ୍ୟ ସାଇରାଜ ବହୁତୁଲେଙ୍କ ସହ କାମ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ତେଣୁ ଏଥିପାଇଁ ସେ ସାଇରାଜ ବହୁତୁଲେଙ୍କୁ ବୋଲିଂ କୋଚ ଭାବେ ଦଳରେ ସାମିଲ କରିବା ପାଇଁ ବିସିସିଆଇକୁ ଅନୁରୋଧ କରିଛନ୍ତି । ବର୍ତ୍ତମାନ ହେଡ୍ କୋଚ ଗୌତମ ଗମ୍ଭୀରଙ୍କ ବ୍ୟତୀତ ବ୍ୟାଟିଂ କୋଚ ସୀତାଂଶୁ କୋଟାକ, ଦ୍ରୁତ ବୋଲିଂ କୋଚ ମର୍ଣ୍ଣ ମୋର୍କେଲ, ଫିଲଡିଂ କୋଚ ଟି ଦିଲ୍ଲୀପ ଓ ଆସିଷ୍ଟାଣ୍ଟ କୋଚ ରାୟନ ଟେନ ଡ୍ସକାଟେ ଭାରତୀୟ ଦଳରେ ସାମିଲ ଅଛନ୍ତି । ଦଳରେ କୌଣସି ସ୍ପିନ ବୋଲିଂ କୋଚ ନଥିବାରୁ ସାଇରାଜ ବହୁତୁଲେଙ୍କୁ ଦଳରେ ସାମିଲ କରାଯାଇପାରେ ।ସାଇରାଜ ବହୁତୁଲେ ବର୍ତ୍ତମାନ ପଞ୍ଜାବ କିଙ୍ଗ୍ସ ସହିତ ସ୍ପିନ ବୋଲିଂ କୋଚ ଭାବେ ସାମିଲ ଅଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଖୁବଶୀଘ୍ର ସେ ଫ୍ରାଞ୍ଚାଇଜି ଠାରୁ ଅଲଗା ହୋଇପାରନ୍ତି । ଏହାରି ଭିତରେ ସେ ବିସିସିଆଇର ଜଣେ ବରିଷ୍ଠ ଅଧିକାରୀଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା ମଧ୍ୟ କରିଛନ୍ତି । ସାଇରାଜ ବହୁତୁଲେ ଭାରତ ପାଇଁ କ୍ରିକେଟ ମଧ୍ୟ ଖେଳିଛନ୍ତି । ସେ ୨ ଟି ଟେଷ୍ଟ ମ୍ୟାଚ ଖେଳି ୩ ଟି ୱିକେଟ୍ ନେଇଛନ୍ତି। ଏହା ସହ ସେ ୮ ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚରେ ୨ ଟି ୱିକେଟ୍ ନେଇଛନ୍ତି । ଏହା ବ୍ୟତୀତ ୧୮୮ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଛନ୍ତି ସାଇରାଜ ଓ ୬୧୭୬ ରନ ସଂଗ୍ରହ କରିବା ସହ ୬୩୦ ଟି ୱିକେଟ୍ ନେଇଛନ୍ତି ସାଇରାଜ । ୧୪୩ ଟି ଲିଷ୍ଟ-ଏ ମ୍ୟାଚ ଖେଳି ୧୩୬୭ ରନ ଓ ୧୯୭ ୱିକେଟ୍ ହାସଲ କରିଛନ୍ତି ସାଇରାଜ।

## ମାର୍ସ, ପ୍ରିନ୍ସ ଲକ୍ଷ୍ନୌକୁ ଜିତାଇଲେ: ଆର୍‌ସିବିକୁ ୯ ରନ୍‌ରେ ହରାଇଲେ

ଲକ୍ଷ୍ନୌ,୮।୫: ଚଳିତ ଆଇପିଏଲ୍‌ରେ ଗୁରୁବାର ବିଜେତା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ରୋମାଞ୍ଚକ ଭାବେ ୯ ରନ୍‌ରେ ପରାସ୍ତ କରିଛି ଲକ୍ଷ୍ନେ ସୁପର୍ ଜାଏଣ୍ଟସ୍। ବର୍ଷାବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଆର୍‌ସିବିକୁ ୧୯ ଓଭରରେ ୨୧୩ ରନ୍ ଲକ୍ଷ୍ୟ ମିଳିଥିଲା। ଆର୍‌ସିବି କିନ୍ତୁ ପ୍ରଥମ ଦୁଇ ଓଭର ଭିତରେ ଏହାର ପ୍ରାରମ୍ଭିକ ଯୋଡି ଜ୍ୟାକବ୍ ବେଥେଲ୍ ଓ ବିରାଟ କୋହଲିଙ୍କୁ ହରାଇବା ପରେ ୨୦୩/୬ରେ ଅଟକିଯାଇଥିଲା। ରଜତ ପଟିଦାର, ଟିମ୍ ଡେଭିଡ୍, କ୍ରୁନାଲ୍ ପାଣ୍ଡ୍ୟା, ଦେବଦତ୍ତ ପଡିକଲ ପ୍ରମୁଖ ଲିଥିଲେ ବି ତାହା ଯଥେଷ୍ଟ ହୋଇ ନଥିଲା। ଶେଷ ଓଭରରୁ ୨୦ ରନ୍ ଆବଶ୍ୟକ ହେଉଥିଲା ବେଳେ ଦିଗବେଶ ରାଠିଙ୍କଠାରୁ କ୍ରୁନାଲ୍ ଓ ସେଫର୍ଡ ମାତ୍ର ୧୦ ରନ୍ ଆଦାୟ କରିପାରିଥିଲେ। ୩ ଥର ବର୍ଷା ବାଧା ଆଣିଥିବାରୁ ମ୍ୟାଚ୍‌କୁ ୧୯ ଓଭର ବିଶିଷ୍ଟ କରାଯାଇଥିଲା।




ଟସ୍ ଜିତି ପ୍ରଥମେ କ୍ଷେତ୍ରରକ୍ଷଣ କରିବାକୁ ନିଷ୍ପତ୍ତି ନେଇଥିଲା ଆର୍‌ସିବି। ବାରମ୍ବାର ବର୍ଷା ବାଧା ସତ୍ତ୍ୱେ ଅଷ୍ଟ୍ରେଲୀୟ ଓପନର୍ ମିଚେଲ୍ ମାର୍ସ ଚଳିତ ଋତୁରେ ତାଙ୍କ ଶ୍ରେଷ୍ଠ ପାଳି ଖେଳିଥିଲେ। ପ୍ରଥମ ସୁଯୋଗ ପାଇଥିବା ଅର୍ଶିନୀ କୁଲକର୍ଣ୍ଣି (୨୪ ବଲ୍‌ରୁ ୧୭ ରନ୍) ମନ୍ଥର ଖେଳିଥିଲେ ମଧ୍ୟ ପ୍ରଥମ ୱିକେଟ୍ ପାଇଁ ମାର୍ସଙ୍କ ସହ ୯୫ ରନ୍ ଉଠାଇଥିଲେ। ମାର୍ସ କିନ୍ତୁ ୨୦ ବଲ୍‌ରୁ ଅର୍ଦ୍ଧଶତକ ଓ ୪୯ ବଲ୍‌ରୁ ଶତକ ପୂର୍ଣ୍ଣ କରି ସଂଘର୍ଷରତ ଲକ୍ଷ୍ନେକୁ ଆଶା ଦେଖାଇଥିଲେ। ୯ଟି ଲେଖାଏଁ ଚୌକା ଓ ଛକା ମାରିଥିବା ମାର୍ସ ୫୬ ବଲ୍‌ରୁ ୧୧୧ ରନ୍ କରି ନିଜ ଦେଶର ଜୋସ ହାଜେଲଉଡ୍‌ଙ୍କ ଶିକାର ହୋଇଥିଲେ। ଶେଷକୁ ଅଧିନାୟକ ଋଷଭ ପନ୍ତ୍ (୧୦ ବଲ୍‌ରୁ ୩୨ ଅପରାଜିତ ରନ୍) ଏବଂ ନିକୋଲାସ ପୂରନ (୨୩ ବଲ୍‌ରୁ ୩୮ ରନ୍) ଆକ୍ରମଣାତ୍ମକ ଖେଳି ଦଳକୁ ୨୦୯ ରନ୍‌ରେ ପହଞ୍ଚାଇଥିଲେ।

ସଂକ୍ଷିପ୍ତ ସ୍କୋର: ଲକ୍ଷ୍ନେ ସୁପର୍ ଜାଏଣ୍ଟସ ୧୯ ଓଭରରେ ୨୦୯/୩ (ମିଚେଲ୍ ମାର୍ସ-୧୧୧, ନିକୋଲାସ ପୂରନ-୩୮, ଋଷଭ ପନ୍ତ୍-୩୨ ଅପରାଜିତ, କ୍ରୁନାଲ୍ ପାଣ୍ଡ୍ୟା-୧/୩୧, ଜୋସ ହାଜେଲଉଡ୍-୧/୪୯, ରସିଖ ସଲାମ-୧/୫୩)। ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୯ ଓଭରରେ ୨୦୩/୬ (ରଜତ ପଟିଦାର-୬୧, ଟିମ୍ ଡେଭିଡ୍-୪୦, ଦେବଦତ୍ତ ପଡିକଲ-୩୪, କ୍ରୁନାଲ୍ ପାଣ୍ଡ୍ୟା-୨୮ଅ, ରୋମାରିଓ ସେଫର୍ଡ-୨୩ଅ, ପ୍ରିନ୍ସ ଯାଦବ-୩/୩୩, ଶାହାବାଜ ଅହମଦ-୨/୩୩, ମହମ୍ମଦ ସାମି-୧/୩୩)।

## ଆୟରଙ୍କୁ ମିଳିବ ବଡ଼ ଦାୟିତ୍ୱ




ନୂଆଦିଲ୍ଲୀ,୮।୫: ଭାରତକୁ ୨୦୨୬ ଟି-୨୦ ବିଶ୍ୱକପ ଜିତାଇଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ନିଜ କ୍ୟାପିଟେନ୍ସି ପଦବୀ ହରାଇ ପାରନ୍ତି । ତାଙ୍କ ଖରାପ ଫର୍ମ ପାଇଁ ତାଙ୍କୁ ଦଳରୁ ବାଦ ଦିଆଯିବାର ଖବର ଶୁଣିବାକୁ ମିଳୁଛି । ସୂର୍ଯ୍ୟକୁମାରଙ୍କ ସ୍ଥାନରେ ଚୟନକର୍ତ୍ତା ଶ୍ରେୟସ ଆୟରଙ୍କୁ ଦଳର ନୂଆ ଅଧିନାୟକ ଭାବେ ନିଯୁକ୍ତ କରିବାକୁ ଚିନ୍ତା କରୁଥିବା ଖବରକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି।

ଏକ ଜାତୀୟ ଗଣ ମାଧ୍ୟମର ରିପୋର୍ଟ ଅନୁଯାୟୀ ଶ୍ରେୟର ଆୟାର ଭାରତର ଟି-୨୦ ଦଳର ଅଧିନାୟକ ହୋଇପାରନ୍ତି । ଚଳିତ ଆଇପିଏଲ ପରେ ଭାରତୀୟ ଚୟନକର୍ତ୍ତା ଟି-୨୦ ଦଳରେ କିଛି ନୂଆ ଖେଳାଳିଙ୍କୁ ସୁଯୋଗ ଦେବା ସହ ଦଳର ଅଧିନାୟକ ସୂର୍ଯ୍ୟକୁମାରଙ୍କୁ ମଧ୍ୟ ବାଦ ଦେଇପାରନ୍ତି । ସୂର୍ଯ୍ୟକୁମାରଙ୍କ କ୍ରମାଗତ ଖରାପ ପ୍ରଦର୍ଶନ ଚୟନ କମିଟି ପାଇଁ ଚିନ୍ତାର ବିଷୟ ପାଲଟିଛି । ଆଗାମୀ ଟି-୨୦ ବିଶ୍ୱକପ ପାଇଁ ଚୟନ କମିଟି ଏବେ ଠାରୁ ପ୍ରସ୍ତୁତି ଆରମ୍ଭ କରୁଛନ୍ତି । ଆଇପିଏଲ ପରେ ଭାରତ ଆୟାରଲ୍ୟାଣ୍ଡ ଗସ୍ତ କରିବ । ଏହି ସିରିଜରେ ଆୟର ଭାରତୀୟ ଦଳକୁ ଫେରିବା ସହ ଅଧିନାୟକ ଭୂମିକାରେ ମଧ୍ୟ ଦେଖିବାକୁ ମିଳିବେ।

ରିପୋର୍ଟ ଅନୁଯାୟୀ, ସୂର୍ଯ୍ୟକୁମାରଙ୍କ କ୍ୟାପିଟେନ୍ସିର ସମୟ ଶେଷ ହୋଇଯାଇଛି, ଏବେ ସେ କେବଳ ଜଣେ ବ୍ୟାଟ୍ସମ୍ୟାନ ଭାବେ ଦଳରେ ସୁଯୋଗ ପାଉଛନ୍ତି ନା ନାହିଁ ତାହା ମଧ୍ୟ କହିବ କଷ୍ଟକର । ତେବେ ସୂର୍ଯ୍ୟକୁମାର ଆଗାମୀ ଦୁଇ ବର୍ଷା ପର୍ଯ୍ୟନ୍ତ ଦଳର ଅଧିନାୟକ ଭାବେ ରହିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି କିନ୍ତୁ ତାଙ୍କ ଖରାପ ଫର୍ମ ତାଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି ।

ଶ୍ରେୟର ଆୟର ବର୍ତ୍ତମାନ ଭାରତୀୟ ଦଳର ଅଂଶ ନାହାନ୍ତି । ଦୀର୍ଘ ସମୟ ଧରି ଟି-୨୦ ଦଳରୁ ବାଦ ପଡିଛନ୍ତି ଆୟର । ଯଦି ତାଙ୍କୁ ଦଳର ଅଧିନାୟକ ରୂପେ କମ୍-ବ୍ୟାକ୍ କରିବାର ସୁଯୋଗ ମିଳେ ତେବେ ଏହା ପଛର କାରଣ ହେଉଛି ଆଇପିଏଲରେ ତାଙ୍କର ଚମତ୍କାର କ୍ୟାପିଟେନ୍ସିର ପ୍ରଦର୍ଶନ । ଶ୍ରେୟର ଆୟରଙ୍କ ପ୍ରତିନିଧିତ୍ୱରେ ଦିଲ୍ଲୀ ୨୦୨୦ ରେ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା । ଏହା ପରେ ୨୦୨୪ ରେ କୋଲକାତାର ଅଧିନାୟକ ରୂପେ ଆୟର କୋଲକାତାକୁ ଚାମ୍ପିଅନ କରାଇଥିଲେ । ୨୦୨୫ ଆଇପିଏଲ ସିଜିନରେ ପଞ୍ଜାବ ୧୦ ବର୍ଷ ପରେ ଫାଇନାଲରେ ପ୍ରବେଶ କରିଥିଲା । ଚଳିତ ବର୍ଷ ମଧ୍ୟ ପଞ୍ଜାବ ଚମତ୍କାର ପ୍ରଦର୍ଶନ ଜାରି ରଖିଛି ।

## କୋହଲିଙ୍କଠାରୁ ପରାମର୍ଶ ନେଇ ବିରାଟଙ୍କୁ ମାରିଲେ ତୀର

ବିରାଟ କୋହଲିଙ୍କୁ ଆଉଟ କରିବା ସବୁ ବୋଲରଙ୍କ ସ୍ୱପ୍ନ । ତାଙ୍କ ପ୍ରତିଦ୍ୱନ୍ଦୀ ଟିମର ସବୁ ବୋଲର ଚାହାନ୍ତି ବିରାଟଙ୍କ ୱିକେଟ୍ ନେବା ପାଇଁ । କିନ୍ତୁ ସମସ୍ତେ ଜାଣିଛନ୍ତି ବିରାଟଙ୍କ ୱିକେଟ୍ ନେବା ଏତେ ସହଜ ନୁହେଁ । ବିରାଟ ଜଣେ ଚତୁର ଖେଳାଳି, ଯିଏକି ବୋଲରଙ୍କ ଉପରେ ଭାରି ପଡନ୍ତି । କିନ୍ତୁ ପ୍ରିନ୍ସ ଯାଦବ ବିରାଟଙ୍କୁ ତାଙ୍କ ଜାଲରେ ଫସାଇଛନ୍ତି, ବିରାଟଙ୍କ ଠାରୁ ପରାମର୍ଶ ନେଇ ବିରାଟଙ୍କ ବିରୋଧରେ ସେହି ରଣନୀତି ବ୍ୟବହାର କରି ବିରାଟଙ୍କୁ ଆଉଟ କରିଛନ୍ତି ।ଆଇପିଏଲ ୨୦୨୬ ର ୫୦ ତମ ମ୍ୟାଚ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚରେ ପ୍ରିନ୍ସ ଯାଦବ, ବିରାଟ କୋହଲିଙ୍କୁ ଖାତା ଖୋଲିବାକୁ ଦେଇନଥିଲେ । ଦ୍ୱିତୀୟ ବଲରେ ବିରାଟଙ୍କୁ କ୍ଲିନ ବୋଲ୍ଡ କରିଦେଇଥିଲେ ପ୍ରିନ୍ସ । ପ୍ରିନ୍ସ ଯାଦବ ବିରାଟଙ୍କୁ ସେଇ ବଲରେ ଆଉଟ କରିଥିଲେ ଯାହା ବିଷୟରେ ବିରାଟ ତାଙ୍କୁ କହିଥିଲେ ।ଦ୍ୱିତୀୟ ଇନିଂସର ଦ୍ୱିତୀୟ ଓଭର ବୋଲିଂ କରିବାକୁ ଆସିଥିଲେ ପ୍ରିନ୍ସ ଯାଦବ । ଏହି ସମୟରେ ଷ୍ଟ୍ରାଇକରେ ଥିଲେ ବିରାଟ, ପ୍ରିନ୍ସ ଚତୁରତାର ସହ ପ୍ରଥମ ବଲ ଟି ଆଉଟ-ସୁଇଙ୍ଗ ବଲ ପକାଇଥିଲେ ଓ ପ୍ରଥମ ବଲ ମିସ କରିଥିଲେ ବିରାଟ। ଏହାର ପରବର୍ତ୍ତୀ ବଲ ସେ ଇନ-ସୁଇଙ୍ଗ ବଲ ଟି ପକାଇଥିଲେ ଓ ବଲ ଟିକୁ ପଢିବାରେ ଅସଫଳ ହୋଇଥିଲେ ବିରାଟ, ଯାହାଫଳରେ କ୍ଲିନ ବୋଲ୍ଡ ହୋଇଥିଲେ ।




ପ୍ରିନ୍ସ ଯାଦବ କହିଥିଲେ, 'ପୂର୍ବ ମ୍ୟାଚରେ ବିରାଟ ଭାଇଙ୍କ ସହ ବୋଲିଂ କୁ ନେଇ ଆଲୋଚନା କରୁଥିଲି । ସେ ମତେ କହିଥିଲେ କି ଯଦି ବଲ ଅଫଷ୍ଟମ୍ପ ଲାଇନରେ ଗତି ପରିବର୍ତ୍ତନ କରୁଛି ତେବେ ସେହି ଲାଇନରେ ବଲ ପକାଇବା ଦରକାର ।'ଏହା ସହ ଲକ୍ଷ୍ନୌ ନିଜ ଘରୋଇ ମୈଦାନରେ ଆରସିବିକୁ ୯ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ୧୯ ଓଭରରେ ୩ ୱିକେଟ୍ ହରାଇ ୨୦୯ ରନ ସଂଗ୍ରହ କରିଥିଲା । ବର୍ଷା ପାଇଁ ମ୍ୟାଚକୁ ୧୯ ଓଭରର କରଯାଇଥିଲା ଓ ୨୧୩ ରନର ଟାର୍ଗେଟ ଦିଆଯାଇଥିଲା । ଆରସିବି ୧୯ ଓଭରରେ ୬ ୱିକେଟ୍ ହରାଇ ୨୦୩ ରନ ସଂଗ୍ରହ କରିଥିଲା। ଏହି ମ୍ୟାଚରେ ଶତକ ହାସଲ କରିଥିବା ମିଚିଲ ମାର୍ଶଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଚୟନ କରାଯାଇଥିଲା । ପ୍ରିନ୍ସ ଯାଦବ ୩ ଟି ୱିକେଟ୍ ଓ ସହବାଜ ଅହମଦ ୩ ଟି ୱିକେଟ୍ ନେବାରେ ସଫଳ ହୋଇଥିଲେ।

## ଜୁଲିଆନ ମେଥେରେଲ୍ ହେଲେ ଏମ୍‌ସିସିର ନୂଆ ସଭାପତି

ନୂଆଦିଲ୍ଲୀ,୯।୫: ଚଳିତ ଅକ୍ଟୋବରରୁ ଆଗାମୀ ତିନି ବର୍ଷ ପାଇଁ ମେଲବର୍ନ କ୍ରିକେଟ କ୍ଲବ (ଏମସିସି) ର ପରବର୍ତ୍ତୀ ସଭାପତି ହେବାକୁ ଯାଉଛନ୍ତି ଦି ହଣ୍ଡ୍ରେଡ୍ ଫ୍ରାଞ୍ଚାଇଜି ଲଣ୍ଡନ ସ୍ପିରିଟର ଅଧକ୍ଷ ଜୁଲିଆନ ମେଥେରେଲ୍ । ବର୍ତ୍ତମାନ ମେଲବର୍ନ କ୍ରିକେଟ କ୍ଲବ (ଗଉଉ) ର ସଭାପତି ଅଛନ୍ତି ଇଂଲଣ୍ଡର ପୂର୍ବତ୍ତନ ବ୍ୟାଟ୍ସମ୍ୟାନ ଏଡ଼ ସ୍ମିଥ। ଜୁଲିଆନ ମେଥେରେଲ୍ ଗତ ୪୦ ବର୍ଷ ଧରି ମେଲବର୍ନ କ୍ରିକେଟ କ୍ଲବର ସଦସ୍ୟ ଅଛନ୍ତି । ୨୦୨୫ ଏଜିଏମରେ ସଦସ୍ୟଙ୍କ ଅନୁମୋଦନ କ୍ରମେ ସେ ଏହି କମିଟିରେ ଯୋଗ ଦେଇଛନ୍ତି ଓ ସ୍ମିଥ ତାଙ୍କୁ ନୂତନ ଅଧକ୍ଷ ରୂପେ ମନୋନୀତ ମଧ୍ୟ କରିଛନ୍ତି।



୧୭୮୭ ମସିହାରେ ସ୍ଥାପିତ ମେଲବର୍ନ କ୍ରିକେଟ କ୍ଲବ ହେଉଛି ବହୁ ପ୍ରତିଷ୍ଠିତ ଲର୍ଡସ କ୍ରିକେଟ ଗ୍ରାଉଣ୍ଡର ମାଲିକ । ଏହା ସହ ମେଲବର୍ନ କ୍ରିକେଟ କ୍ଲବ, କ୍ରିକେଟ ନିୟମର ସୁପରିଚାଳନା ଦିଗରେ ମଧ୍ୟ କାର୍ଯ୍ୟରତ । ମେଥେରେଲ୍ କହିଛନ୍ତି, 'ଗଉଉ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ମୋ ପାଇଁ ଗର୍ବର ବିଷୟ । ପୂର୍ବରୁ ଅନେକ କ୍ରିକେଟ ଆଇକନ ଏହି ପଦବୀରେ କାର୍ଯ୍ୟଭାର ସମ୍ଭାଳିଛନ୍ତି, ମୁଁ ସେହି ରାସ୍ତାକୁ ଅନୁସରଣ କରିବାକୁ ଚେଷ୍ଟା କରିବି। ମୋର ଗଉଉ ସହିତ ଦୀର୍ଘ ସମୟ ଧରି ସମ୍ପର୍କ ରହିଛି ଓ ଲର୍ଡସରେ ମୋର ଅନେକ ସ୍ମୃତି ରହିଛି ଯାହା ମୋ ପାଇଁ ସ୍ମରଣୀୟ ।'

## ବୈଭବ ଟେଷ୍ଟ ଖେଳିବା ଦରକାର : ଚେତେଶ୍ୱର ପୂଜାରା

ନୂଆଦିଲ୍ଲୀ,୮।୫: ରାଜସ୍ଥାନ ରୟାଲ୍ସର ଯୁବ ବ୍ୟାଟ୍ସମ୍ୟାନ ବୈଭବ ସୂର୍ଯ୍ୟବଂଶୀ ନିଜ ବିସ୍ଫୋରକ ବ୍ୟାଟିଂକୁ ନେଇ ବର୍ତ୍ତମାନ ଚର୍ଚ୍ଚାରେ ଅଛନ୍ତି । ଖୁବଶୀଘ୍ର ତାଙ୍କୁ ଭାରତୀୟ ଟି-୨୦ ଦଳରେ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି । ଭାରତର ପୂର୍ବତନ କ୍ରିକେଟର ଚେତେଶ୍ୱର ପୂଜାରାଙ୍କ କହିବା ଅନୁଯାୟୀ ଯଦି ବୈଭବ ସୂର୍ଯ୍ୟବଂଶୀଙ୍କୁ ଠିକ ସୁଯୋଗ ମିଳେ ତେବେ ତାଙ୍କୁ ଟେଷ୍ଟ ଖେଳିବା ଦରକାର । ରାହୁଲ ଦ୍ରାବିଡ଼ଙ୍କ ପରେ ଟେଷ୍ଟରେ ଭାରତ ପାଇଁ କାନ୍ଥ ବୋଲି କୁହାଯାଉଥିବା ପୂଜାରା କହିଛନ୍ତି ଟେଷ୍ଟ ଖେଳିବାର ଇଚ୍ଛା ଭାରତର ସବୁ ଯୁବ ଖେଳାଳିଙ୍କ ଭିତରେ ରହିବା ଦରକାର । ସେ କହିଛନ୍ତି ବୈଭବ ଟେଷ୍ଟ କ୍ରିକେଟ ଖେଳନ୍ତୁ । ଚଳିତ ଆଇପିଏଲ ସିଜିନରେ ବୈଭବ ରାଜସ୍ଥାନ ପାଇଁ ସର୍ବାଧିକ ରନ ସଂଗ୍ରହ କରିଛନ୍ତି । ସେ ବର୍ତ୍ତମାନ ସୁଦ୍ଧା ୧୦ ଟି ଇନିଂସରେ ୪୦୪ ରନ ସଂଗ୍ରହ କରିଛନ୍ତି । ପୂଜାରା କହିଛନ୍ତି କି ବୈଭବ ଯେଉଁଭଳି ବ୍ୟାଟିଂ କରୁଛନ୍ତି ତାଙ୍କୁ ଖୁବ ଶୀଘ୍ର ଭାରତ ପାଇଁ ଖେଳିବାର ସୁଯୋଗ ମିଳିବ । ପୂଜାରା ଏକ ଇଣ୍ଟରଭିଉରେ କହିଛନ୍ତି, 'ବୈଭବ ଏଭଳି ଜଣେ ବ୍ୟାଟ୍ସମ୍ୟାନ ଯିଏ ଟି-୨୦ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି, ଯାହାଫଳରେ ତାଙ୍କୁ ଖୁବ ଶୀଘ୍ର ଭାରତୀୟ ଦଳରେ ଖେଳିବାର ସୁଯୋଗ ମିଳିବ । ସେ ଟେଷ୍ଟ ଖେଳିବେ ନା ନାହିଁ ତାହା ସମୟ କହିବ । ଯଦି ତାଙ୍କ ପାଖରେ ପ୍ରତିଭା, ସୁଯୋଗ ଓ ସମୟ ଅଛି ଓ ଏହା ସହ ସେ ନିଜ ସ୍ୱାଭାବିକ ଖେଳ ଖେଳିବାକୁ ସକ୍ଷମ ହୁଅନ୍ତି ତେବେ ତାଙ୍କୁ ନିଶ୍ଚିତ ରୂପେ ଟେଷ୍ଟ କ୍ରିକେଟ ଖେଳିବା ଦରକାର । କାରଣ କ୍ରିକେଟରେ ଟେମ୍ପେମେଣ୍ଟ, ଯୋଗ୍ୟତା ଓ ସମ୍ମାନ, ଯାହାପାଇଁ ସମସ୍ତେ କ୍ରିକେଟ ଖେଳାଳି ତାହା ଟେଷ୍ଟ କ୍ରିକେଟରେ ମିଳିଥାଏ । ଏଥିପାଇଁ ଟେଷ୍ଟ କ୍ରିକେଟ ସବୁ ଯୁବ କ୍ରିକେଟଙ୍କ ମନରେ ରହିବା ଦରକାର।'

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iþû\K: iêeRòZþ Kêcûe ]k